NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
21 APRIL 2026
ମଙ୍ଗଳବାର
୨୧ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 333 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୩୩୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଘାଟିରୁ ତଳକୁ ଖସିଲା ବସ୍, ୧୮ ମୃତ

**ଉଧମପୁର, ୨୦।୪/ଏଜେନ୍ସି:**



ଜମ୍ମୁ-କାଶ୍ମୀରର ଉଧମପୁର ଜିଲ୍ଲାରେ ସୋମବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଜିଲ୍ଲାର ରାମନଗର ଅଞ୍ଚଳର କନୋତ୍ ପ୍ରାନ୍ତରେ ଏକ ଯାତ୍ରୀବୋଝେଇ ବସ୍ ଭାରସାମ୍ୟ ହରାଇ ପାହାଡ଼ ଉପରୁ ତଳକୁ ଖସିପଡ଼ିବା ଫଳରେ ଅତିକମ୍‌ରେ ୧୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ସକାଳ ପ୍ରାୟ ୧୦ଟା ସମୟରେ ରାମନଗର ଅଞ୍ଚଳର କାଗୋର୍ଟ ଗ୍ରାମ ନିକଟରେ ଏକ ବୁଲାଣିରେ ଯାଉଥିବା ବେଳେ ଡ୍ରାଇଭର ବସ୍ ଉପରୁ ଭାରସାମ୍ୟ ହରାଇଥିଲେ । ଯାହାଫଳରେ ବସ୍‌ଟି ପାହାଡ଼ ତଳକୁ ଗଡ଼ିଯାଇଥିଲା । ବସ୍‌ଟି ଏକ ଦୂରବର୍ତ୍ତୀ ଗ୍ରାମରୁ ▶▶ ୬

## ଭୋଟର୍ ତାଲିକାରୁ ବାଦ୍ ପଡ଼ିଛନ୍ତି ୯.୮ ଲକ୍ଷ ମତଦାତା: ସିଇଓ

### ଭୁଲ୍‌ବଶତଃ କଟିଥିଲେ ଫର୍ମ-୬ରେ ନାମ ଯୋଡ଼ି ହେବ

**ଭୁବନେଶ୍ୱର,୨୦/୪,ଏନ୍‌ଏନ୍‌ଏସ୍:**



ରାଜ୍ୟରେ ୯୫% ମ୍ୟାପିଙ୍ଗ୍ ସରିଛି । ଭୋଟର୍ ତାଲିକାରୁ କଟିଛି ୯.୮ ଲକ୍ଷ ମତଦାତାଙ୍କ ନାଁ । ଏହାର କାରଣ ହେଉଛି, ବହୁତ ଲୋକଙ୍କର ମୃତ୍ୟୁ ହେବା ସହ ଅଧିକାଂଶ ଲୋକ ଗାଁ ଛାଡ଼ି ସହରକୁ ପଳାଇଛନ୍ତି । ତେଣୁ ଦୁଇଟି ସ୍ଥାନରେ ନାଁ ରହିବା ଯୋଗୁଁ ତାଲିକାରୁ ବାଦ୍ ଦିଆଯାଇଛି । ଦୀର୍ଘ ୨୩ ବର୍ଷ ପରେ ବିଏଲ୍‌ଓମାନେ ଘରକୁ ଘର ଯାଇ ଯାଞ୍ଚ କରିବା ପରେ ଏହି ପଦକ୍ଷେପ ନିଆଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍ ଏସ୍ ଗୋପାଳନ ଏହା ସ୍ପଷ୍ଟ କରିଛନ୍ତି । ଜାନୁଆରୀ ୧ରୁ ମାର୍ଚ୍ଚ ଶେଷ ଭିତରେ ଭୋଟର୍ ତାଲିକାରେ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଛି । ଏତେ ସଂଖ୍ୟାରେ ନାଁ କଟାଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ଗଣମାଧ୍ୟମ ଏହି ତଥ୍ୟ ରଖିବାକୁ ବାଧ୍ୟ ହୋଇଛନ୍ତି । ସିଇଓ କହିଛନ୍ତି ଯେ, ପୂର୍ବ ବର୍ଷମାନଙ୍କରେ ଭୋଟର୍ ତାଲିକାରୁ ▶▶ ୬

### ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ

## ମହାପ୍ରଭୁଙ୍କ ରଥ ନିର୍ମାଣର ଶୁଭ ଅନୁକୂଳ



**ପୁରୀ,୨୦।୪/ଏନ୍‌ଏନ୍‌ଏସ୍:**

ପବିତ୍ର ଅକ୍ଷୟ ତୃତୀୟ ଅବସରରେ ଆଜି ପୁରୀରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣର ଶୁଭ ଅନୁକୂଳ ହୋଇଛି । ଏହା ସହିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହୋଇଛି । ଏହି ଅବସରରେ ଆଜି ଶ୍ରୀମନ୍ଦିରରେ ବିଶେଷ ନୀତି ମଧ୍ୟ ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁଙ୍କ ସକାଳଧୂପ ପରେ ଯାତ୍ରାଙ୍ଗୀ ମହାସ୍ନାନ ଅନୁଷ୍ଠିତ ହୋଇଥିଲା । ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭ କେଜି ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର, ମୁଦିରସ୍ଥ ଏବଂ ୩ ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଇବା ପରେ ସର୍ବାଙ୍ଗ ଚନ୍ଦନଲାଗି ହୋଇଥିଲା ।

ରଥ ଅନୁକୂଳ ପାଇଁ ୩ ବାଡ଼ରୁ ୩ ପୂଜାପଣ୍ଡା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥିଲେ । ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ରଖାଯାଇଥିଲା । ଅପରାହ୍ନ ୫ଟା ୨୦ରେ ରଥ ଖଳାକୁ ଆଜ୍ଞାମାଳ ବିଜେ ସହ ବିମାନ ଉଠିଥିଲା । ତିନିଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥ ଖଳାରେ ପହଞ୍ଚିବା ପରେ ତିନି ରଥର ତିନି ମୁଖ୍ୟ ବିଶ୍ୱକର୍ମାଙ୍କୁ ପ୍ରଦାନ କରିଥିଲେ । ଏହା ପୂର୍ବରୁ ରଥ ନିର୍ମାଣ ପାଇଁ ଦେଉଳ ପୁରୋହିତ ଓ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯାଗ ପଦ୍ଧତିରେ ହୋମ କରାଯାଇଥିଲା । ବ୍ୟାରିକେଡ୍ ମଧ୍ୟରେ ୩ ଖଣ୍ଡ ଧଉରା କାଠ ରଖାଯାଇଥିଲା । ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ବିଶ୍ୱକର୍ମା ମହାରଣାଙ୍କୁ ପ୍ରଦାନ କରିବା ପରେ ଜଳ ସିଞ୍ଚନ କରାଯାଇ ସୁବର୍ଣ୍ଣ କୁରାଢ଼ୀ ଦ୍ୱାରା ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ପ୍ରତୀକ ସିଂ, ଛତିଶା ନିଯୋଗ ମହାନାୟକ, ବରିଷ୍ଠ ▶▶ ୬

# ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୪/ଏନ୍‌ଏନ୍‌ଏସ୍:**





ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର (ସିଆର୍‌ଆର୍‌ଆଇ) ଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି । ଏହି ଅବସରରେ ସେ ସିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ରାଜ୍ୟର ୪୧,୬୮, ୫୮୨ ଜଣ ଚାଷୀଙ୍କୁ ମୋଟ୍ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏଥିସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ । ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ 'ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ । ସୂଚନା ଯୋଗ୍ୟଯେ, କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ "ଆମ ବିହନ ରଥ" ବା 'ସିଡ୍‌ସ୍ ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ରଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ । ୫ କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭାଇ ଓ ଭଉଣୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି । ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ୍-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ସେ କହିଥିଲେ ଯେ, କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଏବଂ ଏହି ଯୋଜନା ତାହାର ଏକ ଉତ୍କୃଷ୍ଟ ଉଦାହରଣ । ସୂଚନାଯୋଗ୍ୟ ଯେ ଏହି ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ । ୪୧,୦୪୯ ଜଣ ହେଉଛନ୍ତି ଭୂମିହୀନ କୃଷକ ପରିବାରର ଚାଷୀ ଏବଂ ୩,୨୯୨ ଜଣ ହେଉଛନ୍ତି ଜନଜାତି କୃଷକ ପରିବାରର ଚାଷୀ । ନୂଆ ସରକାର କ୍ଷମତାକୁ ଆସିବା ପରେ କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩%କୁ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ । ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି । ସେ ଏହି ସଫଳତା ପାଇଁ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ । ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି । ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍‌ପୁଟ ସହାୟତା ଦିଆଯାଇଛି । କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି । ▶▶ ୬

### ଚାଷୀଙ୍କୁ ଶୁଭେଚ୍ଛା ସହ ଦେଲେ ବଡ଼ ଉପହାର

- ୪୧.୬୮ ଲକ୍ଷରୁ ଅଧିକ ଚାଷୀଙ୍କୁ ୮୩୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଡିବିଟି
- ଶୁଭାରମ୍ଭ ହେଲା 'ଆମ ବିହନ ରଥ': ଏଣିକି ଗାଁ ଗାଁରେ ମିଳିବ ଉନ୍ନତ ମାନର ବିହନ

## ଛତିଶଗଡ଼ ଜଙ୍ଗଲରେ ବିମାନ ଦୁର୍ଘଟଣା ଏକ ଗୁଜବ !

**ରାୟପୁର,୨୦।୪/ଏଜେନ୍ସି:**

ଛତିଶଗଡ଼ର ଜଶପୁର ଜିଲ୍ଲାର ନାରାୟଣପୁରର ରତନପାହଲି ଜଙ୍ଗଲରେ ଏକ ଛୋଟ ଘରୋଇ ବିମାନ (ଏକ ଛୋଟ ସିଙ୍ଗଲ୍-ଇଞ୍ଜିନ୍ ବିଶିଷ୍ଟ) ଦୁର୍ଘଟଣାଗ୍ରସ୍ତ ହୋଇଛି । ଏପରିକି ଏହି ଦୁର୍ଘଟଣାରେ ବିମାନରେ ଥିବା ଉଭୟ ପାଇଲଟ୍ ମୃତ୍ୟୁବରଣ କରିଛନ୍ତି ଏବଂ ବିମାନଟି ସମ୍ପୂର୍ଣ୍ଣ ଜଳିଯାଇଛି । ବିମାନଟି ଭୂମିରୁ ପ୍ରାୟ ୩୦ ଫୁଟ ଉଚ୍ଚରେ ଉଡୁଥିବା ସମୟରେ ଏକ ଗଛରେ ପିଟି ହୋଇଯିବାରୁ ଦୁର୍ଘଟଣା ଘଟିଥିଲା । ଏପ୍ରକାର କିଛି ସୂଚନା ଦେଇଥିଲେ ଜଶପୁର ପୁଲିସ୍ ଅଧିକ୍ଷକ (ଏସ୍‌ପି) । କିନ୍ତୁ ଏସ୍‌ପିଙ୍କ ଏପ୍ରକାର ସୂଚନା ସାମ୍ନାକୁ ଆସିବାର କିଛି ଘଣ୍ଟା ମଧ୍ୟରେ ରାଜ୍ୟ ସରକାର କିନ୍ତୁ ଏହାକୁ ଏକ ଗୁଜବ କହି ଏପ୍ରକାର କୌଣସି ବିମାନ ଦୁର୍ଘଟଣାକୁ ଅସ୍ୱୀକାର ▶▶ ୬

## ଆଜି ଆସୁଛନ୍ତି ରାଷ୍ଟ୍ରପତି

### ସଜେଇ ହୋଇଛି ରାଉରକେଲା

**ଭୁବନେଶ୍ୱର, ୨୦।୪/ଏନ୍‌ଏନ୍‌ଏସ୍:**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର (୨୧ ଏପ୍ରିଲ, ୨୦୨୬)ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଦିନିକିଆ ଗସ୍ତରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଉରକେଲା ଠାରେ ଏକ ପ୍ଲାନେଟୋରିୟମ୍ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏତଦ୍‌ବ୍ୟତୀତ ସେ ଏଠାରେ ଆୟୋଜିତ ହେବାକୁ ଥିବା ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ । ରାଷ୍ଟ୍ରପତି ରାଉରକେଲା ଠାରେ ଏକ ଜନଜାତି ସଂଗ୍ରହାଳୟ ଏବଂ କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସଜେଇ ହୋଇଛି ଇସ୍ପାତ ସହର । ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏୟାରପୋର୍ଟ ପାଖ ପଡିଆରେ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ହୋଇଛି । ଏପରିକି ରାଉରକେଲା ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ▶▶ ୬

## ଏଚ୍‌ପିସିଏଲ୍ ରିଫାଇନାରୀରେ ଅଗ୍ନିକାଣ୍ଡ

### ପ୍ରଧାନମନ୍ତ୍ରୀଙ୍କ ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବାତିଲ

**ବାଡ଼ମେର/ବାଲୋତରା(ରାଜସ୍ଥାନ), ୨୦।୪/ଏଜେନ୍ସି:**



ରାଜସ୍ଥାନର ବାଡ଼ମେର ନିକଟସ୍ଥ ବାଲୋତରା ଠାରେ ଥିବା ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ଏଚ୍‌ପିସିଏଲ୍)ର ରିଫାଇନାରୀ ୟୁନିଟ୍‌ରେ ସୋମବାର ଅପରାହ୍ନ ୨ଟା ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସୂଚନା ଅନୁଯାୟୀ, ରିଫାଇନାରୀରେ ଅଶୋଧିତ ତୈଳର ଶୁଦ୍ଧିକରଣ ପ୍ରକ୍ରିୟା ଚାଲିଥିବା ବେଳେ ଏହାର ଦୁଇଟି ୟୁନିଟ୍‌ରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିଥିବା ଦୁଇ ୟୁନିଟ୍ ହେଉଛି କ୍ରୁଡ୍ ଡିଷ୍ଟିଲେସନ୍ ୟୁନିଟ୍ (ଯେଉଁଠାକୁ ପାଇପଲାଇନ ଜରିଆରେ ପ୍ରଥମେ କଞ୍ଚା ତେଲ ଆସିଥାଏ) ଏବଂ ଭାକ୍ୟୁମ୍ ଡିଷ୍ଟିଲେସନ୍ ୟୁନିଟ୍ (ଯେଉଁଠି ତେଲକୁ ଅଧିକ ଫିଲ୍ଟର ବା ପରିଷ୍କାର କରାଯାଇଥାଏ) । ଏହି ଦୁଇଟି ୟୁନିଟ୍ ହେଉଛି ରିଫାଇନାରୀର ମୁଖ୍ୟ ଅଂଶ, ଯେଉଁଠାରେ ପ୍ରାଥମିକ ଭାବେ ତେଲ ବିଶୋଧନ ପ୍ରକ୍ରିୟା ଆରମ୍ଭ ହୁଏ । ତେବେ ୟୁନିଟ୍‌ରୁ ଧୂଆଁ ବାହାରୁଥିବା ଦେଖି କର୍ମଚାରୀମାନେ ତୁରନ୍ତ ଫାୟାର ସେଫ୍ଟି ସିଷ୍ଟମ ଚାଲୁ କରିଥିଲେ । ଏହାପରେ ଘଟଣାସ୍ଥଳରେ ପହଞ୍ଚିଥିବା ଦମକଳ ବାହିନୀ ଦୀର୍ଘ ସମୟର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ଏହି ସମୟ ମଧ୍ୟରେ ୟୁନିଟ୍‌ରୁ ପ୍ରବଳ ନିଆଁର ଶିଖା ବାହାରୁଥିଲା । ପ୍ରାୟ ୭୯,୪୫୯ କୋଟି ଟଙ୍କା ବ୍ୟୟରେ ▶▶ ୬

### ସ୍ପଷ୍ଟୀକରଣ ରଖିଲେ ଆମେରିକା ରାଷ୍ଟ୍ରପତି

## ଇରାନ୍ ସହ ଯୁଦ୍ଧ ମୋର ନିଜସ୍ୱ ନିଷ୍ପତ୍ତି: ଟ୍ରମ୍ପ୍

**ୱାଶିଂଟନ୍, ତେହରାନ୍, ୨୦।୪/ଏଜେନ୍ସି:**





ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ଏକ ବଡ ସ୍ପଷ୍ଟୀକରଣ ଦେଇଛନ୍ତି । ସେ କହିଛନ୍ତି ଯେ ଇରାନ ବିରୁଦ୍ଧରେ ଯୁଦ୍ଧର ନିଷ୍ପତ୍ତି ତାଙ୍କର ନିଜସ୍ୱ ଥିଲା ଏବଂ ଏଥିପାଇଁ ଇସ୍ରାଏଲ ତାଙ୍କୁ ଉସୁକାଇ ନାହିଁ । ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ରୋକିବା ଏବଂ ୭ ଅକ୍ଟୋବର ୨୦୨୩ର ହମାସ ଆକ୍ରମଣ ଘଟଣା ହିଁ ତାଙ୍କୁ ଏପ୍ରକାର ନିଷ୍ପତ୍ତି ନେବାକୁ ବାଧ୍ୟ କରିଥିଲା । ତେବେ ଏହିପ୍ରସଙ୍ଗରେ ଗଣମାଧ୍ୟମ ମିଥ୍ୟା ଖବର ପ୍ରସାରଣ କରୁଥିବା ସେ ଅଭିଯୋଗ କରିଛନ୍ତି ।

ଇରାନ ଏବଂ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାକୁ ନେଇ ଯେଉଁଠି ଅନିଶ୍ଚିତତା ଲାଗି ରହିଛି, ସେଠାରେ ଟ୍ରମ୍ପ ଆଜି ପୁନର୍ବାର ଦାବି କରିଛନ୍ତି ଯେ ଇରାନ ସହ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଆଜି ପାକିସ୍ତାନରେ ସ୍ୱାକ୍ଷରିତ ହୋଇପାରେ । ଏହି ସମୟରେ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକ୍‌ଭି ଏବଂ ଇରାନର ରାଷ୍ଟ୍ରଦୂତଙ୍କ ମଧ୍ୟରେ ଆଞ୍ଚଳିକ ତିକ୍ତତା ହ୍ରାସ କରିବା ପାଇଁ ଆଲୋଚନା ହୋଇଛି ବୋଲି ଜଣାପଡିଛି । ତେବେ ଯଦିଓ ଆଲୋଚନା ମାଧ୍ୟମରେ ଏକ ୬୦ ଦିନିଆ ଅସ୍ଥାୟୀ ଚୁକ୍ତି କରିବାକୁ ପ୍ରୟାସ କରାଯାଉଛି, କିନ୍ତୁ ଇରାନ୍ ଆମେରିକାର ନୌସେନା ଅବରୋଧକୁ ନେଇ ଅସନ୍ତୋଷ ପ୍ରକାଶ କରିଛି । ଆମେରିକା ଏବଂ ଇରାନ୍ ମଧ୍ୟରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ମଧ୍ୟ ଟ୍ରମ୍ପଙ୍କୁ ଜଣାଇଛନ୍ତି ଯେ, ▶▶ ୬

### ଆମେରିକା-ଇରାନ ଚୁକ୍ତିକୁ ନେଇ ଆଶଙ୍କା, ବୃଦ୍ଧି ପାଇଲା ତୈଳଦର

## ଜେଇଇ ମେନ୍-୨୦୨୬ ସେସନ-୨ ରେଜଲ୍ଟ ପ୍ରକାଶିତ

**ନୂଆଦିଲ୍ଲୀ,୨୦।୪/ଏଜେନ୍ସି:**

ସୋମବାର ପ୍ରକାଶ ପାଇଛି ଜେଇଇ ମେନ୍ ୨୦୨୬ ସେସନ୍-୨ ପରୀକ୍ଷା ଫଳ । ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ପରିଚାଳିତ ଏହି ପ୍ରବେଶିକା ପରୀକ୍ଷା ଦେଇଥିବା ଲକ୍ଷ ଲକ୍ଷ ଛାତ୍ରୀଛାତ୍ରୀଙ୍କ ଅପେକ୍ଷାର ଅନ୍ତ ଘଟିଛି । ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ଅଫିସିଆଲ୍ ୱେବସାଇଟ୍‌କୁ ଯାଇ ଫଳାଫଳ ଦେଖିପାରିବେ ଏବଂ ନିଜ ଆପ୍ଲିକେସନ୍ ନମ୍ବର ଓ ଜନ୍ମ ତାରିଖ ବ୍ୟବହାର କରି ସ୍କୋରକାର୍ଡ ଡାଉନଲୋଡ୍ କରିପାରିବେ । ଚଳିତ ଥର ପ୍ରାୟ ୧୧.୨୩ ଲକ୍ଷ ଆଶାୟୀ ଜେଇଇ ମେନ୍ ୨୦୨୬ ସେସନ-୨ରେ ଅଂଶଗ୍ରହଣ କରିଥିଲେ । ଭାରତର ପ୍ରାୟ ୩୦୪ଟି ସହରର ୫୬୬ଟି କେନ୍ଦ୍ର ଏବଂ ବିଦେଶର ୧୪ଟି ସ୍ଥାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଆଇଆଇଟି ଭଳି ପ୍ରତିଷ୍ଠାନରେ ଆଡମିସନ୍ ପାଇବା ପାଇଁ ଜେଇଇ ମେନ୍ ଦେଶର ସବୁଠାରୁ ବଡ଼ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଗୋଟିଏ । ପ୍ରତିବର୍ଷ, ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ପ୍ରବେଶ ପାଇଁ ଏହି ପରୀକ୍ଷା ଦେଇଥାଆନ୍ତି । ସେସନ୍-୧ ଏବଂ ସେସନ୍-୨ ର ମିଳିତ ପ୍ରଦର୍ଶନ ଆଧାରରେ ଶୀର୍ଷ ୨.୫ ଲକ୍ଷ ପରୀକ୍ଷାର୍ଥୀ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ ।

# ପଥର ବୋଝେଇ ଟ୍ରକ୍ ଧକ୍କାରେ ୩ ଗୋରୁ ମୃତ



**ଖୋର୍ଦ୍ଧା,୨୦।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ଅନ୍ତର୍ଗତ ବଡପୋଖରୀ ଟାଙ୍ଗି ସାହିରେ ଆଜି ଏକ ହୃଦୟବିଦାରକ ଘଟଣା ଘଟିଛି । ପଥର ବୋଝେଇ ଏକ ଦ୍ରୁତଗାମୀ ଗାଡିର ଧକ୍କାରେ ୩ଟି ଗୋମାତାଙ୍କ ମୃତ୍ୟୁ ଘଟିଛି । ଘଟଣା ପରେ ଚାଳକ ଗାଡି ସହ ଫେରାର ହୋଇଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିଦିନ ମଧ୍ୟରାତ୍ର ସମୟରେ ଏହି ଅଞ୍ଚଳରେ ବେଆଇନ ପଥର ଚୋରାଚାଲାଣ ଚାଲିଛି । ପଥର ମାଫିଆମାନେ ଭାରୀ ଯାନବାହନକୁ ଗାଁ ଭିତରୁ ବେପରୁଆ ଗତିରେ ଚଳାଉଥିବାରୁ ପଶୁମୃତ୍ୟୁ ସହ ମାନବଜୀବନ ମଧ୍ୟ ବିପଦରେ ପଡୁଛି । ଗାଁର ରାସ୍ତାରେ ଶୋଇଥିବା ବୁଲା କୁକୁର ଓ ଗୋମାତାମାନେ ପ୍ରାୟସଃ ଏହିପରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏହା ସହିତ, ଗାଁର ଛୋଟପିଲା ଓ ବରିଷ୍ଠ ନାଗରିକମାନେ ଏହି ରାସ୍ତା ଦେଇ ଯାଆସୁ କରୁଥିବାରୁ ଆଗାମୀଦିନରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ବଢ଼ିଛି । ପୂର୍ବରୁ ମଧ୍ୟ ଏଠାରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କଠୋର ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହେଉଛି । ସ୍ଥାନୀୟ ଗ୍ରାମବାସୀମାନେ ଏହି ଘଟଣାକୁ ନେଇ ତୀବ୍ର ଆକ୍ରୋଶ ପ୍ରକାଶ କରି ନିରାକାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେମାନଙ୍କ ଦାବି, ଅବିଳମ୍ବେ ବେଆଇନ ପଥର ଚୋରାଚାଲାଣ ଉପରେ ରୋକ ଲଗାଯାଉ ଓ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । ଯଦି ପୋଲିସ ପକ୍ଷରୁ ଶୀଘ୍ର କୌଣସି ପଦକ୍ଷେପ ନ ନିଆଯାଏ, ତେବେ ଗାଁ ଲୋକେ ଆନ୍ଦୋଳନକୁ ଉତ୍ତୀର୍ଣ୍ଣ ହେବାକୁ ଚେତାବନୀ ଦେଇଛନ୍ତି ।

# ଧଳାଜହର, ଖଣ୍ଡା ଜବତ, ୨ ଗିରଫ

**ଖୋର୍ଦ୍ଧା,୨୦।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗାନ୍ଧୀପଡିଆ ଅଞ୍ଚଳରେ ଆଦର୍ଶ ଥାନା ପୁଲିସ ଚଢ଼ାଉକରି ୫ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ୪ଟି ଖଣ୍ଡା, ଗୋଟିଏ ନୀଳ ରଙ୍ଗର ଆଇ ଫୋନ୍, ୧୩ ମୋବାଇଲ୍ ଫୋନ୍, ଗୋଟିଏ ଟିଭିଏସ୍ କମ୍ପାନୀର ଆପାଚି ମୋଟରସାଇକେଲ, ୪ଟି ଲୁହା ଖଣ୍ଡା, ୫ଗୋଟି ଭିଭୋ ଭି ୫୦ଇ ମୋବାଇଲ୍ ଫୋନ୍, ଗୋଟିଏ ହିରୋ ସ୍ପ୍ଲେଣ୍ଡର୍ ମୋଟର ସାଇକେଲ ସମେତ ନଗଦ ୨୫ ହଜାର ଟଙ୍କା ଜବତ କରିଛି । ଏଥିସହିତ ଦୁଇ ବ୍ୟବସାୟୀଙ୍କୁ ଗିରଫକରି ଆଦର୍ଶ ଥାନା କୋର୍ଟ ଚାଲାଣ କରିଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ସୂଚନା ଅନୁଯାୀ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗାନ୍ଧୀ ପଡିଆ ଓ ଠେଙ୍ଗୋହାଟ ସାମନ୍ତରାପୁରରେ ଧଳା ଜହର ବ୍ୟବସାୟର ହବ୍ ସ୍ଥଳୀ ପାଲଟିଥିବା ବେଳେ ଏହି ଅଞ୍ଚଳରେ ପ୍ରାୟ ପ୍ରତି ମାସରେ ଜିଲ୍ଲା ପୁଲିସ ଓ ଅବକାରୀ ବିଭାଗ ଚଢ଼ଉକରି ଆସୁଛି । କିନ୍ତୁ ଏହି ନିଶା କାରବାରରେ ଲିପ୍ତ ରହିଥିବା ସରଦାର ପାଖରେ ପୁଲିସ ପହଞ୍ଚି ପାରୁନଥିବା ହେତୁ ଖୁଚୁରା ବ୍ୟବସାୟୀ ଜେଲ ଯିବା ପାଇଁ ଭୟ ନକରି ବହୁ ଦମ୍ଭର ସହିତ ନିଶା କାରବାରକୁ ବିସ୍ତାର କରିବାରେ ଲାଗିଛନ୍ତି । ଏହାକୁ ରୋକ୍ ଦେବାରେ ଜିଲ୍ଲା ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ କେତେବେଳେ କାଁ ଭାଁ ୫ ଗ୍ରାମ ଓ ୧୦ ଗ୍ରାମ ଧଳା ଜହର ଜବତକରି ପ୍ରଚାର ପ୍ରସାର କରିବାରେ ଲାଗିଛନ୍ତି । ବିଶେଷ ସୂତ୍ରରୁ ଖବରପାଇ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଖୋର୍ଦ୍ଧା ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଦଳ ଗଠନ କରିଥିଲେ । ଯାହାର ମୁଖ୍ୟ ଥିଲେ ଏସ୍ଆଇ ବସନ୍ତ କୁମାର ପଟ୍ଟନାୟକ । ଶ୍ରୀ ପଟନାୟକ ଓ ତାଙ୍କ ସହଯୋଗୀମାନେ ପୂର୍ବ ସୂଚନା ଅନୁଯାୟୀ ଗାନ୍ଧୀପଡିଆ, ଠେଙ୍ଗୋହାଟ, ସ୍ୱପ୍ନେଶ୍ୱର ମନ୍ଦିର ସାହି ଅଞ୍ଚଳରେ ଚଢ଼ଉକରି ବ୍ୟବସାୟ କରୁଥିବା ଦୁଇ ଯୁବକଙ୍କୁ କାବୁ କରିବା ସମୟରେ ଜଣେ ଯୁବକ ଖସି ଯାଇଥିଲା । ତେବେ ଶାଗୁଆନ ବଗିଚା ଅଞ୍ଚଳର ରଶ୍ମିରଞ୍ଜନ ବାରିକ ଓରଫ ସାଗର(୨୬), ପିତା ସଞ୍ଜୟ କୁମାର ବାରିକ ଓ ଠେଙ୍ଗୋହାଟ, ସ୍ୱପ୍ନେଶ୍ୱରସାହିର ଶ୍ରୀଧର ପୃଷ୍ଟି ଓରଫ ଗୁଡୁ (୨୩), ପିତା ରାଜେନ୍ଦ୍ର ପୃଷ୍ଟି ବୋଲି ସୂଚନା ମିଳିଛି ।

# ଗଣମାଧ୍ୟମ ପ୍ରତିନିଧିଙ୍କ ଭିତରକନିକା ଓ ବଳଦେବଜିଉ ମନ୍ଦିର ପରିଦର୍ଶନ



**ଖଣ୍ଡପଡ଼ା,୨୦।୪/ଏନ୍ଏନ୍ଏସ୍:** ଖଣ୍ଡପଡା, କଣ୍ଟିଲୋ, ଭାପୁର, ବୋଲଗଡ଼ ଓ ଭୁବନେଶ୍ୱର ଅଞ୍ଚଳରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୪୧ଜଣ ପ୍ରତିନିଧି କେନ୍ଦ୍ରାପଡା ଜିଲ୍ଲାର ରାଜନଗର ବ୍ଲକ ଅଧୀନ ଭିତରକନିକା ଓ କେନ୍ଦ୍ରାପଡା ସହରସ୍ଥିତ ଶ୍ରୀ ବଳଦେବଜିଉଙ୍କ ମନ୍ଦିର ରବିବାର ପରିଦର୍ଶନ କରିଥିବା ଜଣାଯାଇଛି । ଗ୍ରୀଷ୍ମକାଳୀନ ପରିଭ୍ରମଣ ଅବସରରେ ଗଣମାଧ୍ୟମର ପ୍ରତିନିଧିଗଣ ଭିତରକନିକାରେ ବୋଟିଂର ମଜା ନେବା ସହ କୁମ୍ଭୀର ପ୍ରଜନନ କେନ୍ଦ୍ର ଓ ସଂଗ୍ରହାଳୟ ପରିଦର୍ଶନ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ସବିଶେଷ ଜ୍ଞାନ ଆହରଣ କରିଥିଲେ । ଭିତରକନିକାର ପ୍ରାକୃତିକ ପରିବେଶ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ବେଶ ଆକୃଷ୍ଟ କରିଥିଲା । ପରେ ସଂନ୍ଧ୍ୟାରେ କେନ୍ଦ୍ରାପଡା ସହରର ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଗଣମାଧ୍ୟମର ପ୍ରତିନିଧିମାନେ ଯାଇ ବିଗ୍ରହଙ୍କୁ ଦର୍ଶନ କରିଥିଲେ ।

## ବିଭିନ୍ନ ସ୍ଥାନରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ

# ଅଖିମୁଠି ଅନୁକୂଳ ଓ ଚନ୍ଦନଯାତ୍ରା ଆରମ୍ଭ



**ପୁରୀ,ଚାରିଛକ,୨୦।୪/ଏନ୍ଏନ୍ଏସ୍:** ଓଡ଼ିଆ ଜାତି ପାଇଁ ଅକ୍ଷୟ ତୃତୀୟା ଏକ ବଡ ଓ ପବିତ୍ର ଦିନ । ଆଜି ଠାରୁ ମହାପ୍ରଭୁଙ୍କ ରଥ ନିର୍ମାଣର ଶୁଭାରମ୍ଭ ସହ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହେଉଛି । କୃଷକମାନେ ନୂତନ ବର୍ଷର ଚାଷ ପାଇଁ ଆଜିଠାରୁ ଧାନ ମୁଠି ଅନୁକୂଳ କରୁଛନ୍ତି । ତେଣୁ କୃଷକ ସଶକ୍ତିକରଣ ପାଇଁ ଆଜିର ଦିନ ଶପଥ ନେବାର ଦିନ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଆଜି ପୂର୍ବାହ୍ନରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଓଳାଂଶ ଫାର୍ମ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ଓ ମୁଠି ଅନୁକୂଳ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ବିହନ ଯୋଗାଣ ରଥକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଜିର ଦିବସରେ ଯାହା ଶୁଭାରମ୍ଭ କଲେ ତାହା କ୍ଷୟ ହୁଏ ନାହିଁ ବୋଲି ପ୍ରବାଦ ରହିଥିବା କହିଥିଲେ । କୃଷି ଓ କୃଷକଙ୍କ ସଶକ୍ତିକରଣ ପାଇଁ ଆମ ସରକାର ପ୍ରତିବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି । କୃଷି ବଜେଟ୍‌ରେ ୧୫ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୧୫୦ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇ ରେକର୍ଡ ସୃଷ୍ଟି କରିଛି । ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ରହିଛି ଯାହା ଜାତୀୟ ହାର ଠାରୁ ମଧ୍ୟ ଅଧିକ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ନିମାପଡ଼ା ବ୍ଲକ ଆମ୍ବା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡା, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସତ୍ୟବାଦୀ କୃଷି ଜିଲ୍ଲା ଅଧିକାରୀ ପରେଶ ଚନ୍ଦ୍ର ପଣ୍ଡା ମଞ୍ଚ ସଂଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଜି ଏକ କୃଷିରଥର ଶୁଭ ଉଦ୍‌ଘାଟନ କରାଯାଇଥିବା ବେଳେ ଅନ୍‌ଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାର ମୋଟ ୧୮୯୨୦୩ ଜଣ ଚାଷୀଙ୍କୁ ୨ହଜାର ଟଙ୍କା ହିସାବରେ ୩୭କୋଟି ୮୪ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧୮୭୮୯୭ ଜଣ ଥିବା ବେଳେ ୧୩୦୬ ଜଣ ଭୂମିହୀନ ଚାଷୀ ରହିଥିଲେ ।

● **ସାଲେପୁର:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସାଲେପୁର ବ୍ଲକ ବହୁଗ୍ରାମ ପଞ୍ଚାୟତ ବିଶ୍ୱନାଥପୁରଠାରେ ଜମିରେ ଚାଷ କାର୍ଯ୍ୟ ଅନୁକୂଳ କରି ଅଖିମୁଠି ବିଞ୍ଚିଥିଲେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା । ସାଲେପୁର ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବା ବେଳେ ୭୦ଭାଗ ଲୋକେ ଚାଷ ଉପରେ ନିର୍ଭରଶୀଳ । ଅକ୍ଷୟ ତୃତୀୟା ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ବହୁଗ୍ରାମ ପୂର୍ବତନ ସରପଞ୍ଚ ଗଗନ ବିହାରୀ ମିଶ୍ରଙ୍କ ସଂଯୋଜନାରେ ବିଶ୍ୱନାଥପୁର ଗ୍ରାମର ଜମିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ଶ୍ରୀ ବେହେରା ଯୋଗଦେଇ ଜମିରେ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବା ପରେ ଟ୍ରାକ୍ଟର ଯୋଗେ ଚାଷକାର୍ଯ୍ୟର ଶୁଭାରମ୍ଭ କରି ଅଖିମୁଠି ବିଞ୍ଚିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, କଟକ ଜିଲ୍ଲା ବିଜେଡି ଉପସଭାପତି ଦିଲ୍ଲୀପ ଦାଶ, ସରପଞ୍ଚ ସଞ୍ଜୟ ବେହୁରା, ଜ୍ଞାନରଞ୍ଜନ ପଟ୍ଟନାୟକ, ମହିଳା ବିଜେଡି ନେତ୍ରୀ ମିଲ୍ଲୀରାଣୀ ବୋଷ, ବିଜେଡି ନେତା ସଂଜୀବ ସାହୁ, ପୁଷ୍ପକ ମହାନ୍ତି, ବିଧୁଭୂଷଣ ସ୍ୱାଇଁ, ମାନସ ସାମଲ, କେଦାର ପାଣି, ଅକ୍ଷୟ ଦାସ, ଅଭୟ ସ୍ୱାଇଁ ଟୁବି ପରିଡା, ଏସ.କେ.ସିରାଜ, ଏସ.କେ.ଓ୍ୱାଜୋ, ଏସ.କେ. ସବିର ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇ ଥିଲେ ।

● **କଣ୍ଟାପଡ଼ା:** କଣ୍ଟାପଡ଼ା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ



ଅଖିମୁଠି ଅନୁକୂଳ ହୋଇଛି, କଣ୍ଟାପଡ଼ା ବ୍ଲକ କିଷାନ କଂଗ୍ରେସ ସଭାପତି ଉଲ୍ଲାସ ଚନ୍ଦ୍ର ଖଣ୍ଡୁଆଳଙ୍କ ଆବାହକତ୍ୱରେ ବାଗଲପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆରିପୁର ମୌଜାରେ ଆୟୋଜିତ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲିକ, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, କଟକ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ନିମାଇଁ ଚରଣ ରାଉତରାୟ, ଜିଲ୍ଲା ଦଳିତ ସେଲ ଅଧ୍ୟକ୍ଷ ପ୍ରତାପ ମଲିକ, ଜିଲ୍ଲା ସାଧାରଣ ସଂପାଦକ ବିଶ୍ୱରଜନ ଦେଠୀ, ମନୋଜ ପଟ୍ଟନାୟକ, କଣ୍ଟାପଡ଼ା ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଖଟେଇସଭାପତିତ୍ୱ କରିଥିଲାବେଳେ ନିଆଳୀ ବ୍ଲକ କଂଗ୍ରେସ ସଭାପତି କେଦାର ସାହୁ ଧନ୍ୟବାଦ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଅଶୋକ ପରିଡା, ଆଲେକଜାଣ୍ଡର ମଲିକ, ଚଗଲି ଜଟ୍ଟ, ନବକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲିକ କଣ୍ଟାପଡ଼ା ବ୍ଲକ ଆମ୍ବାରେ ବ୍ୟାପକ ଘୋଟାଲା ଓ ପର୍ଯ୍ୟାପ୍ତ ବାଟମାରଣା ହୋଇ ସମଗ୍ର ଚାଷୀମାନଙ୍କୁ ଜାଣିଶୁଣି ନିରାଶ ଓ ଚାଷ ବ୍ୟବହାରିକ ସାମଗ୍ରୀରୁ ବଞ୍ଚିତ କରାଯାଉଥିବା ସଂଗୀନ ଅଭିଯୋଗ ଆଣି ଆମ୍ବା ଉପରେ ବର୍ଷିଥିଲେ ।

● **ବୟାଳିଶମୌଜା:** କଟକ ସଦର ଉଠାଜଳସେଚନ ପାଣି ପଞ୍ଚାୟତ



ଆନୁକୁଲ୍ୟରେ ୪୨ମୌଜାସ୍ଥ କଳପଡା ପଞ୍ଚାୟତ ଅନ୍ତର୍ଗତ ଦହିଗାଁ ସ୍ଥିତ ମା' ବନଦୁର୍ଗାଙ୍କ ପୀଠସ୍ଥଳୀ ଠାରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ କଟକ ସଦର ବିଧାୟକ ଇସ୍ପ ପ୍ରକାଶ ଚନ୍ଦ୍ର ସେଠୀ ପାରମ୍ପରିକ ନୂତନ ବସ୍ତ୍ର ପରିଧାନ କରି ମା ବନଦୁର୍ଗାଙ୍କ ଠାରୁ ଆଜ୍ଞାମାଳ ନେଇ ନିକଟରେ ଥିବା ଉପଯୋଗୀ ଜମିରେ ହଳ-ବଳଦ ସାହାଯ୍ୟରେ ଅଖିମୁଠି ଅନୁକୂଳ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଆମ୍ବାର ଅଧ୍ୟକ୍ଷ ରମାପ୍ରସାଦ ବିଶ୍ୱାଳ ମଧ୍ୟ ଅଖିମୁଠି ଅନୁକୂଳ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ପାଣି ପଞ୍ଚାୟତର ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ପ୍ରଭାକର ଦାସ, କୋଷାଧ୍ୟକ୍ଷ ମନୋଜ କୁମାର ରାଉତ, ପୂର୍ବତନ ସଭାପତି ଅଶୋକ କୁମାର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ପତି, ବାଳକୃଷ୍ଣ ପାଣି, ସୁଜନ କୁମାର ରାଉତ, ସଂଗ୍ରାମ ପତି, ଶୁକଦେବ ସାହୁ, ଗୋଲେଖ ମଲିକ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଭାରେ ଚାଷୀମାନଙ୍କ ପକ୍ଷରୁ ବିଧାୟକଙ୍କ ନିକଟରେ ୪ଗୋଟି ମୁଖ୍ୟ ଦାବି ଉପସ୍ଥାପନା କରାଯାଇଥିଲା । ବିଧାୟକ ଦାବିଗୁଡିକ ଶୁଣିବା ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନନ୍ଦକିଶୋର ଭୋଇ, ଫକୀର ଚରଣ ଭୋଇ, ଯୋଗେନ୍ଦ୍ର ଭୋଇ, ଅଶୋକ କୁମାର ଭୋଇ, ଆଦିକନ୍ଦ ଭୋଇ, ପରୀ ଭୋଇ, ପବନା ଭୋଇ, ବସନ୍ତ ଭୋଇ ଓ ଆର୍ତ୍ତତ୍ରାଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ । କଟକ ସଦର ଉଠାଜଳସେଚନ ପାଣି ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ସନ୍ତୋଷ କୁମାର ପତି ସଭା ସଂଯୋଜନା କରିଥିଲେ ଓ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

● **ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତର ଖାଇପଡ଼ିଆଠାରେ



କୃଷକ ସମାଜ ଆନୁକୂଲ୍ୟରେ ଆୟୋଜିତ ଅଖିମୁଠି ଉତ୍ସବ ଓ କୃଷକ ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ଯୋଗଦେଇ ମୁଣ୍ଡରେ ଠେକା ଭିଡ଼ି ଲଙ୍ଗଳ ଧରି ହଳ କରିବା ସହ ଧାନ ବୁଣିଥିଲେ । ଚାଷୀଭାଇମାନଙ୍କ ବିନା ଏ ଦେଶ ଏ ରାଜ୍ୟ ମୂଲ୍ୟହୀନ, ଚାଷ ଓ ଚାଷୀ ବଞ୍ଚିଲେ ଦେଶ ବଞ୍ଚିବ ବୋଲି ଅଭି ଅଭିଭାଷଣ ଦେଇଥିଲେ । ଏହି ପବିତ୍ର ଦିନରେ ଚାଷକାମ ଆରମ୍ଭ କରି କୃଷି ପରମ୍ପରାକୁ ଆଗକୁ ବଢ଼ାଇବା ସହ କୃଷକ ଭାଇମାନଙ୍କ ସହିତ ଆଲୋଚନା କରି କୃଷକମାନେ କିପରି ସରକାରୀ ସୁବିଧା ପାଇବେ ଶ୍ରୀ ମହାନ୍ତି ଚାଷୀମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ କୃଷକ, ନେତୃବୃନ୍ଦ ଉପସ୍ଥିତ ରହିଥିଲେ ।

● **ପିପିଲି:** ପିପିଲି ବ୍ଲକ ଅନ୍ତର୍ଗତ ଟେଇଶିପୁର ପଞ୍ଚାୟତର ନିର୍ମଳା ଗ୍ରାମରେ



ବିଜୁ ଜନତା ଦଳ ପକ୍ଷରୁ ଅଖିମୁଠି ଅନୁକୂଳ ହୋଇଯାଇଛି । ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ଆମ୍ବା ଅଧ୍ୟକ୍ଷ ପ୍ରକାଶ ଧଳ, ପର୍ଶୁରାମ ମହାପାତ୍ର, ସେକ ବାବୁ, ଶରତ ବେହେରା, ସୁଶାନ୍ତ ମଲ୍ଲିକ, ଆର୍ତ୍ତବନ୍ଧୁ ସାମନ୍ତରାୟ, ମନୋଜ ଦାଶ, ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ନିର୍ମଳା ଗ୍ରାମ ଜମିରେ ପ୍ରଥମେ ପାରମ୍ପରିକ ବିଧି ଅନୁସାରେ ଭୂମି ପୂଜନରେ ସାମିଲ ହୋଇଥିଲେ । ପରେ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁଙ୍କ ସହ ପୂର୍ବତନ ଆମ୍ବା ଅଧ୍ୟକ୍ଷ ପ୍ରକାଶ ଧଳ ଉଭୟ ଜମିରେ ହଳ ଲଙ୍ଗଳ ବୁଲାଇ ଧାନ ବୁଣି ଅଖିମୁଠି ଅନୁକୂଳ କରିଥିଲେ ।

● **ଅସ୍ତରଙ୍ଗ:** ଅକ୍ଷୟ ତୃତୀୟା ଅବସରରେ ସ୍ଥାନୀୟ ଦେଉଳି ମଠ



ଅଧୀନରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ବୈଦିକ ରୀତିରେ ମନ୍ତ୍ରୋଚ୍ଚାରଣ ସହ ଭୂମିପୂଜନ ଓ ବିହନ ଅନୁକୂଳ ହୋଇଥିଲା । ମଠର ବଳଦ ଜଗାବଳିଆଙ୍କ ଦ୍ୱାରା ପାରମ୍ପରିକ ହଳଲଙ୍ଗଳ ସାହାଯ୍ୟରେ ଅନ୍ତେବାସୀମାନେ ଚାଷକାର୍ଯ୍ୟ ଆରମ୍ଭ କରିବା ସହ ରାସାୟନିକ ସାର କୀଟନାଶକ ବନ୍ଦକରି ପାରମ୍ପରିକ ଗୋ ଆଧାରିତ ଜୈବିକ କୃଷି ଆପଣାଇବାକୁ ଓଡ଼ିଆ ଭକ୍ତ ସମାଜକୁ ଆହ୍ୱାନ ଦେଇଥିଲେ । ମଠର ମୁଖ୍ୟ ପୂଜକ ମିତୁରଞ୍ଜନ ଦୀକ୍ଷିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଉଳି ମଠ ଡେଭେଲପମେଣ୍ଟ୍ ଚାରିଟେବୁଲ ଟ୍ରଷ୍ଟର ସଭାପତି କାଳୀପ୍ରସାଦ ସ୍ୱାଇଁ, ଉପସଭାପତି ଯୋଗେନ୍ଦ୍ର ଦାସ, ପ୍ରଭାସ ପୃଷ୍ଟି, ମଙ୍ଗୁଳି କାଣ୍ଡି, ବାବୁ କାଣ୍ଡି, ସାଗର ଦାସ ପ୍ରମୁଖ ଟ୍ରଷ୍ଟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

● **ଡେଲାଙ୍ଗ:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଡେଲାଙ୍ଗ ବ୍ଲକର କୋ-



ଠବାଡ଼ ପଞ୍ଚାୟତର ବେନୁପଡ଼ା ଗ୍ରାମରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଅଖିମୁଠି ଅନୁକୂଳ କରିଛନ୍ତି । ପ୍ରଥମେ ଗାଦିବ୍ରହ୍ମଙ୍କ ପୀଠରେ ଦର୍ଶନ କରିବା ପରେ ମୁଣ୍ଡରେ ଧାନଭର୍ତ୍ତି ଟୋକେଇ ମୁଣ୍ଡାଇ କ୍ଷେତକୁ ଯାଇଥିଲେ । ସେଠାରେ ବଳଦଙ୍କ ନିକଟରେ ନଡ଼ିଆ ବାଡ଼େଇ ନଡିଆଜଳକୁ ଗୋରୁଙ୍କ ପାଦରେ ଛିଞ୍ଚନକରି ଅଖିମୁଠି ଅନୁକୂଳ କରିଥିଲେ । କ୍ଷେତରେ ଧାନ ବୁଣି ହଳ କରିଥିଲେ । ଏହି ସମାବେଶରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ମଣ୍ଡଳ ସଭାପତି ସୁଶାନ୍ତ ବିଶ୍ୱାଳ, ଆମ୍ବା ସଭାପତି ଲଡୁକିଶୋର ରାୟ, ଶ୍ୱେତକୁମାର ନାୟକ, ସନ୍ଧ୍ୟାବତୀ ପ୍ରଧାନ, ଗଙ୍ଗାଧର ବରାଳ, ଶଶିଭୂଷଣ ମହାନ୍ତି, ଶଶାଙ୍କ ଶେଖର ମିଶ୍ର, ବିଦ୍ୟୁଲତା ସ୍ୱାଇଁ, ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ସ୍ଥାନୀୟ ଚାଷୀ ଓ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଦୀର୍ଘବର୍ଷ ହେଲା ସି ସି କ୍ୟାମେରା ଅଚଳ, ସଚଳ କେବେ



**କଣ୍ଟିଲୋ,୨୦।୪/ଏନ୍ଏନ୍ଏସ୍:** ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ମନ୍ଦିରରେ ଦୀର୍ଘ ବର୍ଷ ହେଲା ଅଚଳ ହୋଇ ରହିଥିବା ସି ସି କ୍ୟାମେରା ଗୁଡ଼ିକ ଆଉ କେବେ ସଚଳ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନାରୁ ଜଣାପଡିଛି ଯେ, ଶ୍ରୀ ଜିଉଙ୍କ ମନ୍ଦିର ଉପରେ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ସର୍ବସାଧାରଣ ଜନତା, ସେବାୟତ ଓ ଛତିଶ ନିଯୋଗିଆ ମାନଙ୍କର ପ୍ରତ୍ୟେକ ସୁବିଧା ଅସୁବିଧା ଓ ମୌଳିକ ସମସ୍ୟା ଗୁଡ଼ିକ ଜାଣିବା ତଥା ସେମାନଙ୍କୁ ଆବଶ୍ୟକୀୟ ସାହାଯ୍ୟ, ସହଯୋଗ ଓ ସୁରକ୍ଷା ଯୋଗାଇ ଦେବାପାଇଁ ସି ସି କ୍ୟାମେରା ଫୁଟେଜ୍‌ଗୁଡ଼ିକ ତନଖିକରି ପ୍ରତ୍ୟେକ ବିଷୟରେ ଅବଗତ ହେବା ପାଇଁ ଗତ ୨୦୧୮ ମସିହା ଅଗଷ୍ଟ ମାସରେ ୧.୫୪ଲକ୍ଷ ଟଙ୍କା ବ୍ୟୟରେ ୧୨ ଗୋଟି ସି ସି କ୍ୟାମେରା ମନ୍ଦିରର ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଲଗାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଆଜକୁ ଦୀର୍ଘ ବର୍ଷ ହେଲା ଅଚଳ ହୋଇ ପଡ଼ିରହିଛି । ଯାହା ଫଳରେ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏପରିକି ସାଧାରଣ ଜନତାଙ୍କ ସହ ସେବାୟତ ମାନେ ଅଧିକାଂଶ ସମୟେ ଅସୁବିଧାର ସମ୍ମୁଖିନ ହେଉଥିବା ନଜିର ଅଛି । ଅଭିଯୋଗ ହେଉଛି ଦୀର୍ଘ ବର୍ଷ ହେଲା ସି ସି କ୍ୟାମେରା ଅଚଳ ସହିତ ମନ୍ଦିର ପରିଚାଳନା କମିଟି ନଥିବାରୁ ମନ୍ଦିର ଉପରେ ଅଧିକାଂଶ ସମୟ ଶ୍ରୀ ଜିଉଙ୍କ ନୀତିକାନ୍ତିରେ ଅହେତୁକ ବିଳମ୍ବ ଘଟିବା ସହିତ ପର୍ଯ୍ୟଟକମାନଙ୍କୁ ଠିକ୍ ଭାବେ ସୁରକ୍ଷା ଦିଆଯାଇ ପାରୁନାହିଁ । ଶୁଣିବାକୁ ମିଳୁଛି କଣ୍ଟିଲୋରେ ଚାଲିଥିବା ବିକାଶ ପ୍ରକଳ୍ପ କାର୍ଯ୍ୟ ମଧ୍ୟରେ ଏହି ସି ସି କ୍ୟାମେରା ଲାଗିବା ପାଇଁ ପ୍ରସ୍ତାବ ଅଛି । ଏଠି ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଯେ, ୧୮ମାସ ମଧ୍ୟରେ ଶେଷ କରିବାକୁ ଥିବା ବିକାଶ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ୪ବର୍ଷ ହେଲା ଶେଷ ହୋଇପାରୁନି, ଆଉ କେତେ ବର୍ଷ ଗଲେ ସି ସି କ୍ୟାମେରା ଲାଗିବ ? ତେଣୁ ଯଥାଶୀଘ୍ର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ସାଧାରଣ ଜନତା, ସେବାୟତ, ଛତିଶ ନିଯୋଗିଆମାନଙ୍କୁ ସେବା ଓ ସୁରକ୍ଷା ଯୋଗାଇଦେବା ଓ ଶ୍ରୀଜିଉଙ୍କ ପ୍ରତ୍ୟେକ ନୀତିକାନ୍ତି ସମ୍ପର୍କେ ଅବଗତ ହେବା ପାଇଁ ଦେବୋତ୍ତର ବିଭାଗ ନିଜସ୍ୱ ରାଜସ୍ୱରୁ ଅର୍ଥ ବ୍ୟୟକରି ମନ୍ଦିର ଉପରେ ଓ ବାହାରେ ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସି ସି କ୍ୟାମେରାଗୁଡ଼ିକ ସଚଳ କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ବଟବୃକ୍ଷ ଓ ଅଶ୍ୱସ୍ତ ବୃକ୍ଷ ବିବାହ ସଂପନ୍ନ

**ଚାରିଛକ,୨୦।୪/ଏନ୍ଏନ୍ଏସ୍:** ଆଜି ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଭଇଁଚିଗୋରଡି ଗ୍ରାମରେ ଏକ ବଟ ବୃକ୍ଷ ସହ ଅଶ୍ୱସ୍ତ ବୃକ୍ଷ ବିବାହ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୁ ପ୍ରଥା ଅନୁଯାୟୀ ପୁଅ ଝିଅଙ୍କ ବିବାହ ଭଳି ବଟବୃକ୍ଷ ସହିତ ଅଶ୍ୱସ୍ତ ବୃକ୍ଷ ବିବାହ ଆଜି ଦେଖିବାକୁ ମିଳିଛି । ପୂଜକ ଅକ୍ଷୟ ମିଶ୍ର, ସନ୍ତୋଷ ମିଶ୍ର, ଜନ୍ମେଜୟ ମିଶ୍ର, ନୃସିଂହ ମିଶ୍ର ଓ ପ୍ରମୋଦ ମିଶ୍ର ପ୍ରମୁଖ ଯଥା ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ଆରମ୍ଭ କରିଥିଲେ । ଭରତ ବାରିକ, ସୁକାନ୍ତି ବାରିକ, ଗଙ୍ଗାଧର ସାହୁ, ତପସ୍ୱିନୀ ସାହୁ ଏହି କାର୍ଯ୍ୟରେ ଯୋଗଦେଇଥିଲେ । ଦୀର୍ଘ ୧୮ବର୍ଷ ତଳେ ଏହି ଦୁଇ ବୃକ୍ଷକୁ ଗ୍ରାମର ମାଧବ ସାହୁ ରୋପଣ କରିଥିଲେ । ଏହି ବିବାହ ଉତ୍ସବରେ ରାଜକିଶୋର ସାହୁ, ବିଶ୍ୱନାଥ ସାହୁ, ଚିତ୍ତରଞ୍ଜନ ବାରିକ, ଅନିଲ ନାୟକ, ଚିନ୍ମୟ ଗୁରୁ, ଅଶୋକ ସାହୁ, ଦିଲ୍ଲୀପ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଗୋ' ତୀର୍ଥରେ ବୁଡ଼ ପକାଇଲେ ନିଃସନ୍ତାନ ମହିଳା



**ଚାରିଛକ,୨୦।୪/ଏନ୍ଏନ୍ଏସ୍:** ଆଜି ଥିଲା ପବିତ୍ର ଅକ୍ଷୟ ତୃତୀୟା ତିଥି । ପ୍ରାଚୀ ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଆଗରଶାସନ ଗାଁ ଶେଷରେ ଥିବା ଗୋ' ତୀର୍ଥ ଠାରେ ପ୍ରତ୍ୟୁଷରେ ନିଃସନ୍ତାନ ମହିଳାମାନେ ବୁଡ଼ ପକାଇ ତୀର୍ଥ ଠାରେ ସ୍ୱ ସ୍ୱ ବିମାନ ରେ ଉପବେଶନ କରିଥିବା ପ୍ରଭୁ ଅମରେଶ୍ୱର ଓ ପ୍ରଭୁ ବନ୍ଦେଶ୍ୱର ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ପ୍ରଭୁ ଅମରେଶ୍ୱର ଓ ବନ୍ଦେଶ୍ୱର ଠାକୁର ବିମାନରେ ଯାଇ ଗୋ' ତୀର୍ଥ ଠାରେ ପହଞ୍ଚିବା ପରେ ପରମ୍ପରା ଅନୁସାରେ ପ୍ରଥମେ ବୁଡ଼ ପକାଇଥିଲେ । ତା'ପରେ ନିଃସନ୍ତାନ ମହିଳାମାନେ ବୁଡ଼ ପକାଇଥିଲେ । ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଛି ଯେ, ଅକ୍ଷୟ ତୃତୀୟା ତିଥିର ପ୍ରତ୍ୟୁଷରେ ଗୋ' ତୀର୍ଥ ଠାରେ ବୁଡ଼ ପକାଇ ପ୍ରଭୁ ଅମରେଶ୍ୱର ଓ ବନ୍ଦେଶ୍ୱରଙ୍କୁ ଏକତ୍ର ଦର୍ଶନକଲେ ନିଃସନ୍ତାନ ମହିଳାମାନେ ପୁତ୍ର ଲାଭ କରିଥାନ୍ତି । ସେଇ ବିଶ୍ୱାସର ବଶବର୍ତ୍ତୀ ହୋଇ ପ୍ରତିବର୍ଷ ଅକ୍ଷୟ ତୃତୀୟା ତିଥିର ପ୍ରତ୍ୟୁଷରେ ଗୋ ତୀର୍ଥ ଠାରେ ନିଃସନ୍ତାନ ମହିଳା ମାନେ ବୁଡ଼ ପକାଇ ଆସୁଛନ୍ତି । ପ୍ରାଚୀ ମାହାତ୍ମ୍ୟ ରେ ପୁଣି ବର୍ଣ୍ଣିତ ହୋଇଛି ଯେ, ଦେବୀ ମା' ଗଙ୍ଗା ଏହି ସମୟରେ ଗୋ ତୀର୍ଥ ଠାରେ ବୁଡ଼ ପକାଇ ବର୍ଷ ସାରା ପାପୀ ମାନଙ୍କଠାରୁ ଗ୍ରହଣ କରିଥିବା ପାପକୁ ଧୌତ କରିଥାନ୍ତି । ଏଣୁ ଗୋ ତୀର୍ଥ ଠାରେ ବୁଡ଼ ପକାଇଲେ ଗଙ୍ଗାସ୍ନାନର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ଗୋ ତୀର୍ଥ ଠାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ବୁଡ଼ ପକାଇଥିଲେ । ପ୍ରଭୁ ଅମରେଶ୍ୱରଙ୍କ ମନ୍ଦିର ପଡ଼ିଆଠାରେ ମେଳା ଲାଗିଥିଲା । ଗୋ' ତୀର୍ଥ ଓ ଅମରେଶ୍ୱର ମନ୍ଦିର ଠାରେ ସ୍ଥାନୀୟ ଚାରିଛକ ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଭିନ୍ନ ସଂଗଠନ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ମାଗଣାରେ ପଣା ଓ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା ।

ନିତିଦିନ NITIDIN








■ ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସିଆର୍‌ଆର୍‌ଆଇଠାରେ ପୂଜାର୍ଚ୍ଚନା ସହିତ ଅଖିମୁଠି ଅନୁକୂଳ ତଥା 'ଆମ ବିହନ ରଥ' ଶୁଭାରମ୍ଭ କରୁଛନ୍ତି

## ଖଡ଼ଗପୁରରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ



**ଖଡ଼ଗପୁର,ଭୁବନେଶ୍ୱର,୨୦।୪/ଏନ୍‌ଏନ୍‌ଏସ୍:** ବର୍ତ୍ତମାନର ଟିଏମସି ସରକାର ଅଧୀନରେ ପଶ୍ଚିମବଙ୍ଗ ଦୁର୍ନୀତି, ଅରାଜକତା ଓ ତୁଷ୍ଟିକରଣ ରାଜନୀତିରେ ଫସି ରହିଛି । ସିଣ୍ଡିକେଟ୍ ରାଜ୍ ଶାସନ ବ୍ୟବସ୍ଥାକୁ ଭିତରୁ ଖୋଳପା କରିଦେଇଛି । ତେବେ ଏଠାରେ ବିଜେପି ସରକାର ଆସିଲେ ଏ ସବୁର ଅନ୍ତ ଘଟିବ ବୋଲି ଆଜି ପଶ୍ଚିମବଙ୍ଗର ଖଡ଼ଗପୁରରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀମାନଙ୍କୁ ସମ୍ବୋଧିତ କରିଛନ୍ତି କେନ୍ଦ୍ର ଶିକ୍ଷା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପବିତ୍ର 'ଅକ୍ଷୟ ତୃତୀୟା' ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ଖଡ଼ଗପୁର ସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ଏକ ପଥପ୍ରାନ୍ତ ସଭାକୁ ସମ୍ବୋଧିତ କରି କହିଥିଲେ ଯେ ଖଡ଼ଗପୁରରେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବା ଓଡ଼ିଆ ଭାଇଭଉଣୀମାନେ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ଏହା ଆମ ଓଡ଼ିଆ ଅସ୍ମିତାର ଏକ ଗୌରବମୟ ପରିଚୟ। ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରୀ ଦୁର୍ନୀତି ଯୋଗୁଁ ଯୋଗ୍ୟ ଯୁବକଯୁବତୀମାନେ ଚାକିରିରୁ ବଞ୍ଚିତ ହେଉଛନ୍ତି । 'ମା, ମାଟି, ମନୁଷ'ର ନାରା ଦେଉଥିବା ସରକାରଙ୍କ ଶାସନରେ ମହିଳାମାନେ ଆଜି ସବୁଠାରୁ ଅସୁରକ୍ଷିତ। ଚାଷୀମାନେ ନିଜର ହକ୍ ପାଉନାହାନ୍ତି ଏବଂ ସେମାନଙ୍କ ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର କେବଳ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବାହାର ଦେଶର ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଉଛନ୍ତି, ଯାହା ସ୍ଥାନୀୟ ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶ୍ରୀ ଦିଲ୍ଲୀପ ଘୋଷଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରନ୍ତୁ, ଯାହାଦ୍ୱାରା ବଙ୍ଗଳାରେ ପରିବର୍ତ୍ତନର ଲହର ଆସିପାରିବ। ପଶ୍ଚିମବଙ୍ଗର ଜନସାଧାରଣ ଏହି ଅନ୍ୟାୟ ଓ ଭୟର ଶାସନକୁ ସମାପ୍ତ କରିବା ପାଇଁ ମନସ୍ଥ କରିସାରିଛନ୍ତି। ଚଳିତ ନିର୍ବାଚନରେ ଜନତା ଭୋଟ୍ ମାଧ୍ୟମରେ ଏହାର ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

### ଅଖିମୁଠି ଅନୁକୂଳ କଲେ ରାଜ୍ୟ ବିଜେପି ସଭାପତି

# କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଞ୍ଚିବ: ମନମୋହନ

**ବରଗଡ଼,ଭୁବନେଶ୍ୱର,୨୦।୪/ଏନ୍‌ଏନ୍‌ଏସ୍:** ପବିତ୍ର ଅଖିତୃତୀୟା ଚାଷୀମାନଙ୍କ ପାଇଁ ପ୍ରେରଣା, ଅନୁକୂଳ, ସଂକଳ୍ପ, ଉତ୍ସାହ ଏବଂ ଉଦ୍ଦୀପନାର ଦିନ। ଓଡ଼ିଶାର ଚାଷୀ ଏବେ ଭାରତବର୍ଷରେ ସୁନାମ ଅର୍ଜନ କରୁଛନ୍ତି। ଚାଷୀମାନଙ୍କ ଅଖଣ୍ଡ ପରିଶ୍ରମ କରିବା କାରଣରୁ କୃଷିଜାତ ଉତ୍ପାଦର କ୍ଷମତା ଆଜି ୨ ଗୁଣା ବୃଦ୍ଧି ପାଇଛି। ଚାଷୀଙ୍କ ଉନ୍ନତି ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ। ଆଗାମୀ ଦିନରେ କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଞ୍ଚିବ ବୋଲି ବରଗଡ଼ ଜିଲ୍ଲାର ଅତାବିରା ଚକୁଳି ଫାର୍ମରେ ଅଖିମୁଠି ଅନୁକୂଳ କରି ମାନ୍ୟବର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ସାମଲ ପବିତ୍ର ଅଖିତୃତୀୟା ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଚଳିତ ବର୍ଷ ବିଜେପି ସରକାର ଚାଷୀଙ୍କଠାରୁ ୭୫ ଲକ୍ଷ ମେଟ୍ରିକ୍ ଟ୍ରକ ଧାନ କ୍ରୟ କରିଛନ୍ତି। ବରଗଡ଼ରେ ଆଜିଠାରୁ ରବି ଫସଲ ଅମଳ ଆରମ୍ଭ ହୋଇଛି। ବରଗଡ଼ ଜିଲା ହେଉଛି ଓଡ଼ିଶାର ଭାତହାଣ୍ଡି। ଚଳିତ ବର୍ଷ ରାଜ୍ୟରେ ରେକର୍ଡ ସଂଖ୍ୟକ ପରିମାଣର ଧାନ ସଂଗ୍ରହ



କରାଯାଇଛି। ତତ୍କାଳୀନ ସରକାର ଧାନ କିଣା ବାବଦରେ ପୂର୍ବରୁ ବହୁତ କମ୍ ଟଙ୍କା ଦେଉଥିଲେ। ଏଥିପାଇଁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ମାତ୍ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନେତୃତ୍ୱ ନେବା ପରଠାରୁ ଚାଷୀଙ୍କ ରୋଜଗାର ୨ ଗୁଣା ବୃଦ୍ଧିପାଇଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରଠାରୁ ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି। ଖାଲିସେତିକି ନୁହେଁ ପିଏମ୍ କିଶାନ ଓ ସିଏମ୍ କିଶାନ ସମ୍ମାନ ଭଳି ଯୋଜନା ମାଧ୍ୟମରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏବେ କୃଷିଭିତିକ ଶିଳ୍ପ କରିବା ପାଇଁ ବିଜେପି ସରକାର ପଦେକ୍ଷପ ନେଉଛି। ଏହାଦ୍ୱାରା ଚାଷୀଙ୍କ ଆୟ ବହୁ ଗୁଣା ବୃଦ୍ଧିପାଇବ। କୃଷିଜାତ ଦ୍ରବ୍ୟ ଯେପରି ନଷ୍ଟ ନହେବ ସେନେଇ ବିଭିନ୍ନ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଶତ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଡବଲଇଞ୍ଜିନ ସରକାର କାର୍ଯ୍ୟ କରୁଛି। ଏସବୁ ଉନ୍ନତିମୂଳକ କାର୍ଯ୍ୟ ଦ୍ୱାରା ଚାଷୀ ଆଜି ଆତ୍ମନିର୍ଭରଶୀଳ ହେବା ସହ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିବା ସହିତ ଏହି ଅବସରରେ ଏକ କୃଷି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ପରେ ଅତାବିରାଠାରେ ଏକ ସ୍ୱାଗତ ସମାରୋହ ଓ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ଶ୍ରୀ ସାମଲ ଯୋଗଦେଇ ନୂତନ କର୍ମୀମାନଙ୍କୁ ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ଅତାବିରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାଗବତିଆ ସିଂ, କଳାସାହେବ ଭୋଇ, ରୋହିଣୀ ପ୍ରଧାନ, ଶେଷଦେବ ଚାନ୍ଦ, ସୁନନ୍ଦା ବିଶ୍ୱାଳ, ଗୀତାଞ୍ଜଳି ପ୍ରଧାନ, କୁମୋଦୁନୀ ମହାନନ୍ଦ, ମଞ୍ଜୁଲତା ସେଠ୍, ହେମାନନ୍ଦ ସେଠ୍, ରାଜକିଶୋର ଚାନ୍ଦ, ତ୍ରିନାଥ ପ୍ରଧାନ, ଡୋଲେଶ ପରି, ପୂଜା କୁମ୍ଭାର, ଜତିନ ନାୟକ, ବାସୁଦେବ ପ୍ରଧାନ, ଯଦୁମଣି ସାହୁ ଓ ଗିରିଧାରୀ ପ୍ରଧାନଙ୍କ ସମେତ ଏନ୍‌ଏସି କାଉନ୍ ?ସିଲର ଦୀପକ ରାୟ ପ୍ରମୁଖ ନିଜ ଶତାଧିକ ସମର୍ଥକଙ୍କ ସହ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡର୍ତିଆ, ପୂର୍ବତନ ସାଂସଦ ପ୍ରଭାସ ସିଂ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯକାରିଣୀ ସଦସ୍ୟ ଏମ୍ ମୁରଲିକ୍ରିଷ୍ଣା, ସୁରେଶ୍ୱର ଶତପଥୀ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବରଗଡ ଜିଲ୍ଲା ସଭାପତି ଡ. ଅରୁପାନନ୍ଦ ସାହୁ, ବରଗଡ଼ ଜିଲ୍ଲା ପ୍ରଭାରୀ ବାସୁଦେବ ବାରିକ, ସୌରି ବାରିକ, ମିଳନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।



**ସୋରୋ ଷ୍ଟେସନ୍‌ରେ ବ୍ୟାପକ ରୂପାନ୍ତରଣ**

## ଦ୍ୱିତୀୟ ପାଦଚଲା ସେତୁ ନିର୍ମାଣ ଜାରି

**ଭୁବନେଶ୍ୱର,ସୋରୋ,୨୦।୪/ଏନ୍‌ଏନ୍‌ଏସ୍:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ସୋରୋ ଷ୍ଟେସନରେ ଯାତ୍ରୀସେବା ଓ ସୁବିଧାରେ ବ୍ୟାପକ ପରିବର୍ତ୍ତନ କରାଯାଉଛି। ଭାରତ ସରକାରଙ୍କ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଏହି ଷ୍ଟେସନର କାୟାକଳ୍ପ ବଦଳାଇବା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଏହି ବିକାଶମୂଳକ କାର୍ଯ୍ୟର ଏକ ଅଂଶ ସ୍ୱରୂପ ଷ୍ଟେସନରେ ତିନୋଟି ସ୍ପାନ ବିଶିଷ୍ଟ ଏକ ଦ୍ୱିତୀୟ ପାଦଚଲା ସେତୁ ନିର୍ମାଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏହାର ପ୍ରଥମ ସ୍ପାନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଦ୍ୱିତୀୟ ଓ ତୃତୀୟ ସ୍ପାନର କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତେବେ ଷ୍ଟେସନରେ ପୂର୍ବରୁ ଥିବା ପାଦଚଲା ସେତୁଟି ପ୍ଲାଟଫର୍ମ ନମ୍ବର ୧ରୁ ୫ ପର୍ଯ୍ୟନ୍ତ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବାରୁ ଯାତ୍ରୀମାନଙ୍କ ପାଇଁ ଯାତାୟାତରେ କୌଣସି ଅସୁବିଧା ନାହିଁ। ଯାତ୍ରୀଙ୍କ ସୁବିଧା ପାଇଁ ପ୍ଲାଟଫର୍ମ ନମ୍ବର ୧ ରେ ଏକ ଶୌଚାଳୟ କାର୍ଯ୍ୟକ୍ଷମ ରହିଛି। ଏଥିସହିତ ଆବଶ୍ୟକତା ଅନୁଯାୟୀ ଆଇଲ୍ୟାଣ୍ଡ ପ୍ଲାଟଫର୍ମଗୁଡ଼ିକରେ ଅତିରିକ୍ତ ମୂତ୍ରାଳୟ ନିର୍ମାଣ କରାଯିବାର ଯୋଜନା ରହିଛି। ଯାତ୍ରୀମାନଙ୍କ ଗମନାଗମନକୁ ଅଧିକ ସହଜ କରିବା ପାଇଁ ଷ୍ଟେସନରେ ର୍‍ୟାମ୍ପ ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଦକ୍ଷିଣ ପୂର୍ବ ରେଳପଥ ଯାତ୍ରୀମାନଙ୍କୁ ଉନ୍ନତମାନର ସୁବିଧା ଏବଂ ସୁଗମ ଯୋଗାଯୋଗ ଯୋଗାଇଦେବା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ରେଳ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

# ଓଡ଼ିଆ ଭାଷାକୁ ଦୈନନ୍ଦିନ ଜୀବନରେ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୨୦।୪/ଏନ୍‌ଏନ୍‌ଏସ୍:** କୌଣସି ଭାଷା ଯେତେବେଳେ ସକ୍ରିୟ ଭାବେ କଥିତ, ପ୍ରଚଳିତ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରେରିତ ହୁଏ ସେତେବେଳେ ଏହା ସମୃଦ୍ଧ ହୁଏ। ଏଣୁ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଭୁବନେଶ୍ୱରସ୍ଥିତ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ 'ସୂଚନା ଓ ସଚେତନତା ଟ୍ରଷ୍ଟ' ଆନୁକୂଲ୍ୟରେ 'କହୁଛି ଓଡ଼ିଶା' ପତ୍ରିକା ଓ ଏହାର ୱେବ୍ ପୋର୍ଟାଲ୍ ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏତତବ୍ୟତୀତ ଓଡ଼ିଆ ଭାଷାର ସଂରକ୍ଷଣ, ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଏପରି



ପ୍ରୟାସକୁ କେବଳ ଏକ ପ୍ରକାଶନ ନୁହେଁ ବରଂ ଲେଖକ, ଚିନ୍ତାଶୀଳ ବ୍ୟକ୍ତି ଓ ଯୁବମାନସ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ବର୍ଣ୍ଣନା କରିଥିଲେ। ଏପରି ମଞ୍ଚ ଭାଷାର ଗଭୀରତା, ପ୍ରାସଙ୍ଗିକତା ଓ ଧାରାବାହିକତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭାଷା, ପରମ୍ପରା, ରୀତିନୀତି ଓ ଇତିହାସ ଏକ ଗୋଷ୍ଠୀର ପରିଚୟ ନିର୍ଦ୍ଧାରଣ କରେ। ଓଡ଼ିଆ ଭାରତର ପ୍ରାଚୀନତମ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଅନ୍ୟତମ, ଯାହା ଶତାବ୍ଦୀ ଶତାବ୍ଦୀର ଜ୍ଞାନ ଓ ବୌଦ୍ଧିକ ଚିନ୍ତାଧାରାକୁ ଧାରଣ କରିଛି। ରାଜ୍ୟର ପର୍ବପର୍ବାଣି, କଳାରୂପ, ସାହିତ୍ୟ, ଐତିହ୍ୟ ସ୍ଥଳ, ସାମୁଦ୍ରିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଭଗବାନ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଓଡ଼ିଶାର ସ୍ୱତନ୍ତ୍ର ଓ ସ୍ଥାୟୀ ପରିଚୟକୁ ପ୍ରତିଫଳିତ କରେ। ଭାଷା ଓ ସଂସ୍କୃତି ଜୀବନ୍ତ ସମ୍ପଦ ଯାହା ନିଜର ପ୍ରାମାଣିକତା ବଜାୟ ରଖି ବିକଶିତ ହେବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ। 'ସୂଚନା ଓ ସଚେତନତା ଟ୍ରଷ୍ଟ' ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ, ପ୍ରଥମ ସଂଖ୍ୟାର ଶୀର୍ଷକ 'ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର' ଓଡ଼ିଆ ପରିଚୟର ସ୍ୱରୂପକୁ ସଠିକ୍ ଭାବେ ପ୍ରତିଫଳିତ କରିଛି। ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଭାଷାର ବ୍ୟାପ୍ତି ଓ ପ୍ରାସଙ୍ଗିକତା ବୃଦ୍ଧି ପାଉଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ପଦ୍ମ ବିଭୂଷଣ ପ୍ରାପ୍ତ ପ୍ରସିଦ୍ଧ ଶିଳ୍ପୀ ସୁଦର୍ଶନ ସାହୁ ମଧ୍ୟ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ। 'ସୂଚନା ଓ ସଚେତନତା ଟ୍ରଷ୍ଟ'ର ସଭାପତି ଅଶୋକ ଭଗତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଜିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମଶ୍ରୀ ବିଜେତା ଅଦ୍ୱୈତ ଗଡ଼ନାୟକ ଓ ଦମୟନ୍ତୀ ବେଶରାଙ୍କ ସମେତ ବିଶିଷ୍ଟ ସାମ୍ବାଦିକ ଡ଼ ରାଜାରାମ ଶତପଥୀ ମଧ୍ୟ ଏହି ଅବସରରେ ମଞ୍ଚାସୀନ ଥିଲେ।

**ଏସ୍‌ଆଇଆର୍‌ରେ ଓଡ଼ିଶାରେ ଭୋଟର୍‌ଙ୍କ ନାମ ବାଦ୍ ପଡ଼ିବା ଆଶଙ୍କା**

## ବାର୍ଷିକ ରିଭିଜନ୍‌ରେ ୧୦ ଲକ୍ଷ ଭୋଟର୍‌ଙ୍କ ନାମ ବାଦ୍: ବିଜେଡି

**ଭୁବନେଶ୍ୱର, ୨୦।୪/ଏନ୍‌ଏନ୍‌ଏସ୍:** ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ବା ଏସ୍‌ଆଇଆର ପ୍ରସଙ୍ଗରେ ନିର୍ବାଚନ କମିସନରଙ୍କ ସମଗ୍ର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ରାଜ୍ୟ ମାନଙ୍କରେ କୋଟି କୋଟି ଭୋଟରଙ୍କୁ ବାଦ୍ ଦିଆଯାଇଥିବାର ଅଭିଯୋଗ ଆସିଛି। ପ୍ରାୟ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରାୟ ୫ କୋଟିରୁ ଅଧିକ ଭୋଟର ମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଓଡ଼ିଶାରେ ଏସ୍‌ଆଇଆର୍ ହେବାକୁ ଯାଉଥିବା ବେଳେ ଯୋଗ୍ୟ ଭୋଟରମାନଙ୍କୁ ତାଲିକାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ଦୁଇ ଦିନ ତଳେ ନିର୍ବାଚନ କମିସନ ଯେଉଁ ଚିଠି ଲେଖିଛନ୍ତି, ସେଥିରୁ ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଛି। ମାତ୍ର ଏକ ବର୍ଷ ୪ ମାସ ତଳେ, ଯେଉଁମାନେ ଭୋଟର ତାଲିକାରେ ଥିଲେ, ସେଥିରୁ ପ୍ରାୟ ୧୦ ଲକ୍ଷ ଭୋଟର ବାଦ୍ ପଡିବା ନିଶ୍ଚିତ ଭାବେ ଅଧିକ ସନ୍ଦେହ ସୃଷ୍ଟି କରୁଛି। ସରକାର ଓ ନିର୍ବାଚନ କମିସନ ଏହି ସନ୍ଦେହକୁ ଦୂର କରନ୍ତୁ ଏବଂ କିପରି ଜନସାଧାରଣଙ୍କ ଭୋଟ ଦେବାର ଅଧିକାର ଯେପରି କ୍ଷୁଣ୍ଣ ନହୁଏ, ସେଥିପ୍ରତି ଯତ୍ନବାନ ହେବା ଉଚିତ। ଏଭଳି ଅଭିଯୋଗ କରିଛନ୍ତି ବରିଷ୍ଠ ବିଜେଡି ନେତା



ତଥା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳର ଉପନେତା ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ବିଜୟ ନାୟକ ଭୋଟର ତାଲିକାରୁ ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କ ନାମ ବାଦ୍ ପଡୁଥିବା ଅଭିଯୋଗରେ ନିର୍ବାଚନ କମିସନଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଶ୍ରୀ ମିଶ୍ର କହିଥିଲେ, ନିର୍ବାଚନ କମିସନଙ୍କ ଇଲେକ୍ଟୋରାଲ ରୋଲେରେ ପ୍ରତିବର୍ଷ ଜାନୁଆରୀରେ ରିଭିଜନ ହୁଏ। କିନ୍ତୁ ଏହି ବର୍ଷ ହୋଇଥିବା ସଂଶୋଧନରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହି ପ୍ରକ୍ରିୟାରେ ଅତି ବେଶୀରେ ୭ ଲକ୍ଷ ଭୋଟର ବାଦ୍ ପଡୁଥିବା ବେଳେ ଅଧିକ ୩ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବାରୁ, ସନ୍ଦେହ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଏସଆଇଆର ହେବାକୁ ଯାଉଥିବା ବେଳେ, ଅଧିକ ଭୋଟରଙ୍କ ନାମ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି। ଏସଆଇଆର ଓଡ଼ିଶାରେ ୨୦୦୨ ମସିହାରେ ହୋଇଥିଲା। ଶ୍ରୀ ମିଶ୍ର କହିଥିଲେ, ୧୯.୦୮.୨୦୫୫ରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦେଶର ନିର୍ବାଚନ କମିସନରଙ୍କୁ ଭେଟି ଏହି ସମ୍ବନ୍ଧରେ ବିଜେଡି ନିଜର ଆଶଙ୍କା ପ୍ରକାଶ କରିଥିଲା। ବିଶେଷକରି ଯେଉଁମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି, ତାଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନପଡେ, ସେଥିପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଜେଡି କହିଥିଲା। ପ୍ରତିବର୍ଷ ୭ ଲକ୍ଷ ଭୋଟର ବାଦ୍ ପଡ଼ନ୍ତି। କିନ୍ତୁ ଏହି ବର୍ଷ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ବାଦ୍ ପଡ଼ିଛନ୍ତି। ବିଜେଡି ଆଶଙ୍କା କରୁଛି ଯେ, ଏତେ ଅଧିକ କିପରି ବାଦ୍ ପଡୁଛନ୍ତି ? ଅଧିକ ସଂଖ୍ୟାର ଭୋଟରଙ୍କୁ ବାଦ୍ ଦିଆଯାଇଛି। ଦେଶର ଜଣେ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡିବା ଦ୍ୱାରା ତାର ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି।

## କବି ଜୟଦେବ ଓ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ

**ଭୁବନେଶ୍ୱର,୨୦।୪/ଏନ୍‌ଏନ୍‌ଏସ୍:** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ଶ୍ରୀ ଜୟଦେବ ଓ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ତଥା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅଦ୍ୱୈତ ଚରଣ ଧଳ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଗୀତଗୋବିନ୍ଦ ଓ ଜୟଦେବଙ୍କ ନିବିଡ଼ ସମ୍ପର୍କର ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ଜୟଦେବଙ୍କ ଗୀତଗୋବିନ୍ଦର ସାହିତ୍ୟିକ ମୂଲ୍ୟ ସମ୍ପର୍କରେ ପ୍ରଫେସର ଧଳ ବକ୍ତବ୍ୟ ରଖିବା ସହ ଏହା ଓଡ଼ିଶୀ ସଂଗୀତ ଓ ସାହିତ୍ୟ ପାଇଁ କିପରି ପ୍ରୋତ୍ସାହନ ଯୋଗାଇ ଆସିଛି, ତାହାର ଅବତାରଣା କରିଥିଲେ।

ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଜୟଦେବଙ୍କ ଗୀତଗୋବିନ୍ଦର ପଦ ଲାଳିତ୍ୟ କିପରି ପରବର୍ତ୍ତୀ କବିମାନଙ୍କୁ ପ୍ରଭାବିତ କରିଛି, ତାହାର ଅବତାରଣା କରିଥିଲେ। ଏଥିସହ ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟର ସାଧାରଣ ଅସହାୟ ମଣିଷର ବେଦନାର କଥାକୁ ଉଲ୍ଲେଖ କରିଥିଲେ। ସଭାମୁଖ୍ୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ ଅସ୍ମିତା ଜୟଦେବଙ୍କ କୃତିରେ କିପରି ପ୍ରତିଫଳିତ ହୋଇଛି ତାର ଉଲ୍ଲେଖ କରିଥିଲେ। ଏଥିସହ ଆଦିବାସୀ ଅନୁନ୍ନତ ମଣିଷର ସ୍ୱର କିପରି ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟରେ ପ୍ରତିଫଳିତ ହୋଇଥିଲା ତାହାର ଅବତାରଣା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଜୟଦେବଙ୍କ ଦଶାବତାର ସଂଗୀତ ପରିବେଷଣ କରିଥିଲେ।

**ଅନନ୍ୟ ଶ୍ରୀ ଜଗନ୍ନାଥ ସଂସ୍ଥାନର ଅକ୍ଷୟ ତୃତୀୟା ମହୋତ୍ସବ**

## 'ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ପରିଚୟ'




**ଭୁବନେଶ୍ୱର,୨୦।୪/ଏନ୍‌ଏନ୍‌ଏସ୍:** ଶ୍ରୀଜଗନ୍ନାଥ ବିଶ୍ୱର ଦେବତା ମାତ୍ର ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଥିବାରୁ ଓଡ଼ିଆଙ୍କର ଇଷ୍ଟ ଦେବତା ତାଙ୍କର ମାନବୀୟ ଲୀଳା ହିଁ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ପରିଚୟ। ସେ ନିଜେ ଦାରୁଦେବତା ହୋଇଥିବାରୁ ବୃକ୍ଷ ପୂଜା ପରମ୍ପରା ତାଙ୍କ ଠାରୁ ସୃଷ୍ଟି ହୋଇଛି। ଆଜିର ପରିବେଶ ବିଜ୍ଞାନୀମାନେ ବୃକ୍ଷ ସଂରକ୍ଷଣକୁ ପ୍ରାଧାନ୍ୟ ଦେଇ ପରିବେଶର ସନ୍ତୁଳନ ରକ୍ଷାକରିବାପାଇଁ ଉପଦେଶ ଦେଉଛନ୍ତି। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଶକ୍ତିକୁ ପ୍ରାଧାନ୍ୟ ଦେଇ ପ୍ରଭୁ ସୂଚାଇ ଦେଉଛନ୍ତି ପୁରୁଷ ନାରୀ ସୃଷ୍ଟିପାଇଁ ଏକାନ୍ତ ଆବଶ୍ୟକ। ତାଙ୍କର ବାର ମାସରେ ତେର ପର୍ବ ମାଧ୍ୟମରେ ସେ ଓଡ଼ିଆଙ୍କ ଅସ୍ମିତାର ପରିଚୟ ଶ୍ରୀ ବିଶ୍ୱକୁ ପ୍ରଦର୍ଶନ କରନ୍ତି। ଶ୍ରୀଜଗନ୍ନାଥ ଏକ ସାଂସ୍କୃତିକ ସମନ୍ୱୟ ଓ ଏକ ଅଖଣ୍ଡ ମାନବୀୟ ବିଶ୍ୱାସ। ଓଡ଼ିଆ ଜାତି ଜଗନ୍ନାଥଙ୍କୁ ନେଇ ଗର୍ବ କରେ ବୋଲି କହିଛନ୍ତି ଉଦ୍‌ଘାଟକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ।

ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ବୁଦ୍ଧ ମନ୍ଦିର ପରିସରରେ ଅକ୍ଷୟ ତୃତୀୟା ମହୋତ୍ସବ ଉପଲକ୍ଷେ ସଭାପତି ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶେଷ ଅବଦାନ ନିମନ୍ତେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ସୁଭଦ୍ରା ସମ୍ମାନରେ ସମ୍ମାନିତ ହେଲେ ପଦ୍ମଭୂଷଣ ପ୍ରତିଭା ରାୟ, ଶ୍ରୀ ଜଗନ୍ନାଥ ସମ୍ମାନ ପ୍ରଫେସର ଡଃ ହରେକୃଷ୍ଣ ଶତପଥ, ଶ୍ରୀବଳଭଦ୍ର ସମ୍ମାନ ଡଃ ହରପ୍ରସାଦ ମିଶ୍ର, ଶ୍ରୀ ସୁଦର୍ଶନ ସମ୍ମାନ ଶଙ୍କର୍ଷଣ ମଙ୍ଗରାଜ ଓ ନନ୍ଦିଘୋଷ ସମ୍ମାନ ଫ୍ରେଣ୍ଡ୍ ପବ୍ଲିସରକୁ ପ୍ରଦାନ କରାଯାଇଥିଲା। ଶଙ୍କର୍ଷଣ ମଙ୍ଗରାଜଙ୍କ

### ପ୍ରତିଭା ରାୟ ପାଇଲେ ସୁଭଦ୍ରା ସମ୍ମାନ

ଅନୁପସ୍ଥିତିରେ ଡଃ ଭାସ୍କର ମିଶ୍ର ସମ୍ମାନ ଗ୍ରହଣ କରିଥିଲେ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅନୁପସ୍ଥିତିରେ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ ଶ୍ରୀ ପୀତବାସ ରାଉତରାୟ ତାଙ୍କୁ ପରବର୍ତ୍ତୀ ସମୟରେ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଏହି ସଭାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଚାରୋଟି ଲେଖା ପଠନ କରିଥିଲେ ଶ୍ରୀମନ୍ଦିରର ପ୍ରାକ୍ତନ ମୁଖ୍ୟ ପ୍ରଶାସକ ଶ୍ରୀ ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ପ୍ରାକ୍ତନ ଉପ- ପ୍ରଶାସକ ଡଃ ଭାସ୍କର ମିଶ୍ର, ଗାଳ୍ପିକା ସ୍ନିଗ୍ଧା ସାହୁ ଓ ପୌରୁଷର ସମ୍ପାଦକ ଅଶିତ ମହାନ୍ତିଙ୍କ ଅନୁପସ୍ଥିତିରେ ଶ୍ରୀ ଜିତେନ୍ଦ୍ର କୁମାର ମହାନ୍ତି। ଏହି ଚାରୋଟି ଲେଖା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ସମର୍ପଣ କରାଯାଇଥିଲା। ସଭାରେ ଚଳିତ ବର୍ଷ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକ 'ଅଚିନ୍ତ୍ୟ ଶ୍ରୀ ଜଗନ୍ନାଥ' ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ଆଙ୍କିଥିବା ପ୍ରଚ୍ଛଦପଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ ଓ ଶିଳ୍ପୀଙ୍କ ବାର୍ତ୍ତା ସଭାରେ ପଠନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥ୍ୟ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ସମୟରେ ନବକଳେବର ଅନୁଭୂତି ବର୍ଣ୍ଣନା କରି କହିଥିଲେ ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଚିତ୍ର ବିସ୍ମୟ ଓ ଅବୋଧ ରହସ୍ୟ। ମୁଖ୍ୟବକ୍ତା ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତିରେ ମାନବୀୟ ଚେତନାର ବହୁ ଉଦାହରଣ ଦେଇ ଶ୍ରୀ ଜଗନ୍ନାଥ ଦାରୁ ଦେହରେ ମାନବୀୟ ଲୀଳା ପ୍ରକଟ କରିଥାନ୍ତି ବୋଲି ଦର୍ଶାଇଥିଲେ। ସମ୍ମାନିତ ବକ୍ତା ବିଶିଷ୍ଟ କଣ୍ଠଶିଳ୍ପୀ ଡଃ ସଙ୍ଗୀତା ଗୋସାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୃତ୍ୟ ଓ ସଂଗୀତର କିପରି ବିକାଶ ହୋଇଛି ତାହାର ଉଦାହରଣ ଦେଇଥିଲେ। ସଭାପତି ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ର କହିଥିଲେ ଶ୍ରୀଜଗନ୍ନାଥ ବିଶ୍ୱର ଦେବତା ଭାବରେ ଯେତିକି ପ୍ରସିଦ୍ଧ ତାଙ୍କର ମହାପ୍ରସାଦ ମଧ୍ୟ ଅନ୍ନବ୍ରହ୍ମ ଭାବେ ସେହିଭଳି ପ୍ରସିଦ୍ଧ। ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସର୍ବଧର୍ମ ସମନ୍ୱୟର ସଂସ୍କୃତି ବୋଲି ସେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଡଃ ଭାସ୍କର ମିଶ୍ରଙ୍କ ୯୭ତମ ପୁସ୍ତକ 'ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ପାଇଁ ମାନପତ୍ର ପାଠ କରିଥିଲେ ବିଶିଷ୍ଟ ସାହିତ୍ୟିକା ଡଃ ପ୍ରବୀଣା ମହାନ୍ତି, ଡଃ ସୁଷମା ମିଶ୍ର, ଛନ୍ଦା ମିଶ୍ର, କୁସୁମ ପଟେଲ ଓ ତନ୍ଦ୍ରାଲସା ଦାସ। ପ୍ରାରମ୍ଭରୁ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ ମଧୁସ୍ମିତା ବିଶ୍ୱାଳ ଓ ଛନ୍ଦା ମିଶ୍ର। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସ୍ୱାଗତ ଭାଷଣ ସଭା ପରିଚାଳନା କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଆବାହକ ରମାକାନ୍ତ ମିଶ୍ର।

କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଇଂ ବାବାଜୀ ଚରଣ ମିଶ୍ର, ଡଃ ଅଭୟ କୁମାର ନାୟକ, ବିଶ୍ୱଜିତ ନନ୍ଦ, ରାମନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ତପସ୍ୱିନୀ କର ଓ ମୀନାକ୍ଷୀ ରାଉତରାୟ। ସଭାରେ ବହୁ ଜଗନ୍ନାଥ ପ୍ରେମୀଙ୍କ ସମାଗମ ହୋଇଥିଲା।

**ପ୍ରତିଟି ଫାଟକରେ ସୁରକ୍ଷା**

# ରେଳଯାତ୍ରାକୁ ଅଧିକ ନିରାପଦ ପାଇଁ ପୂର୍ବତଟ ରେଳପଥର ବ୍ୟାପକ ଅଭିଯାନ

**ଭୁବନେଶ୍ୱର,୨୦।୪/ଏନ୍‌ଏନ୍‌ଏସ୍:** ବିଗତ ପାଞ୍ଚବର୍ଷ ମଧ୍ୟରେ ୩୮୪ଟି ଲେଭଲ୍ କ୍ରସିଂ ଗେଟ୍‌ର ଇଣ୍ଟର ଲକିଂ, ୧୩୨ଟି କ୍ରସିଂର ଉଚ୍ଛେଦ ଏବଂ ୫୧ଟି ରୋଡ୍ ଓଭରବ୍ରିଜ ଓ ୨୪୩ଟି ରୋଡ ଅଣ୍ଡରବ୍ରିଜ ନିର୍ମାଣ ମାଧ୍ୟମରେ ପୂର୍ବତଟ ରେଳପଥରେ ଚଳାଚଳର ଅନ୍ୟତମ ମାରାତ୍ମକ ବିପଦ — ଲେଭଲ୍ କ୍ରସିଂକୁ ସମାପ୍ତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ବିପଦର ସମୂଳ ନାଶ ପାଇଁ ପୂର୍ବତଟ ରେଳପଥ ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି ଏବଂ ଇଞ୍ଜିନିୟରିଂର ଏକ ସମନ୍ୱିତ ପ୍ରୟାସ ଜାରି ରଖିଛି। ଲେଭଲ୍ କ୍ରସିଂ ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ସଡ଼କ ଏବଂ ରେଳଧାରଣା ଏକାଠି ମିଳିତ ହୁଅନ୍ତି, ଯାହା ଉଭୟ ଟ୍ରେନ୍ ଏବଂ ସଡ଼କ ଯାନ ଚଳାଚଳ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ଆଦି ରାଜ୍ୟରେ ବ୍ୟାପିଥିବା ପୂର୍ବତଟ ରେଳପଥର ନେଟୱାର୍କରେ ୬୧୪ଟି ଏଭଳି କ୍ରସିଂ ରହିଛି। ଗେଟ୍ ପଡ଼ିବା ସତ୍ତ୍ୱେ କିମ୍ବା ସତର୍କ ସୂଚନା ମିଳିବା ପରେ ମଧ୍ୟ ଲୋକଙ୍କ ଅସାବଧାନତା ଯୋଗୁଁ ବିପଦ ଅଧିକ ବଢ଼ିଥାଏ। ଏହି ସ୍ଥାନରେ ହେଉଥିବା ଦୁର୍ଘଟଣା ଯୋଗୁଁ ଜୀବନହାନି ସହ ରେଳ ସେବା




ବାଧାପ୍ରାପ୍ତ ହୁଏ ଏବଂ ରେଳ ସମ୍ପତ୍ତି ନଷ୍ଟ ହୋଇଥାଏ। ଯେ ପର୍ଯ୍ୟନ୍ତ ଏକ ଲେଭଲ୍ କ୍ରସିଂ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ ହୋଇନାହିଁ, ସେ ପର୍ଯ୍ୟନ୍ତ ମାନବୀୟ ତ୍ରୁଟି ଦୂର କରିବା ହେଉଛି ସର୍ବୋତ୍ତମ ସୁରକ୍ଷା। ପୂର୍ବତଟ ରେଳପଥ ଏ ପର୍ଯ୍ୟନ୍ତ ୩୮୪ଟି ଲେଭଲ୍ କ୍ରସିଂ ଗେଟ୍‌କୁ ଇଣ୍ଟର୍ ଲକ କରିଛି। ଏହି ବୈଷୟିକ ବ୍ୟବସ୍ଥା ଦ୍ୱାରା ଗେଟ୍‌ର କାର୍ଯ୍ୟକଳାପ ସିଧାସଳଖ ଟ୍ରେନ୍ ସିଗନାଲ୍ ସହିତ ଜଡ଼ିତ ରହେ, ଯାହା ମାନବୀୟ ଭୁଲ୍ ହେବାର ସମ୍ଭାବନାକୁ ଦୂର କରିଥାଏ। ଏହା ଦ୍ୱାରା ଅସାବଧାନତାଜନିତ ଦୁର୍ଘଟଣା ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି।

ଇଣ୍ଟରଲକିଂ ବ୍ୟବସ୍ଥା ଦ୍ୱାରା ବର୍ତ୍ତମାନର ଲେଭଲ୍ କ୍ରସିଂଗୁଡ଼ିକର ସୁରକ୍ଷା ବୃଦ୍ଧି ପାଉଛି, କିନ୍ତୁ ପୂର୍ବତଟ ରେଳପଥର ଦୀର୍ଘକାଳୀନ ଲକ୍ଷ୍ୟ ଅଧିକ ମହତ୍ତ୍ୱାକାଂକ୍ଷୀ: ତାହା ହେଉଛି ଲେଭଲ୍ କ୍ରସିଂଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା। କ୍ରସିଂରେ ଦୁର୍ଘଟଣା ବିପଦକୁ ଶୂନ୍ୟ କରିବା ପାଇଁ ଏହାହିଁ ଏକମାତ୍ର ରଣନୀତି। ବିଗତ ପାଞ୍ଚ ବର୍ଷ ମଧ୍ୟରେ, ପୂର୍ବତଟ ରେଳପଥ ନେଟୱାର୍କରୁ ୧୩୨ଟି ଲେଭଲ୍ କ୍ରସିଂ ବନ୍ଦ କରି ଦିଆଯାଇଛି - ଏହି ନିରନ୍ତର ହ୍ରାସ ସୁରକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ମାପଯୋଗ୍ୟ ସଫଳତା ଆଣିଦେଇଛି।

ସାଧାରଣତଃ ରୋଡ୍ ଓଭର ବ୍ରିଜ୍ କିମ୍ବା ରୋଡ୍ ଅଣ୍ଡର ବ୍ରିଜ୍ ଭଳି ବିକଳ୍ପ ବ୍ୟବସ୍ଥା ନିର୍ମାଣ ପରେ ଏହି କ୍ରସିଂଗୁଡ଼ିକୁ ବନ୍ଦ କରାଯାଏ, ଯାହା ଫଳରେ ସଡ଼କ ଏବଂ ରେଳ ଚଳାଚଳ ସ୍ୱାଧୀନ ଭାବେ ହୋଇପାରେ। ଥରେ ଏହି କ୍ରସିଂ ଉଚ୍ଛେଦ ହୋଇଗଲେ, ବିପଦ ସ୍ଥାୟୀ ଭାବେ ଦୂର ହୋଇଯାଏ-ସେଠାରେ ଫାଟକ ଖରାପ ହେବାର ଭୟ ରହେ ନାହିଁ, ମାନବୀୟ ନିଷ୍ପତ୍ତି ଉପରେ ନିର୍ଭର କରିବାକୁ ପଡ଼େ ନାହିଁ ଏବଂ ଅସୁରକ୍ଷିତ ଭାବେ କ୍ରସିଂ କରିବାର କୌଣସି ସୁଯୋଗ ରହେ ନାହିଁ। ସୁରକ୍ଷା ବ୍ୟତୀତ, ଏହା ରେଳ ପରିଚାଳନାରେ ମଧ୍ୟ ଉନ୍ନତି ଆଣିଥାଏ। କ୍ରସିଂ ଉଚ୍ଛେଦ ହେବା ଫଳରେ ଟ୍ରେନର ଗତି ବୃଦ୍ଧି ପାଏ, ସମୟାନୁବର୍ତ୍ତିତା ରହେ ଏବଂ ଲାଇନ କ୍ଷମତା ବଢ଼ିଥାଏ-ଏହି ସମସ୍ତ ସୁବିଧା ବହୁଳ ଭିଡ଼ ଥିବା କରିଡରଗୁଡ଼ିକରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ପୂର୍ବତଟ ରେଳପଥ ବିଗତ ପାଞ୍ଚ ବର୍ଷ ମଧ୍ୟରେ ସଫଳତାର ସହ ୫୧ଟି ରୋଡ୍ ଓଭର ବ୍ରିଜ୍ ନିର୍ମାଣ କରିଛି। ଏହା ବ୍ୟତୀତ, ରେଳବାଇର ନିଜସ୍ୱ ବଜେଟ୍ରେ ୨୨୪ଟି ଜଙ୍ଗଇ ମଞ୍ଜୁର ହୋଇଥିବା ବେଳେ, ଭାରତୀୟଜାତୀୟରାଜରାସ୍ତାପ୍ରାଧିକରଣ (ଘଐଇଓ) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଆହୁରି ୧୮ଟି ପ୍ରକଳ୍ପ କାର୍ଯ୍ୟାନୁଷ୍ଠାନରେ ଅଗ୍ରଗତିରେ ଅଛି। ଏହାମଧ୍ୟରୁ ୭୫ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଜାରି କରାଯାଇଛି ଏବଂ ନିର୍ମାଣ କାମ ବିଭିନ୍ନ ପର୍ଯ୍ୟାୟରେ ଚାଲିଛି। ଜାତୀୟ ଏବଂ ରାଜ୍ୟ ରାଜପଥ, ସହର ଅଞ୍ଚଳର ମୁଖ୍ୟ ରାସ୍ତା ସହିତ ଭାରୀ ମାଲବାହୀ ଯାତାୟାତ ହେଉଥିବା ଅତ୍ୟଧିକ ଭିଡ଼ ଅଞ୍ଚଳଗୁଡ଼ିକରେ ଆର୍‌ଓବିଗୁଡ଼ିକ ସର୍ବୋତ୍ତମ ଏବଂ ଦୀର୍ଘକାଳୀନ ସମାଧାନ ଭାବେ ପ୍ରମାଣିତ ହେଉଛି।

ଅତୀତରେ ଆର୍‌ଓବି ନିର୍ମାଣ ପାଇଁ ରେଳବାଇ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଜଟିଳ ଥିଲା, କାରଣ ଉଭୟ ପକ୍ଷର ଅନୁମୋଦନ ଓ ଆର୍ଥିକ ପ୍ରକ୍ରିୟା ସ୍ୱତନ୍ତ୍ର ଥିଲା। ଏହି ପ୍ରଶାସନିକ ବାଧାକୁ ଦୂର କରିବା ପାଇଁ, ପୂର୍ବତଟ ରେଳପଥ ୯୬ଟି ଜଙ୍ଗଇ ପ୍ରକଳ୍ପକୁ ୧୦୦% ରେଳ ପାଣ୍ଠି ସହିତ ଏକକ ସଂସ୍ଥା ପରିଚାଳନା ମଡେଲକୁ ପରିବର୍ତ୍ତନ କରିଛି। ଓଡ଼ିଶା ସରକାରଙ୍କ ଅକ୍ଟୋବର ୨୦୨୫ ର ଆନୁଷ୍ଠାନିକ ଅନୁରୋଧ ଅନୁସାରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବତଟ ରେଳପଥ ଗତ ପାଞ୍ଚ ବର୍ଷ ମଧ୍ୟରେ ୨୪୩ଟି ଆର.ୟୁ.ବି ନିର୍ମାଣ କରିଛି, ଯାହାକି ଏହି ନେଟୱାର୍କରେ ସଂଖ୍ୟା ଦୃଷ୍ଟିରୁ ସବୁଠାରୁ ଅଧିକ ବ୍ୟବହୃତ ଗ୍ରେଡ୍-ସେପାରେଟେଡ୍ କ୍ରସିଂ। ସେଥିମଧ୍ୟରୁ ବିଶେଷ କରି ଲେଭଲ୍ କ୍ରସିଂଗୁଡ଼ିକର ବିକଳ୍ପ ଭାବରେ ୧୬୨ଟି ରୋଡଅଣ୍ଡରବ୍ରିଜ ମଞ୍ଜୁର କରାଯାଇଥିବା ବେଳେ, ଅନଧିକୃତ ଭାବେ ରେଳ ଧାରଣା ପାର ହେଉଥିବା ବିପଜ୍ଜନକ ସ୍ଥାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଅଧୀନରେ ଆଉ ୪୪ଟି ରୋଡଅଣ୍ଡରବ୍ରିଜ ମଞ୍ଜୁର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୭୦ଟି ଚୁକ୍ତିନାମା ପ୍ରଦାନ କରାସରିଛି। ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ନିର୍ମିତ ଏହି ରୋଡଅଣ୍ଡରବ୍ରିଜ ଗୁଡ଼ିକ ବିଶେଷ ଉଲ୍ଲେଖଯୋଗ୍ୟ। ଅନେକ ସ୍ଥାନରେ ଔପଚାରିକ କ୍ରସିଂ ନଥିବାରୁ ପଥଚାରୀମାନେ ଅନିୟନ୍ତ୍ରିତ ଭାବେ ରେଳ ଧାରଣା ପାର ହୋଇଥାନ୍ତି, ଯାହା ସୁରକ୍ଷା ପାଇଁ ବିପଦ ସୃଷ୍ଟି କରେ। ଏକ ନିରାପଦ ତଥା ଆଇନଗତ ଅଣ୍ଡରପାସ ପ୍ରଦାନ କରି ପୂର୍ବତଟ ରେଳପଥ ଅନଧିକୃତ ପାରାପାର ହେବାର ସମ୍ଭାବନାକୁ ଦୂର କରିବା ସହ ରେଳ ଏବଂ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାରେ ଉନ୍ନତି ଆଣୁଛି।

ତିନିମୁଖୀ କୌଶଳ - ଯେଉଁଠାରେ ଲେଭେଲ୍ କ୍ରସିଂ ଅପସାରଣ ସମ୍ଭବ ନୁହେଁ ସେଠାରେ ଇଣ୍ଟରଲକିଂ ବ୍ୟବସ୍ଥା, ଯେଉଁଠାରେ ଗ୍ରେଡ୍-ସେପାରେଟେଡ୍ ବିକଳ୍ପ ଉପଲବ୍ଧ ସେଠାରେ କ୍ରସିଂ ବନ୍ଦ କରାଯିବା, ଏବଂ ସେହି ବିକଳ୍ପଗୁଡ଼ିକର ତ୍ୱରିତ ନିର୍ମାଣ - ଏହାର ସଂଯୁକ୍ତ ପ୍ରଭାବରେ ବର୍ଷକ୍ରମେ ଲେଭେଲ୍ କ୍ରସିଂ ଦୁର୍ଘଟଣାରେ ଲକ୍ଷଣୀୟ ହ୍ରାସ ଦେଖାଯାଇଛି ବୋଲି ରେଳ ଅଧିକାରୀମାନେ ମତବ୍ୟକ୍ତକରିଛନ୍ତି। ଏହାର ମୂଳ ତତ୍ତ୍ୱ ସରଳ - ଗେଟ୍ ବିହୀନ କ୍ରସିଂ କମିଲେ ମାନବୀୟ ତ୍ରୁଟିର ସମ୍ଭାବନା କମିଥାଏ; ସମୁଦାୟ ଲେଭେଲ୍ କ୍ରସିଂ ସଂଖ୍ୟା କମିଲେ ଦୁର୍ଘଟଣାର ସମ୍ଭାବନା ହ୍ରାସ ପାଏ; ଏବଂ ଗ୍ରେଡ୍ ସେପାରେସନ୍ ହେଲେ ସେହି ସ୍ଥାନଗୁଡ଼ିକରେ ସଂଘର୍ଷର ସମ୍ଭାବନା ପୂର୍ଣ୍ଣରୂପେ ନଷ୍ଟ ହୋଇଯାଏ।

ପୂର୍ବତଟ ରେଳପଥ 'ଫାଟକ୍-ମୁକ୍ତ' ନେଟୱର୍କ ଗଠନ କରିବାକୁ, ଅର୍ଥାତ୍ ଶୂନ୍ୟ ଲେଭେଲ୍ କ୍ରସିଂ ଦୁର୍ଘଟଣା ହାସଲ କରିବାର ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। ବର୍ତ୍ତମାନ ୬୧୪ଟି କ୍ରସିଂ ଅବଶିଷ୍ଟ ରହିଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ, ଯାହା ପାଇଁ ତ୍ୱରିତ ଗତିରେ ନିର୍ମାଣ କାର୍ଯ୍ୟ ଆବଶ୍ୟକ। ରୋଡ୍ ଓଭର ବ୍ରିଜ୍ / ରୋଡଅଣ୍ଡରବ୍ରିଜ ନିର୍ମାଣ ଏବଂ ଲେଭେଲ୍ କ୍ରସିଂଗୁଡ଼ିକର ଇଣ୍ଟରଲକିଂ ବ୍ୟବସ୍ଥା ରେଳ-ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି।

ନିତିଦିନ NITIDIN



# ଅକ୍ଷୟ ତୃତୀୟାରେ କୃଷକଙ୍କୁ ସମ୍ବର୍ଦ୍ଧନା



**ବୟାଳିଶମୌଜା,୨୦।୪/ଏନ୍ଏନ୍ଏସ୍:** ଅକ୍ଷୟ ତୃତୀୟା ଉପଲକ୍ଷେ ୪୨ମୌଜା ରେ କୃଷକ ଭାଇମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ୟୁନିଅନ ଫର୍ କଟକ ସଦର ଡେଭେଲପ୍‌ମେଣ୍ଟ ପକ୍ଷରୁ ଆୟୋଜିତ କରାଯାଇଥିଲା । ଏଥିରେ ସଭାପତି ତଥା ଶିକ୍ଷାବିତ ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସମସ୍ତ କୃଷକ ଭାଇମାନେ ଓ ସଙ୍ଗଠନ କର୍ମୀମାନେ ଏକତ୍ରିତ ହୋଇ ଶ୍ରୀ ନାୟକଙ୍କୁ କଳପଡା ବଜାରରୁ କଦମ୍ବେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସାରିବା ପରେ ଅଖିମୁଠି ଅନୁକୂଳ କରିଥିଲେ । ଅକ୍ଷୟ ତୃତୀୟା ଉପଲକ୍ଷେ ମଞ୍ଚ ଉପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ନାୟକ ଉପସ୍ଥିତ ରହି ମଞ୍ଚରେ ଥିବା ସମସ୍ତ ଅତିଥି, ଶତାଧିକ କୃଷକ ଭାଇ, ସାମ୍ବାଦିକମାନଙ୍କୁ ଜଗନ୍ନାଥଙ୍କ ଫଟୋ ଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଙ୍ଗଠନର ଉପଦେଷ୍ଟା ବିଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



**ଓଡ଼ଗାଁ,୨୦।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଦିନକୁଦିନ ଅଭିଯୋଗକାରୀଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳିଛି । ଲୋକେ ପ୍ରଶାସନ ଉପରେ ଭରଷା ଜୁଟାଇ ପାରୁନଥିବାରୁ ଅଭିଯୋଗ ପ୍ରକୋଷ୍ଠକୁ ଆସୁନଥିବା କହି ଅସନ୍ତୋଷ ପ୍ରକଟ କରିଛନ୍ତି ।ଆଜି ମୋଟ ୪୬ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତଗତ ଅଭିଯୋଗ ୪୦ଟି ଥିବାବେଳେ ଗାଁ ସାମୂହିକ ୫ଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ୧ଟି ଥିଲା । ଜିଲ୍ଲାପାଳ ମଧୁମିତା ରଥ, ଏସପି ଏସ ସୁଶ୍ରୀ ଓ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ଅନୁପସ୍ଥିତିରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଆଡ଼ିଶନାଲ ଏସପି ସୁବାସ ପଣ୍ଡା ଉପସ୍ଥିତରହି ଅଭିଯୋଗ ଗୁଡ଼ିକ ଶୁଣିଥିଲେ । ଏଥିରେ ରାସନକାର୍ଡ଼, ଆବାସ, ଭତ୍ତା ଆଦି ଅଭିଯୋଗ ଥିବାବେଳେ ଗାଁରେ ବିଜୁଳି ସମସ୍ୟା, ପାଣି ସମସ୍ୟାକୁ ନେଇ ଲୋକେ ଅଭିଯୋଗ ବାଢିଥିଲେ । ଏ ସମସ୍ତ ଅଭିଯୋଗ ମଧ୍ୟରୁ ୨୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ବାକି ଅଭିଯୋଗ ଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ସାରିବାକୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।ବଡ଼କଥା ହେଉଛି ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।ଅଭିଯୋଗ ଶୁଣାଣିକୁ ଠିକରେ ଅଧିକାରୀମାନେ ଆସୁନଥିବାବେଳେ କୌଣସି ପଞ୍ଚାୟତ କିମ୍ବା ଗାଁଲୋକଙ୍କୁ ଏସଂପର୍କରେ ସୂଚନା ଦିଆଯାଉନାହିଁ । ସେତିକି ନୁହଁ ଧର୍ମକୁ ଆଖିଠାର ନ୍ୟାୟରେ ଅଭିଯୋଗ ଶୁଣାଣୀ ହେଉଥିବା ଅଭିଯୋଗକାରୀ କହିଛନ୍ତି । ଆଜି ସକାଳ ୭ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି କରାଯାଇଥିଲା । ବ୍ଲକକୁ ଅଭିଯୋଗକାରୀ ଆସିବା ପୂର୍ବରୁ ଅଧିକାରୀମାନେ ଚାଲିଯାଇଥିଲେ । ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପୁଷ୍ପନିଳିମା ଲାକ୍ରା, ଓଡ଼ଗାଁ ବିଡ଼ିଓ ପ୍ରିତିବାଳା ରଣାଙ୍କ ସମେତ ଶିକ୍ଷା,କୃଷି, ଜଳସେଚନ, ବିଦ୍ୟୁତ୍, ରାଜସ୍ୱ, ସ୍ୱାସ୍ଥ୍ୟବିଭାଗ, ମୃତ୍ତିକା ସଂରକ୍ଷଣ, ବନବିଭାଗ,ଉଦ୍ୟାନ ବିଭାଗ,ପୁଲିସ ପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ ।

# ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

**ମୁଣ୍ଡମୁହାଣ,୨୦।୪/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲାପାଳଙ୍କ ଅନୁପସ୍ଥିତ ଯୋଗୁ ଉପଜିଲ୍ଲାପାଳ ଡ଼ଃ ମନୋରଞ୍ଜନ ସାହୁ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜନଶୁଣାଣିରେ ଜିଲା ସ୍ତରିୟ ବରିଷ୍ଠ ଅଧିକାରୀ, ଜଟଣୀ ବିଧାୟକ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।ଆଜି ଜନଅଭିଯୋଗ ଶୁଣାଣିରେ ମୋଟ ୩୬ ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୨୯ ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୭ଟି ଅଭିଯୋଗ ସାମୁହିକ ଅଭିଯୋଗ ଥିଲା ।୩ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଆଜିର ଅଭିଯୋଗ ଗୁଡିକ ଭିତରେ ଗ୍ରାମ୍ୟ ରାସ୍ତା ଜବରଦଖଲ ମୁକ୍ତ, ସ୍ଥାନୀୟ ବିଦ୍ୟାଳୟର ସମସ୍ୟା, ବାର୍ଦ୍ଧକ୍ୟ ଓ ବିଧବା ଭତା ଓ ସ୍ଥାନୀୟ ଡାକ୍ତରଖାନା ସମସ୍ୟା, ପ୍ରଧାନମନ୍ତ୍ରୀ ଆଭାସ ଯୋଜନା ଉପରେ ଅଭିଯୋଗ ଆଣିଥିଲେ ।ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମରେ ବିଭିନ୍ନ ରାସ୍ତା ମରାମତି ଓ କଂକ୍ରିଟ କରଣ ହେଉଥିଲେ ମଧ କିଛି ସ୍ଥାନରେ ଜବର ଦଖଲ ଯୋଗୁ ରାସ୍ତା କାମ ତ୍ୱରାନ୍ୱିତ ହୋଇପାରୁ ନଥିବା ଅଭିଯୋଗ ହୋଇଥିଲା । ତେଣୁ ଉକ୍ତ ରାସ୍ତା ଗୁଡିକ ଉପରୁ ଜବର ଦଖଲ ମୁକ୍ତ କରି ରାସ୍ତା କାମ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ । ସେହିଭଳି ସ୍ଥାନୀୟ ବିଦ୍ୟାଳୟର କିଛି ସମସ୍ୟା ନେଇ ଅଭିଯୋଗ ହୋଇଥିଲା । ଏହାସହ ଅକ୍ଷୟ ତୃତୀୟା ଅବସରରେ ପଞ୍ଚାୟତ ପରିସରରେ ଥିବା ମୋଟ ୩୦ ଲକ୍ଷ ଟଙ୍କା ବେୟରେ ନବ ନିର୍ମିତ ସୁବିଧା କେନ୍ଦ୍ର ଗୃହ, କଲ୍ୟାଣ ମଣ୍ଡପ ସେଡ, ମହିଳା ମହାସଂଘ ଗୃହକୁ ଉଦ୍ଘାଟନ କରାଯାଇଥିଲା ।ଆଜିର ଏହି ଜନଅଭିଯୋଗ ଶୁଣାଣିରେ ଖୋର୍ଦ୍ଧା ଜିଲା ସିଡିଏମଓ ଡ଼ଃ ସଞ୍ଜୟ ରାୟ, ଜଟଣୀ ବ୍ଲକ ବିଡିଓ ବଶନ୍ତ କୁମାର ହାତୀ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସହ ରାଜସ୍ୱ ବିଭାଗ, ସାମାଜିକ ସୁରକ୍ଷା ,ସଶକ୍ତିକରଣ ଓ ଶିଶୁ କଲ୍ୟାଣ, କୃଷି, ଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆରଡବ୍ଲୁଏସଏସ, ପାନୀୟ ଜଳ ଖାଦ୍ୟ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ, ଅଙ୍ଗନବାଡି,ଆଶା କର୍ମି ଓ ମହିଳା ସ୍ୱୟଂ ସଂଘଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

# ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ଅଷ୍ଟାଦଶ ବାର୍ଷିକ ଉତ୍ସବ



**ଖୋର୍ଦ୍ଧା,୨୦।୪/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ଅଷ୍ଟାଦଶ ବାର୍ଷିକ ଉତ୍ସବ ଖୋର୍ଦ୍ଧା ଜେଲରୋଡସ୍ଥିତ ଶ୍ୟାମାମାଧବ ବାସନ୍ତୀ ଦେବୀ ପାଠାଗାର ପରିସରରେ ସଂସଦର ପ୍ରତିଷ୍ଠାତା ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ଶରତଚନ୍ଦ୍ର ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ଭଞ୍ଜ ସାହିତ୍ୟର ବିଶିଷ୍ଟ ଗବେଷକ ଭଞ୍ଜନଗର ନିବାସୀ କାମରାଜ ସାହାଣି ମୁଖ୍ୟବକ୍ତା ରୂପେ ଯୋଗ ଦେଇ ବିଚିତ୍ର କାବ୍ୟ ବୈଦେହୀଶ ବିଳାସ ଉପରେ ଏକ ମାର୍ମିକ ଆଲୋଚନା କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ । ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ବିଜୟକୁମାରମହାନ୍ତି, ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସମଣ୍ଡଳୀର ଓଡିଆଭାଷାବିତ ମନୋଜ କୁମାର ଜେନା, ଗାଳ୍ପିକା ଶ୍ୱେତ ପଦ୍ମାସିନୀମହାନ୍ତି, ପୁରୀ ସରକାରୀ ମହିଳା କଲେଜର ପୂର୍ବତନ ଅଧକ୍ଷ ଡ. ଶରଚ୍ଚନ୍ଦ୍ର ମହାପାତ୍ର ଅକ୍ଷୟ ତୃତୀୟା ଦିବସର ମହତ୍ତ୍ୱ, ଓଡ଼ିଆଭାଷାର ଅବକ୍ଷୟ, ଭାଷାକମିଶନ ଗଠନ ହେବାସହ ଓଡିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା ଉପରେ ଉପାଦେୟ ବକ୍ତବ୍ୟ ଦେଇଥିଲେ । ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ ଓ ସଂପାଦିକା ବିମଳା ସିଂହ ବିବରଣୀ ପାଠ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସାହିତ୍ୟ ପରିଷଦ ପକ୍ଷରୁ ଭଞ୍ଜନଗରର ପ୍ରଫେସର ଡ. ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ପଠାଣି ପଟ୍ଟନାୟକ ସାହିତ୍ୟ ସମ୍ମାନ, କେନ୍ଦ୍ରାପଡାର ଡ. ବାସନ୍ତୀ ମହାନ୍ତିଙ୍କୁ କବି ଜୟଦେବ ସମ୍ମାନ, କେନ୍ଦ୍ରାପଡାର ଡ. ନାରାୟଣ ସାହୁଙ୍କୁ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ସମ୍ମାନ, ଦଶପଲ୍ଲାର ଗାଳ୍ପିକ ହାଡିବନ୍ଧୁ ମହାକୁଡଙ୍କୁ ସଚ୍ଚି ରାଉତରାୟ ସମ୍ମାନ, ବାଣପୁର ତେନ୍ତୁଳିଡିହର ଗବେଷକ ମଦନମୋହନ ମହାପାତ୍ରଙ୍କୁ କୁନ୍ତଳାକୁମାରୀ ସାହିତ୍ୟ ସମ୍ମାନ, ଟାଙ୍ଗିର ହିମାଂଶୁ ଶେଖର ମହାପାତ୍ରଙ୍କୁ ଉମ୍ୟରୁଧର ପରିଡା ସମ୍ମାନ ଓ ଜଟଣୀ କନ୍ତିଆ ମହିଳାକଲେଜ ଅଧକ୍ଷା ଡ. ସୁକାନ୍ତି ମହାପାତ୍ରଙ୍କୁ ବୃନ୍ଦାବତୀ ଦାସୀ ସମ୍ମାନ ଓ ବାଣପୁର ପାଠାଗାର ଆନ୍ଦୋଳନର ବିନ୍ଧାଣୀ ତଥା ଗବେଷକ ଗୋଲକ ବିହାରୀ ପରିଡାଙ୍କୁ କବିବନ୍ଧୁ ପରାଶର ସମ୍ମାନ ଦିଆଯାଇଥିଲା । ସଭା ପ୍ରାରମ୍ଭରେ କବିଗୋବିନ୍ଦ ଚନ୍ଦ୍ରମହାରଣା, ଇତିଶ୍ରୀ ସାହୁ, ବ୍ରଜେଶ୍ୱରୀସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦେବରାଜ ପ୍ରଧାନ, ବୈକୁଣ୍ଠ ନାଥ ରାଜଗୁରୁ, ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା । ସମୀର ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ଦେବଦତ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'ଆମ ଗାଁ ସାହିତ୍ୟ'ର ଦ୍ୱିତୀୟ ବାର୍ଷିକ ଉତ୍ସବ



**ନୟାହାଟ,୨୦।୪/ଏନ୍ଏନ୍ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କୋଣାର୍କ ଓଡ଼ିଶା ପରିବାର ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ସ୍ଥିତ ଗଡ଼କରମଳା ଗ୍ରାମରେ ଦ୍ୱିତୀୟ ବାର୍ଷିକ ଆମ ଗାଁ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ସମାଜସେବୀ ସତ୍ୟବ୍ରତ ପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାହିତ୍ୟିକ ଦାଶ ବେନହୁର ମୁଖ୍ୟ ବକ୍ତା, ବରିଷ୍ଠ ଗୀତିକବି ଏବଂ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉତ୍ସବରେ ଟ୍ରଷ୍ଟର ସମ୍ପାଦକ ବିଚିତ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିବା ବେଳେ ଅଂଶୁମାନ ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଷ୍ଣୁ ମୋହନ ପ୍ରଧାନ, ନିହାରିକା ତ୍ରିପାଠୀଙ୍କୁ ସେବା ସମ୍ମାନ, ସୌମ୍ୟରଞ୍ଜନ ରାଉତଙ୍କୁ ଆମ ଗାଁ ପ୍ରତିଭା ସମ୍ମାନ ଏବଂ ଦେବବ୍ରତ ଦାସଙ୍କୁ ଆମ ଗାଁ ସାହିତ୍ୟ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ପରେ ପରେ ଦ୍ୱିତୀୟ ଅଧିବେଶନରେ କବିତା ଆସର କାର୍ଯ୍ୟକ୍ରମ ହୋଇଥିଲା । ଏହାକୁ ପ୍ରିୟଙ୍କା ରାୟ ସଂଯୋଜନା କରିଥିବା ବେଳେ ଓଡ଼ିଶାରୁ ଆସିଥିବା କୋଣ ଅନୁକୋଣରୁ କବି ପ୍ରଫୁଲ୍ଲ ଚକ୍ର, ଆଶୁତୋଷ ମେହେର, ପ୍ରମୋଦ ମହାପାତ୍ର, ଭାରତୀ ଭୂଷଣ ମିଶ୍ର, ଶଶାଙ୍କ ଶେଖର ସାହୁ, ସସ୍ମିତା ଷଡଙ୍ଗୀ, ସ୍ୱର୍ଣ୍ଣଲତା ତ୍ରିପାଠୀ, ନୀଳାମ୍ବର ପଣ୍ଡା, ନିଶିପଦ୍ମା ଶୁଭଦର୍ଶିନୀ, ରମେଶ ସାହୁ, ଅବିନାଶ ସାହୁ, ପ୍ରଣୟ ସୁଧା, ସ୍ୱରୂପ ନାୟକଙ୍କ ସହିତ ୩୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ବାରିକ, ବିଚିତ୍ରା ନନ୍ଦ ରାଉତ, ଦୀପକ ସ୍ୱାଇଁ, ଦୀପକ ବେହେରା ପରିଚାଳନା କରିଥିବା ବେଳେ ଶେଷରେ ଶିବିର ଚନ୍ଦ୍ର ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନୀଳମାଧବଙ୍କ ଚନ୍ଦନ ଯାତ୍ରା ଆରମ୍ଭ

**କଣ୍ଟିଲୋ,୨୦।୪/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଆଜି ସୋମବାର୍ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ଆଜି ସୋମବାର ଅପରାହ୍ନ ରେ ନୀଳମାଧବଙ୍କ ଚଳନ୍ତି ପ୍ରତିମା ପ୍ରଭୁ ମଦନ ମୋହନ ଙ୍କ ସହିତ ଶ୍ରୀଦେବୀ ଓ ଭୂଦେବୀ ଏବଂ ଶିବ ପାର୍ବତୀ ଦୁଇ ଗୋଟି ସୁ ସିତ ମଣି ବିବାନ ରେ ଚନ୍ଦନ ପୁଷ୍କରିଣୀ କୁ ବିଜେ କଲା ବେଳେ, ଖୁବ୍ ଚିତ୍ତାକର୍ଷକ, ଆକର୍ଷଣୀୟ,ଓ ମନମୁଗ୍ଧକର ଦୃଶ୍ୟ ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଚନ୍ଦନ ଯାତ୍ରା ପରିଚାଳନା କରିବାକୁ ଦାୟିତ୍ୱ ନେଇଥିବା ସ୍ଥାନୀୟ କିଛି ଉଦୀୟମାନ ଯୁବକମାନେ ସର୍ବସାଧାରଣଙ୍କ ମନରେ ଆଧାତ୍ମିକ ଚିନ୍ତାଧାରା ସୃଷ୍ଟି କରିଛନ୍ତି । ପବିତ୍ର ଚନ୍ଦନ ପୋଖରୀ ହୁଡ଼ାର ଚତୁଃପାର୍ଶ୍ୱରେ ଆଲୋକୀ କରଣ କରିବା ସହିତ ନନ୍ଦାଭଦ୍ରା ଉଭୟ ଡଙ୍ଗା ଓ ଚନ୍ଦନ ମଣ୍ଡପ ମନ୍ଦିରକୁ ଖୁବ ଆକର୍ଷଣୀୟ ଭାବେ ସୁସିତ କରିଥିବା ଦେଖିବାକୁ ମିଳୁଛି । ଆଜିଠାରୁ ୨୧ଦିନ ପର୍ଯ୍ୟନ୍ତ ଏହି ଚନ୍ଦନଯାତ୍ରା ଚାଲିବ ବୋଲି ଜଣାପଡ଼ିଛି ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୨ତମ ବାର୍ଷିକ ଉତ୍ସବ



**ସାଲେପୁର,୨୦।୪/ଏନ୍ଏନ୍ଏସ୍:** ସାଲେପୁର ଓଡ଼ିଶାର ଏକ ପ୍ରମୁଖ ଅଞ୍ଚଳ ରୂପେ ଖ୍ୟାତି ଲାଭ କରିଛି । ଏହି ଅଞ୍ଚଳର ବିକାଶ ପ୍ରତି ସେଭଳି ଆଖିଦୃଶିଆ ପଦକ୍ଷେପ ବିଗତ ଦିନରେ କରାଯାଇପାରିନାହିଁ । ଏବେ ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିବାବେଳେ ଆଗକୁ ଏହି ମାହାଙ୍ଗା, ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ନେଇ ସାଲେପୁରଠାରେ ରାଜସ୍ୱ ବିଭାଗ ସବ୍‌ଡିଭିଜନ୍ ଖୁବ୍ ଶୀଘ୍ର ରାଜ୍ୟ ସରକାର ଘୋଷଣା କରିବାକୁ ନିଷ୍ପତ୍ତି ନେଇପାରନ୍ତି ବୋଲି ସାଲେପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୨ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏହି ମତବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ସଭାପତି ହରିହର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଆଇନ୍‌ଜୀବୀ ବିଜୟ କେତନ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଏହି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହ ଏହି ଅନୁଷ୍ଠାନକୁ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନୁଷ୍ଠାନର ସଂପାଦକ ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଉପସଭାପତି ପ୍ରଶାନ୍ତ କୁମାର ଜେନା ବିବରଣୀ ପାଠ ସହ ଏହି ଅନୁଷ୍ଠାନର ଉନ୍ନତି ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସହ ସଂପାଦକ ଚିତ୍ତରଂଜନ ଶତପଥି, କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଅନୁଷ୍ଠାନର ଅଧକ୍ଷ ବଳରାମ ସାହୁ ଧନ୍ୟବାଦ ଦେଇଥିଲେ ।

# ଶିଶୁବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ମୁଣ୍ଡମୁହାଣ,୨୦।୪/ଏନ୍ଏନ୍ଏସ୍:** ଭରତପୁର ଜିଏ କଲୋନିସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାଶିନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ତଥା ଭାରତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ମାର୍ଗଦର୍ଶକ ଜଗଦିଶ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅବଧୂତ ଆନନ୍ଦ ମାର୍ଗ ପ୍ରଚାରକ ସଂଘର ମୁଖ୍ୟ ଲଳିତ କୃଷ୍ଣ ନନ୍ଦ ମୁଖ୍ୟ ବକ୍ତା ଓ ଭାରତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଯୋଗାଚାର୍ଯ୍ୟ ବିର କିଶୋର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ସମ୍ପାଦକ ଦୁର୍ଗା ପ୍ରସାଦ ମହାନ୍ତି ସଭା ପରିଚାଳନା କରିଥିଲାବେଳେ ପ୍ରଧାନ ଆଚାର୍ଯ୍ୟ ମନୋରମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମିପ୍ରିୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାହାଇଥିଲା । କାର୍ଯ୍ୟକ୍ରମରେ ମମତା ସାହୁ, ଶୁଭଶ୍ରୀ ଶୁଭଲକ୍ଷ୍ମୀ ଦାଶ, ସୁଚିତ୍ରା ଦାସ, ନମିତା ବିଶ୍ୱାଳଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

# ମଙ୍ଗଳା ମନ୍ଦିରରେ ଚନ୍ଦନଯାତ୍ରା ଆରମ୍ଭ



**ଅସ୍ତରଙ୍ଗ,୨୦।୪/ଏନ୍ଏନ୍ଏସ୍:** କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ପୀଠ ରେ ଅକ୍ଷୟତୃତୀୟା ଠାରୁ ବାହାର ଚନ୍ଦନ ଯାତ୍ରା ମହାସମାରୋହରେ ଆରମ୍ଭ ହୋଇଛି । ପୁରୀ ଶ୍ରୀମନ୍ଦିର ଭଳି ବାର ମାସ ରେ ତେର ପର୍ବ ପାଳିତ ହୋଇଥାଏ । ତନ୍ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ । ଯାହାକି ଦୀର୍ଘ ବାଇଶି ଦିନ ଧରି ଚାଲିଥାଏ । ଏହା ଅକ୍ଷୟତୃତୀୟକ୍ଷ ଠାରୁ ଆରମ୍ଭ ହୋଇ ବାଇଶି ଦିନ ଚାଲିବା ପରେ ହଳଦୀ ପାଣିରେ ସମାପ୍ତ ହୋଇଥାଏ । ପ୍ରତ୍ୟହ ସନ୍ଧ୍ୟା ଆଳତିପରେ ବେଢ଼ାରେ ଥିବା ରାଧାକୃଷ୍ଣ ଜିଉଙ୍କୁ ଏକ ସୁସଜ୍ଜିତ ମଣି ବିମାନରେ ବସାଯାଇ ଘଣ୍ଟ, ଘଣ୍ଟା, ମାର୍ଦ୍ଦଳ, ଢୋଲ, ମହୁରୀ ଆଦି ପାରମ୍ପରିକ ବାଦ୍ୟ ବଜାଯାଇ ନିକଟସ୍ଥ ପ୍ରାଚୀ ନଦୀର ଚନ୍ଦନ ଘାଟକୁ ନିଆଯାଇଥାଏ । ସେଠାରେ ଜିଉମାନଙ୍କୁ ଚନ୍ଦନ, କର୍ପୁର, ଚୁଆ, ହଳଦୀ, କସ୍ତୁରୀ ଆଦି ମିଶ୍ରିତ ପାଣିରେ ସ୍ନାନ କରାଯିବା ପରେ ବାଳ ଧୂପ କରାଯାଇ ବନ୍ଦାପନା କରାଯାଇଥାଏ । ପରେ ପରେ ଶ୍ରୀ ଜିଉମାନଙ୍କୁ ଏକ ଡ଼ଙ୍ଗାରେ ବସାଇ ଚାପ ଖେଳାଯାଇଥାଏ । ପ୍ରବଳ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଦେବୀ ଦେବତାମାନଙ୍କ ଏହି ଶୀତଳଯାତ୍ରା ଅନୁଷ୍ଠିତ ହୋଇଥାଏ ।

# ନୀଳମାଧବଙ୍କ ଶରଦ ରାସୋତ୍ସବ



**କଣ୍ଟିଲୋ,୨୦।୪/ଏନ୍ଏନ୍ଏସ୍:** ଆଦି ପୀଠ କଣ୍ଟିଲୋରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ଶରଦ ରାସୋତ୍ସବ ଅନୁଷ୍ଠିତ ପାଇଁ ପରମ୍ପରା, ନୀତି ନିୟମ ଅନୁଯାୟୀ ମା' ନାରାୟଣୀଙ୍କ ଉପସ୍ଥିତି ନିହାତି ଆବଶ୍ୟକ । ମା'ଙ୍କ ଆଜ୍ଞା ବିନା କିମ୍ବା ଅନୁପସ୍ଥିତିରେ ଆଦୌ ରାସୋତ୍ସବ ସମ୍ଭବ ନୁହେଁ । ତେଣୁ ଏଥିପାଇଁ ଆଜି ପବିତ୍ର ଅକ୍ଷୟ ତୃତୀୟ ତିଥିରେ ମା' ନାରାୟଣୀ ଶ୍ରୀଜିଉଙ୍କ ପାଖରେ ଉପସ୍ଥିତ ହୋଇଛନ୍ତି । ସୂଚନା ରୁ ପ୍ରକାଶ ଯେ, ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଶ୍ରୀ ଜିଉଙ୍କ ଶରଦରାସ ଅନୁଷ୍ଠିତ ପାଇଁ ପୂର୍ବରୁ ପ୍ରଭୁ ଶ୍ରୀନୀଳମାଧବଙ୍କ ଆଜ୍ଞା ପତ୍ରିକା ମିଳିଥିଲା । ମା'ଙ୍କୁ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ମସ୍ତକରେ ଥିବା ସମସ୍ତ ଆଜ୍ଞାମାଳ ଖସି ଶ୍ରୀଜିଉଙ୍କ ରାସୋତ୍ସବ ପାଇଁ ଶୁଭଙ୍କର ସୂଚନା ମିଳିଥିଲା । ଏହାପରେ ଶ୍ରୀଜିଉଙ୍କ ନିର୍ଦ୍ଦେଶରେ ମା' ନାରାୟଣୀ ଆସି ମାଧବଙ୍କ ନିକଟରେ ଉପସ୍ଥିତ ହୋଇଥିଲେ ।

# କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରରେ ରଥ କାଠ ଅନୁକୂଳ



**କୋଣାର୍କ,୨୦।୪/ଏନ୍ଏନ୍ଏସ୍:** ସୋମବାର କୋଣାର୍କ ରାଜାରାମ ମଠ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ କାଠ ଅନୁକୂଳ ସମାରୋହ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧାର୍ମିକ ରୀତିନୀତି ଅନୁଯାୟୀ ମନ୍ଦିର ପରିସରରେ ମହାରାଜା ଗୋପାଳ ଦାସ, ଶିଶିର ସେଠଙ୍କ ସହଯୋଗ ରେ ମୁଖ୍ୟ ପୂଜକ ବ୍ୟୋମକେଶ ଦାସ ହୋମଯଜ୍ଞ ଆଦି କାର୍ଯ୍ୟ ସଂପାଦନ କରିବା ପରେ ବିଶ୍ୱକର୍ମା ଶମ୍ଭୁନାଥ ମହାରଣାଙ୍କ ଦ୍ୱାରା ରଥକାଠ ପ୍ରଥମେ ବାର୍ଷିରେ ହାଣି ଅନୁକୂଳ କରିଥିଲେ । ଆଜିଠାରୁ ରଥ ନିର୍ମାଣ କାର୍ଯ୍ୟ ଜାରି ରହିବ । ଚଳିତବର୍ଷ କୋଣାର୍କ ଠାରେ ଆୟୋଜିତ ହେବାକୁ ଥିବା ରଥ ଯାତ୍ରା ନିମନ୍ତେ ପୂର୍ବପରି ୩ ଗୋଟି ରଥ ନିର୍ମାଣ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ୩ରଥ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ପର୍ଯ୍ୟାପ୍ତ କାଠର ବ୍ୟବସ୍ଥା କରାଯାଇଛି ବୋଲି ଟ୍ରଷ୍ଟି ଅମରେଶ୍ୱର ନାୟକ ପ୍ରକାଶ କରିଛନ୍ତି ।

# ବାଗ୍‌ଦେବୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ



**ପିପିଲି,୨୦।୪/ଏନ୍ଏନ୍ଏସ୍:** ପିପିଲି ଜଗନ୍ନାଥପୁର ସ୍ଥିତ ବାଗଦେବୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଉକ୍ତ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ୍ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବୃନ୍ଦାବନ ଜେନା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ଯଦି ମା'ମାନେ ସଙ୍କଳ୍ପବଦ୍ଧ ହେବେ ତେବେ ତାଙ୍କ ପିଲା ନିଶ୍ଚିତ ସମାଜରେ ଏକ ଭଲ ମଣିଷ ହେବ ବୋଲି କହି ଉତ୍ତମ ଛାତ୍ର ଗଠନରେ ମା' ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ତଥା ବିଶିଷ୍ଟ ସାହିତ୍ୟିକା ପ୍ରତିଭା ମହାରଥୀ, ପିପିଲି ବ୍ଲକ ଶିକ୍ଷା ଅଧିକାରୀ ପିତବାସ ସେଠୀ, ଶିକ୍ଷକ ଚିନ୍ତାମଣି ଓଝା, ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀ, ଶିକ୍ଷକ ରବୀନ୍ଦ୍ର ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର ପ୍ରମୁଖ ଯୋଗଦେଇ ପରାମର୍ଶ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

**ନିତି ଭାରତୀ**

ଆମ ସମସ୍ତଙ୍କ ନିକଟରେ ସମାନ ପ୍ରତିଭା ନାହିଁ। କିନ୍ତୁ ପ୍ରତିଭା ବିକଶିତ କରିବାକୁ ଆମ ସମସ୍ତଙ୍କ ନିକଟରେ ସମାନ ସୁଯୋଗ ରହିଛି।

**- ଏପିଜେ ଅବ୍ଦୁଲ୍ କଲାମ୍**

NITIDIN
ନିତିଦିନ
ମଙ୍ଗଳବାର, ୨୧ ଏପ୍ରିଲ ୨୦୨୬

# ଅନିଶ୍ଚିତତା ମଧ୍ୟରେ ଆମେରିକା-ଇରାନ୍ ଯୁଦ୍ଧ



ତପୋଧନ ପଣ୍ଡା

ଆମେରିକାର ସୁରକ୍ଷା-ଛତ୍ରଛାୟା ତଳେ ଥିବା ଆରବ୍ୟ ଦେଶଗୁଡ଼ିକ ଉପରେ ସମ୍ଭାବ୍ୟ ବିପଦ ସୃଷ୍ଟି କରି ଚାଲିଛି ଇରାନ୍। ଉଲ୍ଲେଖନୀୟ ଯେ କେବଳ ଇରାନ୍ହିଁ ସିହା ରାଷ୍ଟ୍ର। ଅନ୍ୟ ସବୁ ସୁନ୍ନି ରାଷ୍ଟ୍ର। ଇରାନ୍ ସେମାନଙ୍କ ଉପରେ ବିପଦ ସୃଷ୍ଟି କରି ପାରିବ ନାହିଁ ଓ କଲେ ତା'ର ଉଚିତ୍ ଜବାବ୍ ଆମେରିକା ଦେବ- ଏଇ ଭାବନାରେ ମସ୍‌ଗୁଲ୍ ହୋଇ ସେହି ରାଷ୍ଟ୍ରଗୁଡ଼ିକ ନିଜ ଦେଶରେ ଆମେରିକାର ଏୟାରବେସ୍ ନିର୍ମାଣ କରିବା ପାଇଁ ଜାଗା ଛାଡ଼ି ଦେଇଥିଲେ। ଆମେରିକା-ଇସ୍ରାଏଲ୍ ମିଶି ଯେବେ ଇରାନ୍ ଉପରେ ଆକ୍ରମଣ ଆରମ୍ଭ କଲେ, ରାଷ୍ଟ୍ରପତି ଟ୍ରମ୍ପ୍ କହି ଚାଲିଲେ ଯେ ଦୁଇ-ଚାରି ଦିନ ଭିତରେ ଇରାନ୍ ହାରିଯାଇ ଆତ୍ମସମର୍ପଣ କରିବ। ପ୍ରଥମ ଆକ୍ରମଣରେ ସେମାନେ ଇରାନ୍‌ର ଧର୍ମଗୁରୁ ତଥା ରାଷ୍ଟ୍ରମୁଖ୍ୟ ଖାମେନେଇଙ୍କ ସମେତ ଅନେକ ତୁଙ୍ଗ ନେତାଙ୍କୁ ବୋମା ମାଡ଼ରେ ହତ୍ୟା କରିଦେଲେ। ମାତ୍ର ଇରାନ୍ ହାର ମାନିବା ବଦଳରେ ପାଲଟା ଆକ୍ରମଣ ମାଧ୍ୟମରେ ଅନ୍ୟ ଗଲ୍‌ଫ ଦେଶଗୁଡ଼ିକରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଗୋଟିକ ପରେ ଗୋଟିଏ ନଷ୍ଟ କରିଦେଲା। ଏହା ଆମେରିକା ଓ ଇସ୍ରାଏଲର କଳ୍ପନା ରାଜ୍ୟରୁ ବହୁତ ଦୂରରେ ଥିଲା। ସେଠାରେ ମହଜୁଦ୍ ଥିବା ଆମେରିକୀୟ ସୈନ୍ୟମାନେ ବାସଚ୍ୟୁତ ହୋଇ ହୋଟେଲମାନଙ୍କରେ ରହିବାକୁ ବାଧ୍ୟ ହୋଇଛନ୍ତି ଓ ଘାଟିଗୁଡ଼ିକୁ ମରାମତି କରି ବ୍ୟବହାର ଉପଯୋଗୀ କରିବା ପାଇଁ ଦୀର୍ଘ ବର୍ଷ ଲାଗିଯିବ। ଏବେ ସେହି ଦେଶଗୁଡ଼ିକର ଭାବନା ରାଜ୍ୟରେ ଆତ୍ମରକ୍ଷାର ବିକଳ୍ପ ଖୋଜା ଚାଲିଛି।

ଗତ ୨୦୨୪ ଅକ୍ଟୋବରରୁ ୨୦୨୫ ମସିହା ସାରା ଆମେରିକା ସକ୍ରିୟ ଭାବରେ ନିଜର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଓ ବିଶେଷ ଭାବରେ ଖଞ୍ଜା ଯାଇଥିବା ଟର୍ମିନାଲ ହାଇ ଅଲ୍‌ଟିଚ୍ୟୁଡ୍ ଏରିଆ ଡିଫେନ୍ସ ବା 'ଥାଡ୍' ଓ ପାଟ୍ରିଅଟ୍ ବ୍ୟାଟେରିଜ୍‌ଗୁଡ଼ିକୁ ସେହି ଦେଶଗୁଡ଼ିକରୁ ଧୀରେ ଧୀରେ ସ୍ଥାନାନ୍ତର କରିନେଇ ଇସ୍ରାଏଲରେ ଖଞ୍ଜି ଚାଲିଥିଲା। ତା'ର କାରଣ ହେଲା- ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଯୁଦ୍ଧ ଲାଗିଗଲେ ଇସ୍ରାଏଲକୁ ସୁରକ୍ଷା ପ୍ରଦାନ କରାଯାଇ ପାରିବ। ୨୦୨୪ ଅକ୍ଟୋବରରେ ରାଷ୍ଟ୍ରପତି ବାଇଡେନ୍ ଥାଡ୍ ଓ ପାଟ୍ରିଅଟ୍‌ଗୁଡ଼ିକୁ ସ୍ଥାନାନ୍ତର ଆରମ୍ଭ କରିଥିଲେ ଏବଂ ୨୦୨୫ରେ ଟ୍ରମ୍ପ୍ ସାଉଦି ଆରବରୁ ସେଠାରେ ଥିବା ମିସାଇଲ୍ ଇଣ୍ଟରସେପ୍ଟର ଓ ସୈନ୍ୟ ମୁତୟନକୁ ଇସ୍ରାଏଲକୁ ସ୍ଥାନାନ୍ତର କରି ଦେଇଥିଲେ। ଆବୁଧାବିରେ ଥିବା ଥାଡ୍‌କୁ ଇସ୍ରାଏଲକୁ ମଧ୍ୟ ଉଠାଇ ନିଆ ଯାଇଥିଲା। ସେତେବେଳେ ସାଉଦି ଆରବ ଓ ମିଳିତ ଆରବ ରାଷ୍ଟ୍ର (ୟୁଏଇ)ର ନେତାମାନେ ପାଟି କରିଥିଲେ ଯେ ଆମେରିକା ଆମକୁ ପରିତ୍ୟକ୍ତ କରି ଚାଲି ଯାଉଛି। କେବଳ ସେତିକି ନୁହେଁ, ନିଜର ଇନ୍‌ସ୍ୟୁରାନ୍ସ ପଲିସି ଭଳି ଭାବି ଡଲାର ପୈଠ କରି ଚାଲିଥିଲେ ଆମେରିକାକୁ, ସେହି ଘାଟିଗୁଡ଼ିକୁ ପରିଚାଳନା କରିବା ଉଦ୍ଦେଶ୍ୟରେ। ଆମେରିକା ସେମାନଙ୍କଠାରୁ ନେଇ ଚାଲିଥିଲା କୋଟି କୋଟି ପେଟ୍ରୋ ଡଲାରର ଅର୍ଥରାଶି। ଏସବୁ ଥିଲା ସେଇସବୁ ଆରବ୍ୟ ରାଷ୍ଟ୍ରଗୁଡ଼ିକର ଭାବନାର କେନ୍ଦ୍ରବିନ୍ଦୁ ହୋଇ- ଯେ ଆମେରିକା ସେମାନଙ୍କୁ ସୁରକ୍ଷା ଦେଇ ଚାଲିବ। ସେଗୁଡ଼ିକୁ ଇରାନ୍ ଆକ୍ରମଣ କରି ସାମରିକ ଘାଟିଗୁଡ଼ିକୁ ଧ୍ୱଂସ କରିଦେଇ ଶିଖାଇ ଦେଲା ଆମେରିକାର ସୁରକ୍ଷାର ବାହାନା ପାଣି ଫୋଟକା ପରି। ସେହି ଘାଟିଗୁଡ଼ିକ ଯେଉଁ ବିପଦ ସୃଷ୍ଟି କରି ଚାଲିଥିଲେ ଇରାନ୍ ପ୍ରତି, ତାକୁ ଧ୍ୱଂସ କରି ଇରାନ୍ ଆମେରିକାର ସାମରିକ ଶକ୍ତିକୁ ଚ୍ୟାଲେଞ୍ଜ କରି ଚାଲିଛି ଏ



ସେମାନେ ମଧ୍ୟ ରୁଷିଆ ପାଖରୁ ଏୟାର ଡିଫେନ୍ସ ସିଷ୍ଟମ ଏସ୍-୪୦୦କୁ କ୍ରୟ କରି ପାରିଲେ ନାହିଁ ରୁଷିଆ ଉପରେ ଆମେରିକାର କଟକଣା ଯୋଗୁଁ ଓ ଆମେରିକା ସହିତ ସାମରିକ ସହଯୋଗିତା ବ୍ୟାହତ ହେବା ଆଶଙ୍କାରେ। ଆଉ ଯେଉଁମାନଙ୍କର ଇସ୍ରାଏଲ ସହିତ ସଂପର୍କରେ ସୁଧାର ଆସିଥିଲା, ଆବ୍ରାହାମ୍ ଆକର୍ଡ଼ ଯୋଗୁଁ ସେମାନେ ଇସ୍ରାଏଲ ପାଖରୁ ମିଲିଟାରୀ କ୍ଷେତ୍ରକୁ ଦୃଢ଼ କରିବା ପାଇଁ ଏଲ୍‌ବିଟ୍ ସିଷ୍ଟମ୍ ଓ ଦକ୍ଷିଣ କୋରିଆଠାରୁ ମିଡିୟମ୍ ରେଞ୍ଜ କ୍ଷେପଣାସ୍ତ୍ର କିଛି କିଣିଥିଲେ। ତଥାପି ସେହି ଗଲ୍‌ଫ ରାଷ୍ଟ୍ରଗୁଡ଼ିକ ନିଜର ଦେଶରେ ପ୍ରତିଷ୍ଠିତ ଆମେରିକାର ସାମରିକ ଘାଟିଗୁଡ଼ିକୁ ପର୍ଯ୍ୟନ୍ତ ଫେବୃଆରୀ ୨୮ ତାରିଖ ଯୁଦ୍ଧ ଆରମ୍ଭ ପରଠାରୁ। ସାମରିକ ଦୃଷ୍ଟିକୋଣରୁ ଆମେରିକା ତୁଳନାରେ ଇରାନ୍ କିଛି ନୁହେଁ, ଏହା ସତ୍ୟ। ଆମେରିକାଠାରୁ ପାଖାପାଖି ୧୨ ହଜାର କି.ମି. ଦୂରରେ ଥିବା ଇରାନ୍ ସହିତ ଯୁଦ୍ଧ କରି ତାକୁ ନିରସ୍ତ୍ର କରିବା ଏତେ ସହଜ ନୁହେଁ। ପୁଣି ବ୍ରିଟେନ୍, ଫ୍ରାନ୍ସ ଆଦି ରାଷ୍ଟ୍ର ନିଜ ନିଜର ସାମରିକ ଘାଟିଗୁଡ଼ିକୁ ଦେଲେ ନାହିଁ ଆମେରିକା ବ୍ୟବହାର କରିବା ପାଇଁ। ପୁଣି ଇରାନ୍ ତା'ର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହିତ ଶତ୍ରୁତା ଆଚରଣ କରିନାହିଁ। କେବଳ ଆମେରିକାର ସାମରିକ ଘାଟିଗୁଡ଼ିକୁ ଧ୍ୱଂସ କରିଛି ଯୁଦ୍ଧର ସାମ୍ନା କରିବା ପାଇଁ।

ବାହାରିନ୍‌ର ସମୁଦ୍ର କୂଳରେ ଅଛି ଆମେରିକାର ପଞ୍ଚମ ନୌବହର। ତେଣୁ ବାହାରିନ୍ ଆମେରିକା ଉପରେ ନିର୍ଭର କରିବାକୁ ବାଧ୍ୟ। ଓମାନ୍ ବାରମ୍ବାର ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇ ଚାଲିଛି ଆମେରିକା ଉପରେ। ଇରାନ୍ ସହିତ ଉତ୍ତମ ସଂପର୍କ ଯୋଗୁଁ ସେ ଯୁଦ୍ଧକୁ ଦେଖୁଛି ମଧ୍ୟପ୍ରାଚ୍ୟର ସ୍ଥିରତାକୁ ଆମେରିକା, ଇସ୍ରାଏଲ ନଷ୍ଟ କରି ଚାଲିଛନ୍ତି କିପରି। କାରଣ ଉଭୟ ଇରାନ୍ ଓ ଆମେରିକା ସହିତ ସୁସଂପର୍କରେ ବନ୍ଧା ଥିବାରୁ ସେ ମଧ୍ୟସ୍ଥତା କରୁଛି ଡିପ୍ଲୋମାଟିକ୍ ସଂପର୍କ ସ୍ଥାପନ କରି। କୁଏତ୍ ନିଜର ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରୁଛି। ଆଉ ୟେମେନ୍ ହେଲା ଇରାନ୍‌ର ବନ୍ଧୁ ରାଷ୍ଟ୍ର। ସେଠାରେ ଅଛନ୍ତି ହାଉଥିମାନେ। ହମାସ୍, ହାଉଥି ଓ ହେଜ୍‌ବୋଲ୍ଲା (ଲେବାନନ୍)ମାନେ ହେଲେ ଇରାନ୍‌ର ରେଜିଷ୍ଟାନ୍ସ ଫ୍ରଣ୍ଟ, ଅର୍ଥାତ୍ ଇରାନ୍ ଉପରେ ଆକ୍ରମଣ ହେଲେ ଏମାନେ ପାଲଟା ଆକ୍ରମଣ କରିବେ ଶତ୍ରୁ ରାଷ୍ଟ୍ର ଉପରେ। ଲୋହିତ ସାଗରରେ ହାଉଥିମାନେ ଆମେରିକାର ପଣ୍ୟ ଜାହାଜ୍‌ଗୁଡ଼ିକ ଉପରେ ଆକ୍ରମଣ କରି ଆମେରିକାର ମୁଣ୍ଡବ୍ୟଥା ସୃଷ୍ଟି କରି ଚାଲିଛନ୍ତି। ଟ୍ରମ୍ପ୍‌ଙ୍କ କଥା ଓ କାର୍ଯ୍ୟ ମଧ୍ୟରେ ତାଳମେଳ ରହୁନାହିଁ। କେତେବେଳେ ସେ କ'ଣ କରୁଛନ୍ତି, ନିଜେ ଜାଣନ୍ତି ନାହିଁ। ଏବେ ଯୁଦ୍ଧ ବିରତି ଘୋଷଣା କରିଛନ୍ତି ଦୁଇ ସପ୍ତାହ ପାଇଁ। ଏହା ଚାଲିଥିବା ବେଳେ ପ୍ରଥମ ଶାନ୍ତି ଚୁକ୍ତି ବିଫଳ ହୋଇଛି ପାକିସ୍ତାନ, ଇଜିପ୍ଟ ଓ ତୁର୍କୀର ମଧ୍ୟସ୍ଥତାରେ। ତା'ରି ଭିତରେ ଟ୍ରମ୍ପ୍ ହର୍ମୁଜ୍ ଷ୍ଟ୍ରେଟ୍, ଯାହା ମଧ୍ୟଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହୁଏ, ତାକୁ ଅବରୋଧ କରିବା ଆରମ୍ଭ କରିଛନ୍ତି। ଚୀନ୍‌ର ୯୦ ପ୍ରତିଶତ ତୈଳ ଇରାନ୍‌ଠାରୁ କିଣି ଏଇ ଷ୍ଟ୍ରେଟ୍ ମଧ୍ୟ ଦେଇ ନେଉଥିବାରୁ ଟ୍ରମ୍ପ୍‌ଙ୍କ ଉପରେ ଉତ୍ୟକ୍ତ ହୋଇ 'ଏହା ସମଗ୍ର ବିଶ୍ୱ ପାଇଁ ବିପଜ୍ଜନକ ପଦକ୍ଷେପ ଓ ଦାୟିତ୍ୱହୀନ ମନ୍ତବ୍ୟ ବୋଲି କଟୁ ସମାଲୋଚନା କରିବା ପରେ ଆମେରିକା ଓ ଚୀନ୍ ମୁହାଁମୁହିଁ ଅବସ୍ଥାକୁ ଆସି ଯାଇଛନ୍ତି। ଟ୍ରମ୍ପ୍‌ଙ୍କ ହାମ୍‌ବଡ଼ା ନୀତି ଉପରେ ଶକ୍ତ ଆଘାତ କରିଛି ଚୀନ୍। ଆମେରିକା ତା'ର ଯୁଦ୍ଧ ଜାହାଜଗୁଡ଼ିକୁ ହର୍ମୁଜ୍ ଷ୍ଟ୍ରେଟ୍‌ଠାରୁ ଦୂରରେ ଅଟକାଇଛି, ଯେଉଁଠିକୁ ଇରାନ୍‌ର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ପହଞ୍ଚି ପାରିବ ନାହିଁ। ଇରାନ୍‌କୁ ଭୟ କରୁଛି ଆମେରିକା। ଯୁଦ୍ଧରେ ହାରିବା ପରେ କିପରି ଯୁଦ୍ଧ ବନ୍ଦ କରିବ- ଏଇ ଗୋଲକଧନ୍ଦାରୁ ଟ୍ରମ୍ପ୍ ବାହାରି ପାରୁ ନାହାନ୍ତି। ଦ୍ୱିତୀୟ ଥର ଶାନ୍ତି ଆଲୋଚନା ଆରମ୍ଭ ହେବାକୁ ଯାଉଛି। ଉଭୟ ନିଜ ଜିଦ୍‌ରେ ଅଟଳ। ଈଶ୍ୱର କରନ୍ତୁ ଟ୍ରମ୍ପ୍‌ଙ୍କ ମଥାରେ ଶୁଭ ବୁଦ୍ଧି ପଶୁ।

**ଭିଆଇଏମ୍-୭୪୧, ଶୈଳଶ୍ରୀ ବିହାର**
**ଭୁବନେଶ୍ୱର, ମୋ: ୯୪୩୭୩୦୭୪୮୬**

# ଶ୍ରମିକ ଆନ୍ଦୋଳନ ଓ ଦିବାକରୀୟ ପ୍ରତିବଦ୍ଧତା



ପ୍ରଫୁଲ୍ଲ କୁମାର ସାହୁ

ମାର୍କ୍ସବାଦୀ ଦର୍ଶନର ବିଶିଷ୍ଟ ବ୍ୟାଖ୍ୟାକାର ଦିବାକର ନାୟକ। ଶ୍ରମିକ ଆନ୍ଦୋଳନର ଏକ ଶକ୍ତିଶାଳୀ ସ୍ୱର। ସରଳ ଓ ସାଦାସିଧା ମଣିଷ ଜଣେ। ଶରୀର କ୍ଷୀଣ ହେଲେ ବି ମନରେ ଭରି ରହିଥିଲା ଅସୀମ ସାହସ। ମୁହଁରେ ଥିଲା ସର୍ବହରାର ବିମଳ ହସ। ମାତ୍ର ଛାତି ଭିତରେ ଜଳୁଥିଲା ବିପ୍ଳବର ଅନିର୍ବାଣ ଶିଖା। ଦେଖିଲେ ଜାଣିହୁଏ ନାହିଁ ତାଙ୍କ ହୃଦୟର ଗଭୀରତା, ମନର ଦୃଢ଼ତା ଓ ବ୍ୟକ୍ତିତ୍ୱର ବିଶାଳତା। ଜଣେ ଉତ୍ସର୍ଗୀକୃତ ସମାଜସେବୀ, ଦକ୍ଷ ସଂଗଠକ, ନିଷ୍ଠାପର ସାମ୍ବାଦିକ ଓ ପ୍ରଗତିଶୀଳ ଲେଖକ ତଥା ଜଣେ ସାଲିସ୍ ବିହୀନ ବାମପନ୍ଥୀ ନେତା ଭାବରେ ତାଙ୍କର ରାଜନୈତିକ ଯାତ୍ରା କିଛି ସାଧାରଣ ଜୀବନ କାହାଣୀ ନୁହେଁ, ବରଂ ଏକ ସଂଘର୍ଷ ବହୁଳ କାଳ ଖଣ୍ଡର ଉଜ୍ଜ୍ୱଳ ଚିତ୍ରପଟ।

ଏକ ସମତୁଲ ସମାଜ ଗଠନ ପାଇଁ ଶ୍ରେଣୀ ସଂଘର୍ଷ ବା କ୍ରାନ୍ତି ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ହିଁ ମାର୍କ୍ସବାଦୀ ଦର୍ଶନର ସୈଦ୍ଧାନ୍ତିକ ବକ୍ତବ୍ୟ। ଏହା ଏକ ରାଜନୈତିକ ଚେତନା ଭାବରେ ବିଶ୍ୱବ୍ୟାପି ମଣିଷକୁ ବିପ୍ଳବର ମନ୍ତ୍ର ଶୁଣେଇବା ପରେ ବିଶ୍ୱ ରାଜନୀତିରେ ସୃଷ୍ଟି ହେଲା ଆଲୋଡ଼ନ। ପୃଥିବୀର ବିଭିନ୍ନ ଦେଶରେ ଶ୍ରମିକ ସଂଗଠନମାନ ଗଢ଼ି ଉଠିଲା ଏବଂ ଏହି ସଂଗଠନ ମାଧ୍ୟମରେ ଦୃଢ଼ ହେବାକୁ ଲାଗିଲା ମାର୍କ୍ସବାଦୀ ଆନ୍ଦୋଳନ। ଓଡ଼ିଶାରେ ମାର୍କ୍ସବାଦୀ ଆନ୍ଦୋଳନର ଅଗ୍ନିମୟ କାଳ କୋଳରେ ଦିବାକର ନାୟକଙ୍କ ଜନ୍ମ (ତା ୦୧.୦୪.୧୯୫୩ ରିଖ) ଭଦ୍ରକ ଜିଲ୍ଲା (ନବଗଠିତ) ବନ୍ତ ବ୍ଲକ ଅନ୍ତର୍ଗତ ଗଣ୍ଡଗରା ଗାଁର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ। ପିଲାଟି ଦିନରୁ ତାଙ୍କୁ ବ୍ୟଥିତ କରିଥିଲା ଖଟିଖିଆ ଓ ଅସହାୟ ମଣିଷର ଦୁଃଖ ଓ ଯାତନା। ମଣିଷ ମଣିଷ ଭିତରେ ଏତେ ବ୍ୟବଧାନ କାହିଁକି-ଏମିତି ଏକ ପ୍ରଶ୍ନ ତାଙ୍କୁ ନେଇ ଠିଆ କରେଇ ଦେଇଥିଲା ସମାଜବାଦୀ ଆନ୍ଦୋଳନର ସାମିଆନା ତଳେ। ହାଇସ୍କୁଲ ଶିକ୍ଷା ଶେଷ କରି ସେ ଭଦ୍ରକ କଲେଜରେ ନାମ ଲେଖାଇଲା ବେଳକୁ (୧୯୭୦) ସେ ଯୋଡ଼ି ହୋଇ ସାରିଥିଲେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସହିତ। କମ୍ୟୁନିଷ୍ଟ ପାର୍ଟିର ଛାମୁଆ ସଂଗଠନ ଅଖିଳ ଭାରତୀୟ ଛାତ୍ର ସଂଘ ପକ୍ଷରୁ ନିର୍ବାଚନ ଲଢ଼ି ନିଜର ସାଂଗଠନିକ ଦକ୍ଷତା ଓ ନେତୃତ୍ୱ ବଳରେ ଦୁଇ ଦୁଇ ଥର (୧୯୭୨ ଓ ୧୯୭୩) ଛାତ୍ର ସଂସଦର ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କର ସମଗ୍ର କଲେଜ ଜୀବନ ବିତିଥିଲା ଏକ ବୈପ୍ଳବିକ ଉତ୍ତେଜନା ମଧ୍ୟରେ।

କଲେଜ ରାଜନୀତି ସହିତ ଗାଁ ଗାଁରେ ବୁଲି ସେ କୃଷକ ଓ ଶ୍ରମିକମାନଙ୍କୁ ଏକାଠି କରିଥିଲେ ଏବଂ ସେଇଠାରୁ ଆରମ୍ଭ କରି ଦେଇଥିଲେ ନିଜ ଅଞ୍ଚଳରେ ସଂଗଠନ ଗଢ଼ିବା କାମ। ୧୯୭୧ ମସିହା ସାଧାରଣ ନିର୍ବାଚନରେ ଖଇରା-ସିମୁଳିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବିଜୟ ଲାଭ କରିଥିଲା, ଯେଉଁ ସଫଳତା ପଛରେ ଥିଲା ତାଙ୍କର ଅବିଶ୍ୱସନୀୟ ଭୂମିକା। ତାଙ୍କରି ଅକ୍ଳାନ୍ତ ପରିଶ୍ରମ ଫଳରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ କମ୍ୟୁନିଷ୍ଟ ପାର୍ଟିର ଶାଖା ଗଠନ ହୋଇଥିଲା ଏବଂ କୃଷି ଶ୍ରମିକଙ୍କ ପାଇଁ ଉପଯୁକ୍ତ ମଜୁରୀ, ସିଲିଂ ବହିର୍ଭୂତ ସମ୍ପତ୍ତିର ଆବଣ୍ଟନ ଓ ଜଙ୍ଗଲ ଜମିରେ ଆଦିବାସୀଙ୍କ ଅଧିକାର ଆଦି ବିଭିନ୍ନ ଦାବି ନେଇ ଆରମ୍ଭ ହୋଇଥିଲା ଜୋରଦାର ଲଢ଼େଇ।

ସମକାଳୀନ ରାଜନୀତିରେ ସେ ଥିଲେ ଏକ ବିରଳ ବ୍ୟକ୍ତିତ୍ୱ। ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯିଏ ଯେତେ ଲୋକଙ୍କୁ ଭଣ୍ଡେଇ କ୍ଷମତା ହାତେଇ ପାରିଲା ଏବଂ କ୍ଷମତାର ଅପବ୍ୟବହାର କରି ବିପୁଳ ଅର୍ଥ ଠୁଳ କରି ପାରିଲା, ସିଏ ସେତେ ସଫଳ ରାଜନେତା। ନୀତି, ନୈତିକତା ଓ ରାଜନୈତିକ ମୂଲ୍ୟବୋଧର କଥା କହୁଥିବା ଅନେକ ବାମପନ୍ଥୀ ନେତା ମଧ୍ୟ ସମାଜବାଦର ଛଦ୍ମ ଆବରଣ ତଳେ ଆତ୍ମସ୍ୱାର୍ଥରେ ମଗ୍ନ। ଶିଳ୍ପପତିଙ୍କ ସହିତ ସାଲିସ୍ କରି ଶ୍ରମିକଙ୍କ ସ୍ୱାର୍ଥ ବିରୁଦ୍ଧରେ ଯାଉଛନ୍ତି ଅନେକ ଶ୍ରମିକ ନେତା। ଦିବାକର ନାୟକ ଥିଲେ ଏହି ପ୍ରବଞ୍ଚନା ତତ୍ତ୍ୱର ଘୋର ବିରୋଧୀ। ଏକ ଶୋଷଣ ବିହୀନ ସମାଜ ଗଠନର ଆଭିମୁଖ୍ୟ ନେଇ ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଶେଷ ପର୍ଯ୍ୟନ୍ତ ତାଙ୍କୁ ଟଳେଇ ପାରି ନଥିଲା ଐଶ୍ୱର୍ଯ୍ୟର ପ୍ରଲୋଭନ। ବ୍ୟକ୍ତିଗତ ଜୀବନର ସମସ୍ତ ସୁଖ ଶାନ୍ତିକୁ ଜଳାଞ୍ଜଳି ଦେଇ ସେ ନିଜକୁ ଉତ୍ସର୍ଗ କରିଥିଲେ ମେହେନତି ମଣିଷର ସେବାରେ। ପିଲାଟି ଦିନରୁ ସେ ଥିଲେ ଜାତିପ୍ରଥାର ଘୋର ବିରୋଧୀ। କେବଳ କଥାରେ ନୁହେଁ, ସାମାଜିକ ଜୀବନରେ ଏକଥା ସେ ପ୍ରମାଣ କରିଛନ୍ତି ବାରମ୍ବାର।

କୁହାଯାଏ, ଯିଏ ଥରେ ସାମ୍ୟବାଦର ନିଶା ପିଇଛି, ତାକୁ କେବେ ସେ ନିଶା ଛାଡ଼େନି। ସାମ୍ୟବାଦର ନିଶା ପିଇ ମଣିଷ କେବେ ବିଳାସର ସ୍ୱପ୍ନ ଦେଖେନି କି ଖୋଜେନି କ୍ଷୀରି ଖେଚୁଡ଼ି। କ୍ଷୁଧା ତୃଷାର ନିଷ୍ଠୁର ବାସ୍ତବତା ମଧ୍ୟରେ ସେ କାମନା କରେ ସମସ୍ତଙ୍କ ପାଇଁ ଦି ବକ୍ତ ପିଆଜ ପଖାଳ। ସେ କେବେ ଦଳର ଛଳରେ ସାମ୍ୟବାଦର ପ୍ରଚାର କରେନାହିଁ; ତା'ର ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରକାଶ ପାଏ ସାମ୍ୟବାଦର ଆଭାସ। ସେହି ପ୍ରତିବଦ୍ଧତା ଯୋଗୁଁ ଦାରିଦ୍ର୍ୟ



(ଶ୍ରାଦ୍ଧତିଥି ଅବସରରେ)

ଥିଲା ତାଙ୍କର ଚିର ସହଚର। ତାଙ୍କ ପାଖରେ ଆର୍ଥିକ ସମ୍ବଳ ନଥିଲା ସତ, କିନ୍ତୁ ମନ ଥିଲା କୁବେରଙ୍କ ଭଳି ପ୍ରଶସ୍ତ। ଗରିବଙ୍କ ଦୁଃଖ ବୁଝି ନିଜେ ଗରିବଙ୍କ ଭଳି ବଞ୍ଚୁଥିଲେ ଏବଂ ଶେଷ ପର୍ଯ୍ୟନ୍ତ ତାଙ୍କର ସ୍ଲୋଗାନ୍ ଥିଲା ମଠ ଧନ କୋଠ ହେଉ ଏବଂ ଗଛ ମାଛରେ ଚାଷୀର ଅଧିକାର ରହୁ।

ଜଣେ ଜିଜ୍ଞାସୁ ମଣିଷ ଭାବରେ ବାମପନ୍ଥୀ ଦର୍ଶନ ତତ୍ତ୍ୱ ସମ୍ପର୍କରେ ଅଧିକ ଜାଣିବା ପାଇଁ ସେ ରୁଷିଆ ଗସ୍ତରେ ଯାଇ ସେଠାରେ ଦୁଇ ବର୍ଷ କାଳ ଶିକ୍ଷାଲାଭ କରିଥିଲେ, ଯାହା ତାଙ୍କୁ ଆଣି ଦେଇଥିଲା କମ୍ୟୁନିଷ୍ଟ ଦର୍ଶନର ଜଣେ ପ୍ରଚଣ୍ଡ ପ୍ରବକ୍ତାର ପ୍ରତିଷ୍ଠା। ଜଣେ ପ୍ରଗତିଶୀଳ ଲେଖକ ଭାବରେ ସେ ଜାଣିଥିଲେ ରାଜନୈତିକ ବିଚାରଧାରା ଯେତେ ବଳିଷ୍ଠ ଓ ସମୟୋପଯୋଗୀ ହେଉ ନା କାହିଁକି, ଜନମାନସକୁ ପ୍ରଭାବିତ କରିବାର ଉପଯୁକ୍ତ ମାଧ୍ୟମ ହେଉଛି ସାହିତ୍ୟ। ତେଣୁ ରାଜନୈତିକ କାର୍ଯ୍ୟାବଳୀର ଫାଙ୍କ ଭିତରେ ସାହିତ୍ୟ ଆଡ଼କୁ ଢଳୁଥିଲେ ଏବଂ ନାଟକ ମାଧ୍ୟମରେ ଆଙ୍କୁଥିଲେ ସମାଜ ଜୀବନର ନିଖୁଣ ଚିତ୍ର। ମେହେନତି ମଣିଷ ଦୁକଦୁକିର ସ୍ପନ୍ଦନକୁ ସେ ଖୁବ୍ ନିକଟରୁ ଅନୁଭବ କରିଥିଲେ, ଯାହା ପ୍ରକାଶ କରିବାକୁ ଯାଇ ସେ ଲେଖିଛନ୍ତି- 'ମୁଠିଏ ଭାତ', 'ଖାଦାନ କୁଲି', 'କଳାଟଙ୍କା', 'ପେଜ ତୋରାଣି' ଓ 'ବୀରଭୋଗ୍ୟା ବସୁନ୍ଧରା' ଆଦି ଅନେକ ନାଟକ। ଜଣେ ସାମ୍ବାଦିକ ଓ ସମ୍ପାଦକ ଭାବରେ ସେ ଥିଲେ ଖୁବ୍ ନିର୍ଭୀକ ଓ ନିରପେକ୍ଷ। ତାଙ୍କ ଅଗ୍ରଲେଖଗୁଡ଼ିକ ଯେମିତି ସତ୍ୟାଶ୍ରୟୀ, ସେମିତି ତଥ୍ୟନିଷ୍ଠ। ଓଡ଼ିଶାରେ ସାମ୍ୟବାଦର ମୁଖପତ୍ର 'ନୂଆ ଦୁନିଆ'ର ସମ୍ପାଦକ ଭାବରେ ଦାୟିତ୍ୱ ନେବା ପରେ (୧୯୯୪) ବଦଳି ଥିଲା ପତ୍ରିକାର ଗୁଣାତ୍ମକ ମାନ। ଏହି ସଫଳତା ପଛରେ ରହିଛି ସାହିତ୍ୟ ପ୍ରତି ତାଙ୍କର ଅକୃତ୍ରିମ ଶ୍ରଦ୍ଧା ଓ ଚିନ୍ତାରେ ମୌଳିକତା।

ସ୍ପଷ୍ଟବାଦିତା ଥିଲା ତାଙ୍କ ରାଜନୈତିକ ଚରିତ୍ରର ବିଶେଷତ୍ୱ। ଜଣେ ଓଜସ୍ୱିନୀ ବକ୍ତା ଭାବରେ ଶ୍ରୋତାଙ୍କୁ ବାନ୍ଧି ରଖୁଥିଲା ତାଙ୍କର ମଞ୍ଜଥରା ଭାଷଣ। ତାଙ୍କୁ ସବୁ ବର୍ଗର ଲୋକ ଭଲ ପାଉଥିଲେ ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବା ଥିଲା ତାଙ୍କ ନେତୃତ୍ୱର ଅନ୍ୟ ଏକ ବିଶେଷତ୍ୱ। ଦଳ ତାଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦାୟିତ୍ୱ ଦେଇଛି ଏବଂ ଶେଷରେ ରାଜ୍ୟ ସମ୍ପାଦକ ଭାବରେ ବାରମ୍ବାର ମନୋନୀତ ହୋଇ କାର୍ଯ୍ୟ କରିଛନ୍ତି ଦୀର୍ଘ ସମୟ (୨୦୦୭-୨୦୧୮) ପର୍ଯ୍ୟନ୍ତ। ଦଳର ସର୍ବୋଚ୍ଚ ନେତା ପଦ ମଣ୍ଡନ କଲା ପରେ ବି ତାଙ୍କ ମନକୁ ଛୁଇଁ ନଥିଲା ସାମାନ୍ୟତମ ଅହମିକା। ସର୍ବଦା ସେ ଅନୁଶାସନରେ ବିଶ୍ୱାସ କରୁଥିଲେ ମଧ୍ୟ ଖୁବ୍ ଉଦାସୀନ ଥିଲେ ନିଜ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ। ତେଣୁ ଜୀବନର ସାୟାହ୍ନରେ ମନୋବଳ ଦୃଢ଼ ଥିଲେ ବି ସହଯୋଗ କଲାନାହିଁ ସ୍ୱାସ୍ଥ୍ୟ। କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଆଉ ପାରିକୁ ଚାଲିଗଲେ (ତା ୧୯.୦୪.୨୦୨୫ ରିଖ)ରେ, ଯାହା ଥିଲା ବାମପନ୍ଥୀ ଆନ୍ଦୋଳନ ପ୍ରତି ଏକ ପ୍ରଚଣ୍ଡ ଆଘାତ।

**ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

**ସମ୍ପାଦକଙ୍କୁ ପତ୍ର**

# ହଜଯାଉଛି ଖେଳ ପଡ଼ିଆ ଲୁଚଯାଉଛି ପ୍ରତିଭା

ସହରଗୁଡ଼ିକ ବିକଶିତ ହେବା ସହିତ କଂକ୍ରିଟ୍ ଜଙ୍ଗଲରେ ପରିଣତ ହେଲାଣି। ଧୀରେ ଧୀରେ ମଣିଷର ଚାଲିଚଳଣ ବଦଳି ଗଲାଣି। ସହରରେ ପଡ଼ିଆ ଆଉ ଦେଖିବାକୁ ମିଳୁନାହିଁ। ଯୁଆଡ଼େ ଅନେଇଲେ ଖାଲି ବଡ଼ ବଡ଼ ଅଟ୍ଟାଳିକା! ସହରରରେ ଖେଳ ପଡ଼ିଆର ଅଭାବ ରହୁ ଥିବାରୁ ବହୁ ପ୍ରତିଭାବାନ୍ ଖେଳାଳି ନିଜକୁ ଗଢ଼ିପାରୁ ନାହାନ୍ତି। ରାଜ୍ୟ ସରକାର କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଯୁବ ପିଢ଼ି କ୍ରୀଡ଼ା ଜଗତ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇପାରୁ ନାହାନ୍ତି। ଭିତ୍ତିଭୂମିର ଅଭାବ ସହ ଆର୍ଥିକ ସମସ୍ୟା ଯୋଗୁଁ ବହୁ ପ୍ରତିଭାବାନ୍ ଖେଳାଳି କ୍ରୀଡ଼ା ଜଗତରୁ ବିଦାୟ ନେଉଛନ୍ତି। ଖେଳିବା ଦ୍ୱାରା ପିଲାଙ୍କ ମାନସିକ ସ୍ଥିତି ଠିକ୍ ରହିଥାଏ। ପିଲାଟିଏ ବିଦ୍ୟାଳୟ ସମୟରୁ ହିଁ ତା' ଜୀବନର ଗତିପଥକୁ ସ୍ଥିର କରିଥାଏ- ସେ ବଡ଼ ହେଲେ କଣ କରିବ। ଯଦି ତା'ର ଖେଳ ପ୍ରତି ଆଗ୍ରହ ରହିଥିବ, କିନ୍ତୁ ଖେଳିବାକୁ ଖେଳ ପଡ଼ିଆଟିଏ ନଥିବ, ଏଭଳି ସ୍ଥିତିରେ ପିଲାଟି କରିବ କ'ଣ ? ସମଗ୍ର ରାଜ୍ୟର ଚିତ୍ର ଯଦି ଦେଖିବା, ତେବେ ହାତ ଗଣତି କେତୋଟି ବିଦ୍ୟାଳୟର ନିଜସ୍ୱ ଖେଳ ପଡ଼ିଆ ରହିଛି। ଏମିତିକି ଅନେକ ବେସରକାରୀ ବିଦ୍ୟାଳୟରେ ମଧ୍ୟ ଖେଳ ପଡ଼ିଆର ଅଭାବ ରହିଛି। ବର୍ତ୍ତମାନ ସମୟରେ ସରକାରୀ ବିଦ୍ୟାଳୟ ହେଉ କି ବେସରକାରୀ ବିଦ୍ୟାଳୟ- ସବୁଠି ପାଠ ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି। ଏହା ବହୁତ ଭଲ କଥା। ତା' ସହିତ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ପିଲାଙ୍କ ଖେଳିବାର ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ।

କଟକ, ଭୁବନେଶ୍ୱର, ଜଗତସିଂହପୁର, ବରଗଡ଼, ସମ୍ବଲପୁର, କେନ୍ଦ୍ରାପଡ଼ାର ଅନେକ ଅଞ୍ଚଳରେ ଅଧିକାଂଶ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ନିଜସ୍ୱ ଖେଳ ପଡ଼ିଆ ନାହିଁ, ଯାହାଦ୍ୱାରା ବହୁ ଛାତ୍ରଛାତ୍ରୀ ଖେଳିବାର ସୁଯୋଗ ପାଉ ନାହାନ୍ତି। ଅନେକ ସହରରେ ହାତ ଗଣତି କେତୋଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖେଳ ପଡ଼ିଆ ରହିଛି। ଏହା ବାଦ୍ ବାହାରେ ଆଖପାଖରେ ଖେଳ ପଡ଼ିଆ ମିଳିବା କଷ୍ଟକର ବିଷୟ ପାଲଟି ଯାଇଛି। ବିଦ୍ୟାଳୟରେ ଖେଳ ପଡ଼ିଆ ନଥିବାରୁ ଛାତ୍ରଛାତ୍ରୀମାନଙ୍କର ଖେଳ ପ୍ରତି ଧୀରେ ଧୀରେ ଆଗ୍ରହ କମିବାରେ ଲାଗିଛି। ଖେଳଠାରୁ ଦୂରେଇ ଯାଉଥିବାରୁ ପିଲାମାନଙ୍କ ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିତି ଠିକ୍ ରହୁନାହିଁ। ଏମିତିକି ଖେଳ ପ୍ରତି ଆଗ୍ରହ ଥିବା ପିଲାଟି ମଧ୍ୟ ଆଗକୁ ବଢ଼ିପାରୁ ନାହିଁ, ଯାହାଦ୍ୱାରା ଓଡ଼ିଶାର ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କ୍ରୀଡ଼ା ପ୍ରଦର୍ଶନ ଖରାପ ରହିଛି। ଏ ଦିଗରେ ସରକାର ଓ ଜିଲ୍ଲା ପ୍ରଶାସନମାନେ ଦୃଷ୍ଟି ଦେବାକୁ ଅନୁରୋଧ।

**ସ୍ମୃତିରେଖା ନାୟକ, ତୋରା, ବରଗଡ଼**

# ଅର୍ଥନୀତି ପ୍ରତି ଆଘାତ

ଅଳ୍ପ କିଛି ମାସ ପୂର୍ବେ ଭାରତ ଜାପାନ୍‌କୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ-ବୃହତ୍ତମ ଅର୍ଥନୀତି ହେବା ସ୍ଥିତିରେ ରହିଥିବା ମନେ ହେଉଥିଲା- ଏକ ପ୍ରତୀକାତ୍ମକ ମାଇଲଖୁଣ୍ଟ, ଯାହା ଏହାର ସ୍ଥିର ଅଭିବୃଦ୍ଧି ପ୍ରକ୍ଷେପକକୁ ପ୍ରତିଫଳିତ କରୁଥିଲା। ତେବେ ଏହି ଆଶାବାଦ ବର୍ତ୍ତମାନ ବାହ୍ୟ ଆଘାତ ଦ୍ୱାରା ବ୍ୟାହତ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ହଠାତ୍ ଯୁଦ୍ଧ ଲାଗିଯିବା ବିଶ୍ୱରେ ଅଶୋଧିତ ତୈଳ ଦରକୁ ଯଥେଷ୍ଟ ବୃଦ୍ଧି କରାଇ ଦେଇଛି, ଯାହା ପୁଣିଥରେ ଭାରତର ସାଂଗଠନିକ ବିପଦପ୍ରବଣତା: ବିଦେଶରୁ ଆମଦାନୀ କରାଯାଉଥିବା ଶକ୍ତି, ବିଦେଶୀ ଆନୁଷ୍ଠାନିକ ନିବେଶକ (ଏଫ୍‌ଆଇଆଇ) ଏବଂ ବିଦେଶୀ ମୁଦ୍ରା ଅର୍ଜନ ଉପରେ ଏହାର ପର୍ଯ୍ୟାପ୍ତ ପରିମାଣରେ ନିର୍ଭରଶୀଳତାକୁ ସର୍ବସମ୍ମୁଖରେ ଖୋଲି ଦେଇଛି। ବୈଶ୍ୱିକ ଅଶୋଧିତ ତୈଳ ଦରରେ ପ୍ରଭୂତ ପରିମାଣରେ ବୃଦ୍ଧି ଭାରତର ଚାଲୁ ଖାତା ନିଅଣ୍ଟକୁ ବିସ୍ତାରିତ କରିଛି ଏବଂ ବୈଶ୍ୱିକ ଅନିଶ୍ଚିତତା ଏଫ୍‌ଆଇଆଇମାନଙ୍କୁ ଭାରତ ଭଳି ଉଦୀୟମାନ ବଜାରଗୁଡ଼ିକରୁ ପ୍ରସ୍ଥାନ କରିବାକୁ ବାଧ୍ୟ କରିଛି, ଯେଉଁଗୁଡ଼ିକ ଏକାଠି ମିଶି ବିଦେଶୀ ମୁଦ୍ରା ପାଣ୍ଠି ଭଣ୍ଡାର ଉପରେ ପ୍ରବଳ ଚାପ ପକାଇଛନ୍ତି ଏବଂ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟକୁ ଏକ ଐତିହାସିକ ନିମ୍ନ ବିନିମୟ ମୂଲ୍ୟ ଏକ ଡଲାର ପ୍ରତି ୯୫ ଟଙ୍କା ଆଡ଼କୁ ଟାଣି ନେଇଛି। ଏକ ଦୁର୍ବଳ ଟଙ୍କା ଡଲାର ଦୃଷ୍ଟିରୁ ଦେଖିଲେ ଭାରତୀୟ ଅର୍ଥନୀତିର ମୂଲ୍ୟାୟନକୁ ହ୍ରାସ, ଅର୍ଥାତ୍ ନିମ୍ନଗାମୀ କରି ଭାରତୀୟ ଅର୍ଥନୀତିକୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ପରେ ଷଷ୍ଠ ସ୍ଥାନରେ ଅବସ୍ଥାପିତ କରାଇଛି। ପଶ୍ଚିମ ଏସିଆରେ ଆମେରିକା-ଇରାନ୍ ମଧ୍ୟରେ ଚାଲୁ ରହିଥିବା ଯୁଦ୍ଧ, ଯେତେଦୂର ହର୍ମୁଜ୍ ପ୍ରଣାଳୀ ଦେଇ ସାମୁଦ୍ରିକ ଜାହାଜ ଚଳାଚଳର କଥା ଉଠେ, ସେ ଦୃଷ୍ଟିରୁ ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ, ବିଶେଷକରି ଜାଳେଣି ଯୋଗାଣ କ୍ଷେତ୍ରରେ ରହିଛି, ଯାହା ବର୍ତ୍ତମାନ ଏକ ନ ଯଯୌ ନ ତସ୍ଥୌ ଅବସ୍ଥାରେ ରହିଛି। ଯଦି ବି ଏବେ ଯୁଦ୍ଧ ଶେଷ ହୁଏ, ତା'ହେଲେ ଦୁଇ ଗୋଟି ପ୍ରମୁଖ ଅର୍ଥନୀତିକ ଉପାଦାନ ସ୍ୱାଭାବିକ ଅବସ୍ଥାକୁ ଫେରିବା ପାଇଁ ସମୟ ନେବ। ସେ ଦୁଇଟି ହେଉଛି- ଏହି ଅଞ୍ଚଳରେ ତୈଳ ଏବଂ ଗ୍ୟାସ୍‌ରେ ଉତ୍ପାଦନ ସୁବିଧା ଯାହା ପ୍ରଚୁର ପରିମାଣରେ କ୍ଷତିଗ୍ରସ୍ତ ହୋଇଛି ଏବଂ ଜାହାଜ ଚଳାଚଳ ପାଇଁ ବୀମା ପ୍ରିମିୟମ୍, ଯାହା ଇତି ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଛି। ପ୍ରଥମଟିରେ ଉନ୍ନତି ଘଟାଇବା ନିମନ୍ତେ ସେମିତି ବିଶେଷ କିଛି କରି ପାରିବ ନାହିଁ, କିନ୍ତୁ ଦ୍ୱିତୀୟଟି ପାଇଁ କେନ୍ଦ୍ର ସରକାର ଏକ ସମ୍ଭାବ୍ୟ ବ୍ୟବସ୍ଥା ଆରମ୍ଭ କରି ସାରିଛନ୍ତି।

ସାର୍ବଭୌମ ନିଶ୍ଚିତତା-ସମର୍ଥିତ ଭାରତ ସାମୁଦ୍ରିକ ବୀମା ଭଣ୍ଡାର ଜାହାଜଗୁଡ଼ିକ ପାଇଁ ବୀମା ମୂଲ୍ୟକୁ ହ୍ରାସ କରିପାରେ- ଆପାତତଃ ସେଗୁଡ଼ିକ ନିଷେଧାତ୍ମକ ସ୍ତରରେ ପହଞ୍ଚି ସାରିଛନ୍ତି- ଯାହା ଭାରତକୁ ଅତ୍ୟାବଶ୍ୟକ ଜାଳେଣି ଯୋଗାଣକୁ ବହନ କରି ଆଣିପାରେ, ଆଉ ସେଥିପାଇଁ ସେଗୁଡ଼ିକର ଅବତରଣ ମୂଲ୍ୟକୁ ମଧ୍ୟ। ଇରାନ୍ ସହିତ କିଛି କୂଟନୀତିକ ପଛୁଆ ପ୍ରଣାଳୀଗୁଡ଼ିକ ଏହା ସହିତ ମିଶିଲେ, ତାହା ଆଗାମୀ ଦିନମାନଙ୍କରେ ଭାରତୀୟ ଅର୍ଥନୀତି ପାଇଁ ଯୋଗାଣ ପ୍ରତିବନ୍ଧକକୁ ସହଜସାଧ କରିପାରେ। କୂଟନୀତିକ ଆଲୋଚନା ଯଦି କାମ କରେ, ତା'ହେଲେ ପ୍ରକୃତ ଆର୍ଥିକ ବ୍ୟବସ୍ଥା ହାରାହାରି ୧୩ ହଜାର କୋଟି ଟଙ୍କାର ପ୍ରଦତ୍ତ ନିଶ୍ଚିତ ପରିମାଣଠାରୁ ଢେର୍ କମ୍ ହେବାର ସମ୍ଭାବନା ରହିବ, କାରଣ କ୍ଷତିଗୁଡ଼ିକ ପାଇଁ ଦାବି କରାଯିବା ଆବଶ୍ୟକ ହେବନାହିଁ। ଅଧିକ ନିଶ୍ଚିତ ଭାବରେ କହିଲେ, ଏହି ଯୋଜନା କାର୍ଯ୍ୟ କରିବା ପାଇଁ ସରକାରଙ୍କୁ ଏହି ବିକଳ୍ପ ଉପଲବ୍ଧ କରିବା ନିମନ୍ତେ ଘରୋଇ ଜାହାଜ ଚଳାଚଳକାରୀମାନଙ୍କୁ ଏକଥା ବୁଝାଇବାକୁ ପଡ଼ିବ। ସେ ଯାହାହେଉ, ଏହି ଯୁଦ୍ଧ ଓ ତଜ୍ଜନିତ ପରିସ୍ଥିତି ଯୋଗୁଁ ଭାରତୀୟ ଅର୍ଥନୀତି ବର୍ତ୍ତମାନ ଷଷ୍ଠ ସ୍ଥାନରେ ରହିଛି, ଯାହାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ୪.୧୫ ଟ୍ରିଲିଅନ୍ ଡଲାର ହେବା ପୂର୍ବାନୁମାନ କରାଯାଇଛି ଏବଂ ଏହା ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଜର୍ମାନୀ, ଜାପାନ୍ ଏବଂ ୟୁକେ ପଛରେ ରହିବ। ଯଦିଓ ବାସ୍ତବ ଅର୍ଥନୀତି ସହିତ ଉପରୋକ୍ତ ଅର୍ଥନୀତିଗୁଡ଼ିକର ପରସ୍ପରକୁ ମୃଦୁ ଆଘାତ ଦେବା ଭଳି ଶୃଙ୍ଖଳାର କ୍ୱଚିତ୍ କୌଣସି ପ୍ରାସଙ୍ଗିକତା ରହିଛି, ତେବେ ଏହା ଏକ ଦେଶର ସାମୂହିକ ଗର୍ବକୁ ପରିବର୍ଦ୍ଧିତ କରିଥାଏ। ୨୦୧୬ରେ ଭାରତ ୟୁକେକୁ ଷଷ୍ଠ ବୃହତ୍ତମ ଅର୍ଥନୀତି ଭାବରେ ଲାଭ କରିଥିବା ପରିଚିତିରୁ ଅପସାରିତ କରିଥିଲା, ଯେତେବେଳେ କି ବ୍ରେକ୍ସିଟ୍ ପରେ ପାଉଣ୍ଡ ଷ୍ଟର୍ଲିଂର ମୂଲ୍ୟ ଦୁର୍ବଳ ହୋଇ ଯାଇଥିଲା। ଠିକ୍ ସେହିଭଳି ଭାବରେ ମୁଦ୍ରାର ବିନିମୟ ମୂଲ୍ୟ ଭାରତକୁ ୟୁକେଠାରୁ ପଛକୁ ନେଇ ଆସିଛି।

ଯେତେବେଳେ ବି ଅଶୋଧିତ ତୈଳର ଦର ବୃଦ୍ଧି ପାଏ, ସେତେବେଳେ ଭାରତ ଆର୍ଥିକ ଦୃଷ୍ଟିରୁ କଷ୍ଟ ଭୋଗ କରେ। ଏହି ଧାରାର ବର୍ତ୍ତମାନ ପୁନରାବୃତ୍ତି ଘଟୁଥିବାକୁ ଦେଶ ପରିଲକ୍ଷିତ କରୁଛି। ଜିଡିପି କ୍ଷେତ୍ରରେ ବିଶ୍ୱର ମୃଦୁ ଆଘାତ ଦେବା ଭଳି ଶୃଙ୍ଖଳାଗତ ସ୍ଥିତିରେ ପରିବର୍ତ୍ତନ ସତ୍ତ୍ୱେ ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ ଗତିରେ ବୃଦ୍ଧିଲାଭ କରୁଥିବା ପ୍ରମୁଖ ଅର୍ଥନୀତି ହେବାର ମର୍ଯ୍ୟାଦା ବଜାୟ ରଖିଛି, ଯାହାର ବଳିଷ୍ଠ ଅଭିବୃଦ୍ଧି ହାର ୬ରୁ ୭ ପ୍ରତିଶତ ହେବା ଭବିଷ୍ୟବାଣୀ କରାଯାଉଛି ଏବଂ ୨୦୨୮ ସୁଦ୍ଧା ଏହା ବିଶ୍ୱ ଅର୍ଥନୀତିରେ ତୃତୀୟ ସ୍ଥାନ ହାସଲ କରିବାର ଲକ୍ଷ୍ୟକୁ ବହନ କରେ। ତେବେ ଭାରତ ଯେ କୌଣସି ଅର୍ଥନୀତିକ ଅଭିବୃଦ୍ଧି ହାସଲ କରିପାରୁ ନା କାହିଁକି, ତାହା କ୍ଷଣଭଙ୍ଗୁର ରହିବ, ଯଦି ଏହା ଅଶୋଧିତ ତୈଳର ଆମଦାନୀ ଉପରେ ନିର୍ଭର କରେ। ତେଣୁ ଅଶୋଧିତ ତୈଳର ଆମଦାନୀଠାରୁ ଯଥା ସମ୍ଭବ ଦୂରେଇ ରହିବା ପାଇଁ ସରକାର ନୂତନ ପ୍ରଯୁକ୍ତିଗୁଡ଼ିକୁ ଗ୍ରହଣ କରିବା ଉଚିତ।

# ଚାରି ଶ୍ରେଣୀର ମଣିଷ

ପରମାତ୍ମାଙ୍କ କୃପାରୁ ଆମକୁ ମଣିଷର ଶରୀର ମିଳିଛି। ଆମ ଅଧିକାଂଶଙ୍କର ହାତ, ଗୋଡ଼, ଆଖି, ପାଟି ଭଳି ଅଙ୍ଗପ୍ରତ୍ୟଙ୍ଗ ସଂଖ୍ୟା ଓ ପ୍ରକାର ପ୍ରାୟତଃ ସମାନ। ଅନ୍ୟ ଜୀବଙ୍କ ତୁଳନାରେ ମଣିଷର ଗଢ଼ଣ ସ୍ୱତନ୍ତ୍ର। ହେଲେ ମଧ୍ୟ ମଣିଷର ଗୁଣରେ ରହିଛି ତାରତମ୍ୟ। ଏହି ଗୁଣକୁ ଦୃଷ୍ଟିରେ ରଖି ମଣିଷକୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା- ପାମର, ବିଷୟୀ, ସାଧକ ଏବଂ ସିଦ୍ଧ।

ପାମର- ଆମରି ଭିତରେ କିଛି ମଣିଷ କେବଳ ଭୋଗବାଦକୁ ଗୁରୁତ୍ୱ ଦେଇ ଥାଆନ୍ତି। ଶାରୀରିକ କ୍ଷୁଧା ତଥା ଇନ୍ଦ୍ରିୟଜନିତ ପିପାସା ମେଣ୍ଟାଇବାକୁ ସେମାନଙ୍କର ଆପ୍ରାଣ ଉଦ୍ୟମ ଜାରି ରଖି ଥାଆନ୍ତି। ଯେପରି ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି ତନ୍ମାତ୍ରାକୁ ତୃପ୍ତ କରିବା ପାଇଁ ସର୍ବଦା ଚେଷ୍ଟା ଚଳାଇ ଥାଆନ୍ତି। ଏମାନେ ସର୍ବଦା କାମ, କ୍ରୋଧ, ଲୋଭ ଭଳି ତମୋଗୁଣପ୍ରଧାନ ଆସୁରୀ ପ୍ରବୃତ୍ତିରେ ବୁଡ଼ି ରହି ଥାଆନ୍ତି। ଏମାନଙ୍କୁ ଶାସ୍ତ୍ରରେ ପାମର ବୋଲି କୁହାଯାଇଛି।

ବିଷୟୀ- ଭୋଗବାଦକୁ ଆପଣେଇ ନେଉଥିବା ଲୋକଙ୍କ ଭିତରେ କିଛି ଭିନ୍ନ ମଣିଷ ବି ଅଛନ୍ତି। ସେମାନେ ଭୋଗକୁ ଏତେଟା ଗୁରୁତ୍ୱ ଦେଇ ନଥାନ୍ତି। ଭୋଗକୁ ଜୀବନର ଶ୍ରେଷ୍ଠ ଓ ଶେଷ ବିକଳ୍ପ ବୋଲି ଚିନ୍ତା କରି ନଥାନ୍ତି। ଏମାନଙ୍କ ଭିତରେ



ଥାଏ ବିବେକ। ଦାନ, ତୀର୍ଥ, ବ୍ରତ, ଉପାସନା, ପ୍ରାର୍ଥନା ଆଦି ଦିଗରେ ମଧ୍ୟ ଏହି ଶ୍ରେଣୀର ମଣିଷଙ୍କ ଆଗ୍ରହ ଥାଏ। ଯଦିଓ ଏମାନେ ପୂଜାପାଠ କରି ଥାଆନ୍ତି, ତଥାପି ତା'ରି ଭିତରେ ବି ସୁଖରେ ରହିବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରି ଥାଆନ୍ତି। ସେ ସୁଖ ଟିକକ ପୁଣି ଭୋଗବାଦକୁ ନେଇ। ଏମାନଙ୍କୁ ଶାସ୍ତ୍ର ବିଷୟୀ ବୋଲି କହିଛନ୍ତି। ବିଷୟୀମାନେ ପାମରମାନଙ୍କଠାରୁ ଉନ୍ନତ।

ସାଧକ- ସଂସାର ଭିତରେ ଥିବା ଅନ୍ୟ ଏକ ପ୍ରକାର ମଣିଷ, ଯେଉଁମାନେ ଭୋଗ କଲା ଭଳି ଲାଗୁଥିଲେ ହେଁ ସେମାନେ ଏଥିରେ ବୁଡ଼ି ରହି ନଥାନ୍ତି। ସଂସାର ରୂପକ ପଦ୍ମ ପତ୍ରରେ ସାଧକମାନେ ଜଳ ଭଳି ଥାଆନ୍ତି। ଏମାନେ ଭୋଜନ କରି ଥାଆନ୍ତି। ମାତ୍ର ସ୍ୱାଦକୁ ଗୁରୁତ୍ୱ ଦେଇ ନଥାନ୍ତି। କେବଳ ଶରୀର ରକ୍ଷା ଓ ସାଧନ ନିମିତ୍ତ ଏମାନଙ୍କର ଚଳଣି। ବିଷୟୀମାନେ ଧନ, ସମ୍ମାନ, ପ୍ରତିଷ୍ଠା ଇତ୍ୟାଦି ପଛରେ ପଡ଼ିଥିଲା ବେଳେ ସାଧକମାନଙ୍କ ସେ ଆଶା ମଧ୍ୟ ନଥାଏ। ସେମାନଙ୍କର ଏକ ମାତ୍ର ଆଶା, ଭରସା, ଲକ୍ଷ୍ୟ ହେଉଛନ୍ତି ପରମାତ୍ମା।

ସିଦ୍ଧ- ଏମାନେ ସ୍ୱତନ୍ତ୍ର। ସବୁଥିରେ ଥାଇ କେଉଁଥିରେ ନଥିଲା ଭଳି। ଏମାନେ ଈଶ୍ୱର ପ୍ରାପ୍ତି କରି ଥାଆନ୍ତି। ପ୍ରତିଟି ସ୍ଥିତିରେ ପରମ ଆନନ୍ଦ ଲାଭ କରି ଥାଆନ୍ତି। ସିଦ୍ଧମାନେ ସର୍ବଦା ନିଜ ଭିତରେ ବୁଡ଼ି ରହିଥାନ୍ତି। ବାହାରର କୌଣସି କୋଳାହଳ ଏମାନଙ୍କୁ ପ୍ରଭାବିତ କରିପାରି ନଥାଏ। ନିରବ ରହିବା ଏମାନଙ୍କ ସ୍ୱଭାବ। ଏମାନଙ୍କ ଦର୍ଶନ କଲେ ମଧ୍ୟ ଅଶେଷ ଆନନ୍ଦ ମିଳିଥାଏ।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ପଞ୍ଚାୟତ ଠାରୁ ପାର୍ଲାମେଣ୍ଟ୍ ଯାଏ ଉଠିବ ସ୍ୱର

# 'ମହିଳାଙ୍କ ପରାଜୟ ନୁହେଁ, ବିରୋଧୀଙ୍କ ଅହଂକାର'

**ଅନୁଗୋଳ,୨୦।୪/ଏନ୍ଏନ୍ଏସ୍:** କଂଗ୍ରେସ ସମେତ ବିରୋଧୀ ଦଳର ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ବିଜେପି ଜନଜାଗରଣ ସୃଷ୍ଟି କରି ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁର୍ମାର କରି ଦେଇଥିଲେ। ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ କରିଥିଲେ ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶର୍ଯ୍ୟା ବିଶ୍ୱାଳ ଅନୁଗୁଳ ଠାରେ ବିଜେପି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେହିପରି ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ,ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ। ଏହାର ଉତ୍ତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧମରେ ଦେବେ। ମହିଳାଙ୍କ ସଶକ୍ତିକରଣ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ବିଜେପି ରାଜ୍ୟ ଉପସଭାନେତ୍ରୀ ପ୍ରାକ୍ତନ ବିଧାୟିକା କୁସୁମ ଟେଟେ ପ୍ରକାଶ କରିଛନ୍ତି। ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସୋମବାର ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏକ ସାମ୍ବାଦିକ




ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉଭୟ ନାରୀ ନେତ୍ରୀ ଡା. ବିଶ୍ୱାଳ ଓ ଶ୍ରୀମତୀ ଟେଟେ କଂଗ୍ରେସ ଓ ବିଜେଡି ନାରୀମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି କହିଛନ୍ତି। ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା। ମହିଳାଙ୍କ ବିନା ସୃଷ୍ଟିର କଳ୍ପନା ମଧ କରାଯାଇ ନ ପାରେ। ଆଜି ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, କ୍ରିଡା,ବ୍ୟବସାୟ, ପ୍ରଶାସନ ସବୁ କ୍ଷେତ୍ରରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସ୍ୱାଧୀନତାର ୭ଦଶନ୍ଧି ପରେ ଏମ୍‌ପି ସେଗ୍‌ମେଣ୍ଟ୍‌ରେ ୧୪% ମହିଳା ଏବଂ ଅନେକ ବିଧାନସଭାରେ ୦% ପ୍ରତିନିଧିତ୍ୱ ଏବଂ କେତେକ ରାଜ୍ୟରେ ହିମାଚଳ, ଜାମ୍ମୁ, କର୍ଣ୍ଣାଟକରେ ୫% ପ୍ରତିନିଧୀତ୍ୱ କରୁଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟି ପାଇଁ ଏଇ ନାରୀ ଶକ୍ତି ବନ୍ଦନ୍ ଅଧିନିୟମ ଏକ ସଂକଳ୍ପ। ଏହା ନିଶ୍ଚିତ ଭାବେ ଗ୍ରହଣ ହେବ। ମୋଦୀଙ୍କ ନେତୃତ୍ୱରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ମିଳିବ ବୋଲି ସମସ୍ତ ମାତୃଶକ୍ତିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସର ସହ ସାମିଲ ସମସ୍ତ ବିରୋଧୀମାନଙ୍କର ମହିଳା ବିରୋଧୀ ଆଭିମୁଖ୍ୟ ବିରୋଧରେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଆନ୍ଦୋଳନ ସୃଷ୍ଟି କରିବ। ପଞ୍ଚାୟତ ଠାରୁ ଆରମ୍ଭ କରି ପାର୍ଲିଆମେଣ୍ଟ ଯାଏଁ ସବୁଠି ସ୍ୱର ଉତ୍ତୋଳନ କରିବ ବୋଲି ଉଭୟ ବିଜେପି ନେତ୍ରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଅନୁଗୁଳ ଜିଲ୍ଲା ବିଜେପି ମିଡିଆ ସେଲ୍ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ(ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ),କୁସୁମ ଟେଟେ ପ୍ରାକ୍ତନ ବିଧାୟକ ରାଜ୍ୟ ଉପସଭାନେତ୍ରୀ, ପ୍ରତିମା ମିଶ୍ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା,ସୁଚିସ୍ମିତା ତ୍ରିପାଠୀ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା, ରୋଜାଲିନ ଦାସ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା,ମୀରା ଗଡନାୟକ ଜିଲ୍ଲା ପରିଷଦ ସଦସ୍ୟା, ଜ୍ୟୋତିର୍ମୟୀ ଦେହୁରୀ,ସୁଜାତା ସାହୁ,ସୌଭାଗିନୀ ପ୍ରଧାନ, ଜସ୍ମିନ୍ ପ୍ରଧାନ, ସ୍ମିତା ପଟ୍ଟନାୟକ, ତିଳୋତ୍ତମା ଅମାନ୍ତ, ଅପର୍ଣ୍ଣା ସାହୁ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧକ୍ଷତାରେ ପ୍ରେସ ବାର୍ତ୍ତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ ଓ ଜିଲ୍ଲା ସମ୍ପାଦକ ଶ୍ରୀ କିଟୁ ପଣ୍ଡା ଉପସ୍ଥିତ ଥିଲେ।

## ମା' ମଙ୍ଗଳାଙ୍କ ୫ମ ବାର୍ଷିକ ପୂଜା



**କଙ୍କଡ଼ାହାଡ,୨୦।୪/ଏନ୍ଏନ୍ଏସ୍:** କଙ୍କଡ଼ାହାଡ଼ ବ୍ଲକ୍ ବଟଗାଁ ଗ୍ରାମ ପଞ୍ଚାୟତ ଅଧିନସ୍ତ ବ୍ରାହ୍ମଣିଆ ଗ୍ରାମରେ ଆଜି ଅକ୍ଷୟ ତୃତୀୟା ତିଥିରେ ଅଷ୍ଟ ଶକ୍ତି ମା'ମଙ୍ଗଳାଙ୍କ ୫ମ ବାର୍ଷିକ ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି । ୨୦୨୨ ମସିହା ଅକ୍ଷୟ ତୃତୀୟା ତିଥିରେ କାକଟପୁରରୁ ମା'ଙ୍କ ଘଟ ବିଗ୍ରହ ଆଣ୍ଡାମାଳ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ମନ୍ଦିର ତୋଳାଯାଇ ଯଥାରିତି ଅନୁଯାୟୀ ପୂଜାରୀତି କରାଯାଇ ସ୍ଥାପନ କରାଯାଇଥିଲା। ଅଦ୍ୟ ସକାଳ ୯ଘଟିକା ସମୟରେ ଗ୍ରାମର ମହିଳା ଏବଂ ପୁରୁଷ ଉଭୟ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପରେ ୧୦୮ ଗରା ପାଣିରେ ମା'ଙ୍କୁ ସ୍ନାନ କରାଯାଇ ଧୂପ, ଦୀପ ଓ ପଞ୍ଚାମୃତ ଦେଇ ପୂଜାରମ୍ଭ କରାଯାଇଥିଲା। ୧୦ଘଟିକା ସମୟରେ ହୋମଯଜ୍ଞ ଆରମ୍ଭ କରାଯାଇ ମା'ଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ସାହାଲା ଗ୍ରାମର ଦୁଇଦଳ କୀର୍ତନ ମଣ୍ଡଳୀ ବ୍ରାହ୍ମଣିଆ ଗ୍ରାମର କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ହରିନାମ ଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବାଟଙ୍ଗା ପଞ୍ଚାୟତର ଶହଶ୍ରାଧିକ ଶ୍ରଦ୍ଧାଳୁ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। କଙ୍କଡ଼ାହାଡ଼ ଅତିରିକ୍ତ ତହସିଲ୍‌ଦାର୍ ବାଟଙ୍ଗା ଆର୍‌ଆଇ ଗ୍ରାମ୍ୟ କମିଟି ମୁଖ୍ୟ ବାସୁଦେବ ନାୟକ, ଅଜୟ କୁମାର ନାୟକ, ପଙ୍କଜ ବାରିକ, ସନ୍ତୋଷ ବାରିକ, ତଥା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଗ୍ରାମବାସୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇ ଦିବା ୧ଘଟିକା ସମୟରେ ପ୍ରସାଦ ସେବନ କରାଯାଇଥିଲା।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ରାଜନଗର,୨୦।୪/ଏନ୍ଏନ୍ଏସ୍:** ନବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଯୁବକକୁ ଥାନାକୁ ଆଣି ଅଟକ ରଖିଛି। ରାଜନଗର ସଦର ମହକୁମାରେ ଏଭଳି ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ରାଜନଗର ଗ୍ରାମର ବିକାଶ ମଳିକ (୨୬)କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି।

## ବାଇକ୍‌କୁ ଧକ୍କାଦେଲା ଟ୍ରକ୍, ଜଣେ ମୃତ

**ପରଜଙ୍ଗ,୨୦।୪/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଝିଲ୍ ପଞ୍ଚାୟତ ପୂର୍ତ୍ତ ବିଭାଗ ରାସ୍ତାରେ ସମ୍ବିତ୍ ରାଉଳ (୧୯) ତାଙ୍କ ଆଇ ବାଇକ୍‌ରେ ମହାବିରୋଡ୍ ଆଡ଼କୁ ଆସୁଥିବା ବେଳେ ଝିଲ ପୂର୍ତ୍ତ ବିଭାଗ ରାସ୍ତାରେ ତାଙ୍କୁ ଏକ ଟ୍ରକ୍ ସାମ୍ନାରୁ ଆସି ଧକ୍କା ଦେଇଥିଲା। ସମ୍ବିତ୍ ଓ ତାଙ୍କ ଆଇ ଗୁରୁତର ହୋଇ ରାସ୍ତାରେ ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମ୍ବିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଆଇ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନ୍ତରିତ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପରିବାର ଓ ଗ୍ରାମବାସୀଙ୍କ ମଧରେ ଶୋକର ଛାୟା ଖେଳିଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି।

## ମହୋତ୍ସବରେ କଳାକାରଙ୍କୁ ଉପେକ୍ଷା କାହିଁକି

**ତାଳଚେର,୨୦।୪/ଏନ୍ଏନ୍ଏସ୍:** ଅନୁଗୋଳରେ ଜିଲ୍ଲା ମହୋତ୍ସବ ମହା ସମାରୋହରେ ପାଳିତ ହେଉଛି। ଜିଲ୍ଲା ପ୍ରଶାସନ କଳାକାରମାନଙ୍କୁ ପକ୍ଷରୁ ଉପେକ୍ଷା କରାଯାଇଥିବାରୁ ସେମାନେ ତାଙ୍କର କଳାପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥିବାରୁ ତାଳଚେର କଳାକାରଙ୍କ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧିପାଇଛି।

## ଆନ୍ତଃ-ବିଭାଗ ଓ କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବନ୍ଦର ଇଞ୍ଜିନିୟରିଂ ବିଭାଗ ଓ ଇଫ୍‌କୋ ଚାମ୍ପିଅନ୍



**ପାରାଦୀପ,୨୦।୪/ଏନ୍ଏନ୍ଏସ୍:** ପାରାଦୀପ ବନ୍ଦର ପ୍ରାଧିକରଣ ଆନୁକୂଲ୍ୟରେ ଷଷ୍ଠ ଆନ୍ତଃ-ବିଭାଗ ଏବଂ ପଞ୍ଚମ କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକ, କୃତି ଖେଳାଳି ଓ ଦଳକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଜେତା, ଉପବିଜେତା ଓ ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନକାରୀମାନଙ୍କୁ ଟ୍ରଫି, ପଦକ ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ବନ୍ଦର ଆନ୍ତଃବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ, ପାରାଦୀପ ବନ୍ଦରର ଇଞ୍ଜିନିୟରିଂ ବିଭାଗ ୧୫ ଓଭରରେ ୧୧୨/୮ ରନ୍ କରିଥିଲା। ଟାର୍ଗେଟକୁ ପିଛା କରି, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ବିଭାଗ ୧୫ ଓଭରରେ ୯୩/୯ ରନ୍ କରିଥିଲା। ଇଞ୍ଜିନିୟରିଂ ବିଭାଗ ୧୯ ରନ୍‌ରେ ବିଜୟ ହାସଲ କରି ଚମ୍ପିଅନ୍‌ସିପ୍ ଟ୍ରଫି ହାସଲ କରିଥିଲା। ସେହିପରି କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ, ପାରାଦୀପ ପୋର୍ଟ ଅଥରିଟି ଏବଂ ଇଫ୍‌କୋ ଉଭୟ ସମାନ ସ୍କୋରରେ ଶେଷ ହୋଇ ଏକ ରୋମାଞ୍ଚକର ସୁପର ଓଭରରେ ଇଫ୍‌କୋ ମ୍ୟାଚ୍ ଜିତି ଚମ୍ପିଅନ୍ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଗୋପବନ୍ଧୁ କ୍ରୀଡା ସଂସଦର ସଭାପତି ତଥା ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଏଚ୍.ଏସ୍.ରାଉତ ଏବଂ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଉପ-ମୂଖ୍ୟ ଚିକିତ୍ସାଧିକାରୀ ଡା. ଦୁର୍ଗା ପ୍ରସାଦ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ଅଂଶଗ୍ରହଣକାରୀ ଦଳ, ଆୟୋଜକ ଏବଂ ସମର୍ଥକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ତୃତୀୟ ରାଜ୍ୟ ଲାକ୍ରୋଶ ଚମ୍ପିଅନ୍‌ସିପ୍‌ରେ ଯାଜପୁର ବିଜୟୀ

**ଟମକା,୨୦।୪/ଏନ୍ଏନ୍ଏସ୍:** ଲାକ୍ରୋଶ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଡ୍ରିମ୍ସ ଗ୍ରାଉଣ୍ଡରେ ଦୁଇଦିନ ଧରି ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ ଲାକ୍ରୋଶ ଚାମ୍ପିଅନ୍‌ସିପ୍‌ରେ ସିନିୟର ପୁରୁଷ ବିଭାଗରେ ଯାଜପୁର ଜିଲ୍ଲା ଚମତ୍କାର କ୍ରୀଡ଼ା ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଅପରାଜିତ ଥିବା ଯାଜପୁର ସେମିଫାଇନାଲ୍‌ରେ ଶକ୍ତିଶାଳୀ ସୁନ୍ଦରଗଡ଼ ସହ ରୋମାଞ୍ଚକ ମୁକାବିଲାରେ ୨-୨ ରେ ଡ୍ର କରିଥିଲା। ପରେ ଗୋଲଡେନ୍ ଗୋଲ୍ ରାଉଣ୍ଡରେ ଯାଜପୁର ଦଳ ପ୍ରଥମ ଗୋଲ୍ କରି ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହେଇଥିଲା। ଫାଇନାଲ୍‌ରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ବୌଦ୍ଧକୁ ୬-୦ ଗୋଲ୍‌ରେ ପରାସ୍ତ କରି ଜୟଲାଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚଳଚିତ୍ର ଅଭିନେତା ଅରିନ୍ଦମ ରାୟ ଯୋଗଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସ ୟୁନିଭରସିଟିର କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ଏବଂ ଓଡ଼ିଶା ଲାକ୍ରୋଶ ଆସୋସିଏସନର ସମ୍ପାଦକ ମୁନୁପଟେଲ ଉପସ୍ଥିତ ଥିଲେ। ଯାଜପୁର ବିଜୟର କର୍ଣ୍ଣଧାର ଥିଲେ ଦାନଗଦୀ ବ୍ଲକ୍ ଅନ୍ତର୍ଗତ ଟମକା ଅଞ୍ଚଳର



କ୍ରୀଡ଼ାବିତ। ରଜତ ଜେନା, ଉମ୍ବରୁଧର ମହାନ୍ତ, ଲକ୍ଷ୍ମଣ ସୋରେନ, ରଞ୍ଜନ ମହାନ୍ତ, ସତ୍ୟ ମହାନ୍ତ, ଦିଲ୍ଲୀପ ମହାନ୍ତ, ଧୀରେନ୍ଦ୍ର ମହାନ୍ତ ଏବଂ ସୁଶୀଲ କୁମାରଙ୍କ ପ୍ରଦର୍ଶନ ଉଚ୍ଚକୋଟିର ଥିଲା। ଦଳର ସଂକଳ୍ପ ମନୋଭାବ, ଯୋଜନାବଦ୍ଧ ପ୍ରୟାସ ସଫଳତାର ମୂଳକାରଣ ବୋଲି ଅଭିମତ ରଖିଛନ୍ତି ଜାତୀୟ କ୍ରୀଡ଼ାବିତ ତଥା ଯାଜପୁର କୋଚ୍ ଲଲାଟେନ୍ଦୁ ମହାନ୍ତ।

# ଭୂମିପୁତ୍ର ନଳିନୀ ମହାନ୍ତିଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ

**ରାଜନଗର,୨୦।୪/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ସାନବଡ଼ଗୋପାଳପୁର ପଞ୍ଚୟତ ତ୍ରିନାଥ ବଜାରରେ ରାଜନଗର ଭୂମିପୁତ୍ର ପ୍ରାକ୍ତନ ବିଧାୟକ ତଥା ମନ୍ତ୍ରୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ୧୪ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନଳିନୀକାନ୍ତ ମହାନ୍ତି ସ୍ମୃତି କମିଟ୍ ରାଜନଗର ଆନୁକୂଲ୍ୟରେ ନାମସଂକୀର୍ତନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଧ୍ରୁବ ସାହୁ, ବିଧାୟକ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟକ ତଥା ନଳିନୀବାବୁଙ୍କ ସୁପୁତ୍ର ଅଂଶୁମାନ ମହାନ୍ତି, ବିଜେପି ନେତା ଲଳିତ କୁମାର ବେହେରା, ସମାଜସେବୀ ବିଜୟକେତନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌରପାଳିକାର ଅଧକ୍ଷ ହେମନ୍ତ କୁମାର ସାହୁ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ରପ୍ରସାଦ ରାଉତ, ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ, ସରପଞ୍ଚ ନିରଞ୍ଜନ ରାଉତ, ଦିଲ୍ଲୀପ ରାଉତ, ସମୀର ସେଠୀ, ଯୁବନେତା ଦେବାଶିଷ ପାତ୍ର, ଫକୀର ପ୍ରଧାନ, ଦେବେନ୍ଦ୍ର ଜେନା, ରାଜୀବଲୋଚନ ନାୟକ, ସହଦେବ ସାହୁ,



ସନ୍ତୋଷ ରାଉତ, ଦାମୋଦର ମହାନ୍ତି ପ୍ରମୁଖ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନଳିନୀ ବାବୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ନଳିନୀ ବାବୁ ଖାଲି ତାଙ୍କ ନିର୍ବାଚନ ମଣ୍ଡଳୀ (ରାଜନଗର ଓ ମହାକାଳପଡା ବ୍ଲକ୍) ନୁହେଁ, କିମ୍ବା କେନ୍ଦ୍ରାପଡା ଜିଲ୍ଲା ନୁହେଁ, ସାରା ଓଡିଶାର ଉନ୍ନତି ପାଇଁ ବଦ୍ଧ ପରିକର ଥିଲେ। ବିଭିନ୍ନ ସମୟରେ ଏହି ନିର୍ବାଚନ ମଣ୍ଡଳୀରୁ ସାତଥର ବିଧାୟକ ରୂପେ ନିର୍ବାଚିତ ହେବା ସହ ମନ୍ତ୍ରୀପଦ ମଧ ଅଳଙ୍କୃତ କରିଥିଲେ। ଏହି ସମୟ ମଧରେ ସେ ଓଡ଼ିଶାର ଉନ୍ନତି ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ବିଧାୟକ ଗଣେଶ୍ୱର ବେହେରା ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ନଳିନୀ ବାବୁ ଓ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରବିବାର ସନ୍ଧ୍ୟାରୁ ନାମ ସଂକୀର୍ତନ ଆରମ୍ଭ ହୋଇ ସୋମବାର ଶେଷ ହୋଇଥିଲା। ପରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା।

## ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷିମୁଠି ଅନୁକୂଳ

**ଅନୁଗୋଳ,୨୦।୪/ଏନ୍ଏନ୍ଏସ୍:** ଅନୁଗୁଳ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ନେତୃତ୍ୱରେ ଅକ୍ଷୟ ତୃତୀୟା ମୁଠି ଅନୁକୂଳ ବନରପାଳ ବ୍ଲକ୍‌ର କୁଇ ଓ ଜାମୁନାଳି ନଡତା ଠାରେ ସୋମବାର ଅନୁଷ୍ଠିତ ହୋଇଛି। ବିଧି ଅନୁଯାୟୀ ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ କରାଯାଏ। ଆଜି ବିଜେପି ପକ୍ଷରୁ ଭୂମି ପୂଜନ ଏବଂ ହଳ ଲଙ୍ଗଳ ପୂଜନ କରାଯାଇ ହଳ ଧରା ଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରଭାରୀ ପ୍ରଶାନ୍ତ ଗଣ୍ଡିଆ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ଜିଲ୍ଲା ଉପସଭାନେତ୍ରୀ ନମିତା ଦଳବେହେରା, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ବହୁତ ସଂଖ୍ୟକ ଚାଷୀମାନେ ଉପସ୍ଥିତ ଥିଲେ।

## ତାଳଚେରରେ ଅକ୍ଷୟ ତୃତୀୟା ପାଳିତ

**ତାଳଚେର,୨୦।୪/ଏନ୍ଏନ୍ଏସ୍:** ଅକ୍ଷୟ ତୃତୀୟା ହେଉଛି ଆଶା, ସମୃଦ୍ଧି ଏବଂ ନୂତନ ଆରମ୍ଭର ପ୍ରତୀକ ଏବଂ ଦିନକୁ ସମୃଦ୍ଧ ଓ ଅକ୍ଷୟ କରିବାକୁ ଦାମୀ ଜିନିଷ କିଣି ଏହା ପାଳନ କରିଥାନ୍ତି। ଦିନଟି ପବିତ୍ର ହୋଇଥିବାରୁ ଘର ଶୁଭଦେବା, ଜାଗା ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୁଏ। ଆଜି ଅକ୍ଷିମୁଠି ଅନୁକୂଳ କରି ଚାଷ ଆରମ୍ଭ କରିବେ ଚାଷୀ। ଏହି ପରିପ୍ରେକ୍ଷୀରେ ଆଜି ତାଳଚେର ଅଞ୍ଚଳରେ ରହିଥିବା ଚାଷୀମାନେ ପରମ୍ପରା ରକ୍ଷା କରିବାକୁ ଯାଇ ସକାଳୁ ସେମାନଙ୍କ ନିତ୍ୟକର୍ମ ସହ ହଳ, ବିହନ ନେଇ ଚାଷ କରିବାକୁ ଘରୁ ବାହାରି ଯାଇଥିଲେ। ଅପରପକ୍ଷେ ଆଜି ଦିନଟିରେ ଚାଷୀମାନଙ୍କ ଘରେଘରେ ପିଠାପଣାର ଆସର ଜମିବା ସହ ଚାଷୀମନରେ ଅନେକ ଆଶା ଓ ଭରଷାକୁ ନେଇ ସଞ୍ଚାର ଜାଗୃତ ହୁଏ। ମାତ୍ର ଆଜିର ଯେଉଁପ୍ରକାର ଜଳବାୟୁ ଓ ପରିବେଶ ଚାଷ ତ ଦୂରକଥା ଗଣ୍ଡେ ଖାଇ ଦଣ୍ଡେ ବଞ୍ଚିବା କଷ୍ଟକର ହୋଇପଡ଼ିଛି ବୋଲି ଶୁଣିବାକୁ ମିଳେ। ଆଜି ତାଳଚେର ଅଞ୍ଚଳରେ ସୂର୍ଯ୍ୟଙ୍କ ତାପ ଏତେ ପ୍ରଖର ଥିଲା ଯେ ସକାଳ ୯ଘଟିକା ଠାରୁ ଘରୁ ପଦାକୁ ଗୋଡ଼ କାଢ଼ିବା ସମ୍ଭବ ହୋଇନଥିଲା। ଆଜକୁ ୪୦ବର୍ଷ ପୂର୍ବରୁ ଅକ୍ଷୟତୃତୀୟା ପୂର୍ବରୁ ମାଘୁଆଣୀ ବର୍ଷା ଚାଷୀମାନଙ୍କୁ ବେଶ ସୁହାଇଥାଏ। ତେଣୁ ଚାଷୀମାନେ ଜମିରେ ସାମନ୍ୟ ବର୍ଷା ଜନିତ ଧାନବୁଣାରେ ସହାୟକ ହୁଏ ବୋଲି ସେମାନେ ମାଘୁଆଣି ବର୍ଷାକୁ ଅପେକ୍ଷା କରି ଚାଷକାର୍ଯ୍ୟକୁ ଆଗେଇ ନେଇଥାନ୍ତି। କିନ୍ତୁ ତାହା ଏବେ ଆଉ ସମ୍ଭବପର ନୁହେଁ। ତେବେ ଆଜିର ସମୟରେ ତାଳଚେର ଅଞ୍ଚଳରେ ଖଣିଖାଦାନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷକାର୍ଯ୍ୟ ଧିରେଧିରେ ଲୋପ ପାଇବା ସହ ଚାଷୀମାନେ ଏଥିରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି।

# ଅଳିଆ ଆବର୍ଜନାରେ ଭର୍ତ୍ତି ଡ୍ରେନ୍

**ତାଳଚେର,୨୦।୪/ଏନ୍ଏନ୍ଏସ୍:** ତାଳଚେର ପୌରାଞ୍ଚଳ ପ୍ରାୟ ୱାର୍ଡଗୁଡ଼ିକ ନିୟମିତ ଡ୍ରେନ୍ ସଫା କରାଯାଉଥିବାରୁ ଅଳିଆବାର୍ଜନାରେ ଭର୍ତ୍ତି ଦେଖିବାକୁ ମିଳିଛି। ଏହାର ଜ୍ୱଳନ୍ତ ଉଦାହରଣ ୱାର୍ଡ଼ ନଂ ୧୧ର ବସ୍ତିରେ ରହିଥିବା ଡ୍ରେନ୍‌ରେ ଅଳିଆ ଆବର୍ଜନା ସହିତ ପୋଚରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ଉତ୍ତୋଳନ କରାଯାଇଥିବା ଫୋଟରୁ ଜଣାପଡ଼େ। ତେବେ ସରକାର ସ୍ୱଚ୍ଛଭାରତ ଓ ସବ୍‌କାସାଥ୍ ସବ୍‌କା ବିକାଶର ନାରା ଦେଉଥିବା ବେଳେ ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଏଠାରେ କିପରି ଚାଲିଛି ସ୍ୱଚ୍ଛଭାରତ ମିଶନ। ଅପରପକ୍ଷେ ତାଳଚେର ପୌରପିଷଦରେ ଠିକାଦାର ଓ କିଛି କାର୍ଯ୍ୟାଳୟର ସୁଇପର୍ ରହିଥିବା ବେଳେ ଏମାନେ ପ୍ରତ୍ୟେକ ଦିନ କରୁଛନ୍ତି କ'ଣ ବୋଲି ପ୍ରଶ୍ନ ସୃଷ୍ଟିବାଚୀ ସୃଷ୍ଟି ହେଉଛି। ସୁଇପର୍‌ମାନେ ନିୟମିତ ସକାଳୁ ରାସ୍ତାଗୁଡ଼ିକ ଝାଡୁମାରୁଥିବା ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ନିୟମିତ ଡ୍ରେନ୍ ପରିଷ୍କାର ପରିଚ୍ଛନ୍ନ କରୁନଥିବା ଅଭିଯୋଗ ହେଉଛି। ଫଳରେ ମାଶା, ମାଛିଙ୍କ ବଂଶ ବିସ୍ତାର ହେବା ସହ ଡ୍ରେନ୍ ଗୁଡ଼ିକରେ ଅଳିଆ ଅବର୍ଜନା ପୋତା ପୁରି ଡ୍ରେନ୍ ପାଣି ନିଷ୍କାସନ ନହୋଇ ପାଣି ରାସ୍ତାରେ ସୁଅ ଛୁଟିଥାଏ।



# ବିଷୁବ ସଂକ୍ରାନ୍ତିରେ 'ପଣାର ମହକ' ସମ୍ପର୍କରେ ଅଲୋଚନା

**ମୁକ୍ତଟିକିରି,୨୦।୪/ଏନ୍ଏନ୍ଏସ୍:** ପୁଷ୍ପଗିରି ପରିଷଦ ଆନୁକୂଲ୍ୟରେ ରତ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିସରରେ ଓଡ଼ିଆ ନବବର୍ଷରେ ବିଷୁବ ମିଳନ,ପଣା ଉତ୍ସବ ଏବଂ ଅଲୋଚନା ଚକ୍ରସହ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପରିଷଦର ସଭାପତି ଦୁଃଖିରାମ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଡଃ ପ୍ରମୋଦ କୁମାର ଶତପଥି ଅଧକ୍ଷ କାଶିନାଥ ମହାବିଦ୍ୟାଳୟ ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତି ଗଣେଶ୍ୱର ସ୍ୱାଇଁ ସଂପାଦକ ଗୁଣ୍ଡିଚି ମୃଷା ଏବଂ ପରିଷଦରସଂପାଦକ ମକରଧ୍ୱଜ ସାହୁ ମଞ୍ଚାସୀନ ହୋଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଭଗବାନ ବୁଦ୍ଧ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପୁଷ୍ପହାର ଏବଂ ଧୂପ ପ୍ରଜ୍ୱଳନ କରଯାଇଥିଲା। ପରେ ସଂଗୀତ ଗୁରୁ ଗୋପୀନାଥ ଦାସ ଓଡିଆ ନବବର୍ଷ ଏବଂ ବିଷୁବ ସଂକ୍ରାନ୍ତି ଉପରେ ଏକ ଭଜନ ଗାନ କରିଥିଲେ। ଏହାପରେ ଶିଶୁ ପ୍ରତିଭା ଅନ୍ୱେଷଣରେ ମାଧମିକସ୍ତରରୁ ଶୁଭଲକ୍ଷ୍ମୀ ପ୍ରଧାନ ଏବଂ ଉଚ୍ଚ ପ୍ରାଥମିକସ୍ତରରୁ ମନିଶା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ନୃତ୍ୟ ପ୍ରତିଯୋଗୀ, ଓଡିଶୀ ନୃତ୍ୟ କରିଥିଲେ। ଏହାପରେ କାର୍ଯ୍ୟକାରୀ ସଭାପତି ଡଃ ନୃସିଂହ ଚରଣ ବେହେରା ଅତିଥି



ପରିଚୟ ପ୍ରଦାନ କରିଥିଲେ। ସଭ୍ୟ ଦୀଲିପ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସାଧାରଣସଂପାଦକ ମକରଧ୍ୱଜ ସାହୁ ପରିଷଦର ବିବରଣୀ ପାଠ କରିଥିଲେ। ଏହା ପରେ ମୁଖ୍ୟଅତିଥି ଡଃ ପ୍ରମୋଦ କୁମାର ଶତପଥି ଆଲୋଚ୍ୟ ପ୍ରସଙ୍ଗ 'ବିଷୁବ ସଂକ୍ରାନ୍ତିରେ ପଣାର ମହକ' ବିଷୟରେ ଅଲୋଚନା କରିଥିଲେ। ଉକ୍ତ ବିଷୟ ଉପରେ ଡଃ ଭାଗ୍ୟଧର ସାହୁ ଏବଂ ମୁଖ୍ୟ ବକ୍ତା, ଗଣେଶ୍ୱର ସ୍ୱାଇଁ ମହାବିଷୁବ ସଂକ୍ରାନ୍ତି ପଣାର ଆବଶ୍ୟକତା ଉପରେ ଅଲୋଚନା କରିଥିଲେ। ଗତଶିଶୁ ପ୍ରତିଭା ଅନ୍ୱେଷଣରେ କୃତୀତ୍ୱ ଅର୍ଜନ କରିଥିବା ୬୯ ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧମିକସ୍ତରର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ପ୍ରଶଂସା ପତ୍ର ଏବଂ ପୁରସ୍କାର ପ୍ରଦାନ କରଯାଇଥିଲା। ବସୁକଳ୍ପ ରାଜାଙ୍କ ଅମଳରୁ ରତ୍ନଗିରି ପାହାଡରେ ଅବସ୍ଥିତ ଶ୍ରୀମହାକାଳଙ୍କ ଚାଙ୍ଗଡା ଯାତ୍ରାରାତ୍ର ୮ସମୟରେ ମନ୍ଦିରରୁ ବାହାରୀ ନିକଟସ୍ଥ କେଲୁ ନଦୀକୁ ସ୍ନାନ ପାଇଁ ଯାଇଥାନ୍ତି। ସେଠାରେ ବଉଳା କୁମ୍ଭୀର ଓ ଜଳ ଜୀବଜନ୍ତୁ ମା'ଙ୍କୁ ଦେଖାଦେବାର ଇତିହାସ ରହିଅଛି। ଘଣ୍ଟପାଟୁଆଙ୍କ ଗହଣରେ ଶ୍ରୀମହାକାଳ ଠାକୁର ମନ୍ଦିରକୁ ପ୍ରବେଶ କରି ନୂତନ ବସ୍ତ୍ର ପରିଧାନ ସହ, ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ବେଲ ପଣା ପ୍ରଦାନ କରାଯିବା ପରେ ଉପସ୍ଥିତ ଜନମାନସରେ ପଣାବଣ୍ଟନ କରାଯାଏ। ପ୍ରବାଦ ଅଛି ଅପୁତ୍ରିକ ମହିଳାମାନେ ସନ୍ତାନ ଟିଏ ପାଇବା ପାଇଁ ମା'ଙ୍କ ନିକଟରେ ଉପବାସ କରି ଚାଙ୍ଗଡା ଡାଲରୁ ଆମ୍ବ ଫଳଟିଏ ପାଇ ଆତ୍ମ ସନ୍ତୋଷରେ ଭକ୍ଷ୍ୟଣ କରନ୍ତି। ଯାହାଦ୍ୱାରା ପୁତ୍ରସନ୍ତାନ ଜନନୀ ହେବାର ଅଶୀର୍ବାଦ ପାଇଥାନ୍ତି ।





ରାଜ୍ୟସ୍ତରୀୟ କୃଷକ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରଠାରେ କୃଷି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି

## ଜେଲ୍ ଫେରନ୍ତା କଳଙ୍କକୁ ଧୋଇବାକୁ ଅପଚେଷ୍ଟା କରୁଛନ୍ତି ପ୍ରଭାତ: ବିଜେଡି

**କଟକ,୨୦।୪/ଏନ୍ଏନ୍ଏସ୍:** ବିଜୁ ଜନତା ଦଳରୁ ବିତାଡିତ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ଵାଳ ଙ୍କ ବହୁ ପ୍ରଚାରିତ ବହୁ ଆଡମ୍ବରରେ ଲଘୁ କ୍ରିୟା ରେ ପରିଣତ ହୋଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ସିଂହ ପ୍ରକାଶ କରିଛନ୍ତି। ପ୍ରଭାତ ବାବୁ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ବାରମ୍ବାର ବିଜେଡିର ଶୀର୍ଷ ନେତୃତ୍ୱଙ୍କ ବିଷୟରେ ମିଥ୍ୟା ମନଗଢା କାହାଣୀ ମିଡ଼ିଆ ସମ୍ମୁଖରେ ବଖାଣୁଛନ୍ତି। ବିଜେଡି କେବେବି ତାଙ୍କୁ ବିଧିବଦ୍ଧ ଭାବେ କୌଣସି ସାଙ୍ଗଠନିକ ଦାୟିତ୍ୱ ଦେଇ ନାହିଁ। ଅପରପକ୍ଷେ ନବୀନ ପଟ୍ଟନାୟକ ପ୍ରଭାତଙ୍କୁ ଦୁଇ ଥର ଏବଂ ତାଙ୍କ ପୁତ୍ର ସୌଭିକ ବିଶ୍ଵାଳଙ୍କୁ ଦୁଇ ଥର ଦଳୀୟ ଟିକେଟ ପ୍ରଦାନ କରିବା ସହିତ ନିର୍ବାଚନୀ



ଖର୍ଚ୍ଚ ମଧ୍ୟ ଦଳୀୟ ପାଣ୍ଠିରୁ ପ୍ରଦାନ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ବାପ ପୁଅ ବିଧାୟକ ଭାବେ ନିର୍ବାଚିତ ହେବା ସହିତ ତାଙ୍କ ସହଧର୍ମିଣୀଙ୍କୁ ମଧ୍ୟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦରେ ଅବସ୍ଥାପିତ କରାଯାଇଥିଲା। ରାଜ୍ୟସଭା ନିର୍ବାଚନ ସମୟରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ନେତୃତ୍ୱରେ ଦଶଜଣ ବିଜେଡି ବିଧାୟକ ପ୍ରଭାତ ବିଶ୍ଵାଳଙ୍କ ବାସଭବନକୁ ଯାଇ ତାଙ୍କ ପୁତ୍ର ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦାନ କରିବାକୁ ନିବେଦନ କରିବା ସମୟରେ ପ୍ରଭାତ ବାବୁ ନିଜର ୧୬ କୋଟି ଟଙ୍କା ଋଣ କଥା ଉଲ୍ଲେଖ କରି ଭୋଟ ଦାନ ବଦଳରେ ୮ କୋଟି ଟଙ୍କା ପାଇଁ ଦାବି କରିଥିଲେ। ଏନେଇ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ ଯାଜପୁରଠାରେ ଏକ ସଭାରେ ଉଲ୍ଲେଖ କରିଥିଲେ। ଅପରପକ୍ଷେ ପ୍ରଭାତ ବାବୁ ସିଧାସଳଖ ୮ କୋଟି ଟଙ୍କା ମାଗିବା ଉପରେ କୌଣସି ଉତ୍ତର ନ ଦେଇ ମିଡିଆ ସମ୍ମୁଖରେ ପ୍ରକାଶ କରିବା ସହିତ ବସ୍ତ୍ରର ରଙ୍ଗ ବଦଳି ବାବଦରେ ଉଲ୍ଲେଖ କରି ଚୌଦ୍ୱାରବାସୀଙ୍କୁ ବିଭ୍ରାନ୍ତ କରିବାକୁ ଅସଫଳ ଉଦ୍ୟମ କରିଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି। ପ୍ରଭାତ ନିଜର ପୂର୍ବ କଳଙ୍କିତ ଇତିହାସକୁ ଲୁଚେଇବା ପାଇଁ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଞ୍ଜୟ ଦାସ ବର୍ମାଙ୍କ ଭଳି ବଡ଼ ବଡ଼ ନେତାଙ୍କୁ ବ୍ୟକ୍ତିଗତ କୁତ୍ସାରଟନା କରି ନିଜର ଜେଲ ଫେରନ୍ତା କଳଙ୍କକୁ ଧୋଇବାକୁ ଅପଚେଷ୍ଟା କରୁଛନ୍ତି। ଯଦି ପ୍ରଭାତ ବାବୁ ନିଜକୁ ଏତେ ଲୋକପ୍ରିୟ ନେତା ବୋଲି ଭାବୁଛନ୍ତି ତେବେ ବିଜେଡି ଦଳୀୟ ଟିକଟରେ ନିର୍ବାଚନ ଜିତିଥିବା ତାଙ୍କ ପୁତ୍ରକୁ କୁହନ୍ତୁ ବିଧାୟକ ପଦବୀ ରୁ ତୁରନ୍ତ ଇସ୍ତଫା ଦେଇ ଯେକୌଣସି ଦଳୀୟ ଚିହ୍ନରେ ନିର୍ବାଚନ ଲଢ଼ନ୍ତୁ। ଆଗାମୀ ଦିନରେ ଚୌଦ୍ୱାର - କଟକ ନିର୍ବାଚନ ମଣ୍ଡଳୀର ଜନସାଧାରଣ ତାଙ୍କର ବିଶ୍ଵାସଘାତକତା ବିରୁଦ୍ଧରେ ଉଚିତ ଜବାବ ଦେବେ ବୋଲି ଶ୍ରୀସିଂହ କହିଛନ୍ତି। ସାମ୍ବାଦିକ ସମ୍ମିଳନୀ ରେ କଟକ ମହାନଗର ନିଗମର ବରିଷ୍ଠ କର୍ପୋରେଟର୍ ପ୍ରଦୀପ୍ତ ଖୁଣ୍ଟିଆ, କଟକ ଜିଲ୍ଲା ସାଧାରଣ ସମ୍ପାଦକ(ସଂଗଠନ) ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ୩ ଦିନ ପାଇଁ ବନ୍ଦ

**କଟକ,୨୦।୪/ଏନ୍ଏନ୍ଏସ୍:** ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥି ସହିତ ଆବଶ୍ୟକସ୍ଥଳେ ବିଦ୍ୟାଳୟ ତରଫରୁ ଅନଲାଇନ ଶିକ୍ଷାଦାନ କରାଯାଇପାରିବ। ଏହି ସମୟରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଶ୍ରୀ ସିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରାତଃ ୬ଟା ୩୦ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ଶ୍ରୀ ସିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଗ୍ରୀଷ୍ମ ପ୍ରଭାହର ବୃଦ୍ଧିକୁ ପରିଲକ୍ଷିତ କରି ପୁର୍ନବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରଯାଇଛି। ଉପଯୁକ୍ତ ଗ୍ରୀଷ୍ମ ପ୍ରବାଦ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## 'ଅମୃତ ପସରା'ର ସତ୍‌ସଙ୍ଗ

**କଟକ,୨୦।୪/ଏନ୍ଏନ୍ଏସ୍:** ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଦ୍ୱାରା ପରିଚାଳିତ ବୈକୁଣ୍ଠବିହାର ସ୍ଥିତ ଲିପିକା ଭବନ ପରିସରରେ 'ଅମୃତ ପସରା' ସତ୍ ?ସଙ୍ଗ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର



ମୁଖ୍ୟ ତଥା ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ଶ୍ରୀରାମ ସେବାରତ୍ନ ଚାରଣ କାଶୀନାଥ ଦାସ (ମହନ୍ତ) ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ଅମୃତମୟୀ ପ୍ରବଚନ ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ତାଙ୍କର ଏହି ଅମୃତବାଣୀ ଶୁଣିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଭକ୍ତ ସମବେତ ହୋଇଥିଲେ। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ମାସର ରବିବାର ସନ୍ଧ୍ୟାରେ ଏବଂ ବିଭିନ୍ନ ପର୍ବପର୍ବାଣିରେ ଏଠାରେ ଏହିପରି ବିଶେଷ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହି ଆଧ୍ୟାତ୍ମିକ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଭାକର ଦାସ, ତ୍ରୈଲୋଚନ ଦାସ, ଗୁରୁଚରଣ ଦାସ, ସୁଶୀଲ ଛୋଟରାୟ, ବୀରକିଶୋର ମହାରଣା, ସୁକାନ୍ତ କୁମାର ବିଶୋଇ, ଦିବାକର ବାରିକ, ଶରତ କୁମାର ରାଉତ, ସୁନନ୍ଦ ସାହୁ, ରଞ୍ଜିତ ସାହୁ, ଗୋପିନାଥ ସାହୁ, ରବିନାରାୟଣ ବେହେରା, ବସନ୍ତ କୁମାର ସିଂହ, ବିଚିତ୍ରା ନନ୍ଦ ବିଶ୍ୱାଳ, ସୁନିଲ କୁମାର ଜେନା, ପ୍ରଭାକର ପାଣିଗ୍ରାହୀ, ଦେବେନ୍ଦ୍ର ସିଂହ, ଶାରଳା ଦାସ ଏବଂ ଲିପିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ସରସ୍ୱତୀ ସାହୁ, ଅନୁପମା ଦାସ, ମମତା ସ୍ୱାଇଁ, ମଞ୍ଜୁଲତା ପାଣିଗ୍ରାହୀ, ପ୍ରଭାବତୀ ଜେନା, ସାରଥି ବିନ୍ଧାଣୀ, ଅଲିଭା ପାତ୍ର, ରଶ୍ମିତା ଖୁଣ୍ଟିଆ, ସାଗରିକା ନାୟକ, କୁନିପ୍ରଭା ବାରିକ, ସତ୍ୟଭାମା ମହାରଣା ଓ ନୟନା ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟକ ଭକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଭୁକୃପା ଲାଭ କରିଥିଲେ। ସମଗ୍ର ପରିବେଶ ହରିନାମ ସଂକୀର୍ତ୍ତନ ଓ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବେଳିତ ହୋଇଉଠିଥିଲା।

## ଆଲୁମ୍ନି ସଂଘ ତରଫରୁ ଶୋକସଭା



**କଟକ,୨୦।୪/ଏନ୍ଏନ୍ଏସ୍:** ବାଦାମବାଡ଼ି ନୂଆ କଲୋନୀ ହାଇସ୍କୁଲ ୧୯୮୩ ବ୍ୟାଚର ପୁରାତନ ଛାତ୍ର ସ୍ୱର୍ଗତ ଦିପ୍ତୀରଞ୍ଜନ ନାୟକଙ୍କ ଅକାଳ ବିୟୋଗରେ ଆଜି ପୁରାତନ ଛାତ୍ର ସଂସଦ ତରଫରୁ ସ୍କୁଲ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ପ୍ରଭାତ କୁମାର ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଗୀତୁ ପଟ୍ଟନାୟକ, ଗୀତାରାଣୀ ପରିଡ଼ା, ରଞ୍ଜନ କୁମାର ସାହୁ, ଅରୁଣ କୁମାର ଦାଶ,ପ୍ରକାଶ ଚନ୍ଦ୍ର ପଣ୍ଡା, ତାପସ ବେହେରା, ବିଶ୍ୱ ପ୍ରକାଶ ଦାଶ, ଲକ୍ଷ୍ମୀ ନାରାୟଣ ମିଶ୍ର, ସଂଗ୍ରାମ ଦାସ, ସୌମେନ୍ଦୁ ପାଣି, ସୌମେନ୍ଦ୍ର ପଲାଇ, ଦିଲ୍ଲୀପ ପରିଡ଼ା, ସୁଚେତା ମହାନ୍ତି, ପାର୍ଥ ସାରଥୀ ଦାସ, ମାନସ ମହାନ୍ତି, ରୋହିତ କୁମାର ଛାଟୋଇ ପ୍ରମୁଖ ଯୋଗ ଦେଇଥିଲେ। ଅଶୋକ କୁମାର ରଥ ଧନ୍ୟବାଦ୍ ଦେଇଥିଲେ।

### ଏମ୍ସ ଭୁବନେଶ୍ୱରରେ ମୃତଦାତାଙ୍କ ଯକୃତ ଦାନ

## ନୂତନ ଜୀବନ ପାଇଲେ ୪୬ ବର୍ଷୀୟ ବ୍ୟକ୍ତି

**ଭୁବନେଶ୍ୱର,୨୦।୪/ଏନ୍ଏନ୍ଏସ୍:** ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିଶେଷ ସଫଳତା ସ୍ୱରୂପ, ଏମ୍ସ ଭୁବନେଶ୍ୱରରେ ଚଳିତ ମାସରେ ଜଣେ ମୃତ ଦାତାଙ୍କ ଯକୃତ ଦାନ ଫଳରେ ନୂତନ ଜୀବନ ପାଇଛନ୍ତି ୪୬ ବର୍ଷୀୟ ବ୍ୟକ୍ତି। ଏମ୍ସ ଭୁବନେଶ୍ୱରରେ ସଫଳତାର ସହିତ ଏହି ଯକୃତ ପ୍ରତିରୋପଣ ସମ୍ପନ୍ନ ହୋଇଥିଲା। ଏପରି ସଫଳତା ବିଶ୍ୱ ଯକୃତ ଦିବସର ପ୍ରକୃତ ଅନୁଚିନ୍ତାକୁ ପ୍ରତିପାଦିତ କରିଛି। ଏହା ଯକୃତ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଅଙ୍ଗଦାନର ଜୀବନ ରକ୍ଷାକାରୀ ପ୍ରଭାବକୁ ଉଜାଗର କରିଥାଏ। ଏହି ପ୍ରେରଣାଦାୟକ କାହାଣୀର କେନ୍ଦ୍ରରେ ଅଛନ୍ତି ଭଦ୍ରକ ଜିଲ୍ଲାର ଜଣେ ଉତ୍ସର୍ଗୀକୃତ ହୋମିଓପାଥିକ୍ ଚିକିତ୍ସା ଅଧିକାରୀ ଡ. ରାଧା ପାଢ଼ୀ। ନିଜର ଅସୁସ୍ଥତା କାରଣରୁ ଏମ୍ସରେ ଚିକିତ୍ସାଧୀନ ଥିଲେ ଡ. ପାଢ଼ୀ। ଚଳିତ ମାସ ୨ ତାରିଖରେ ଡ. ପାଢ଼ୀଙ୍କୁ ବ୍ରେନ୍ ଷ୍ଟେମ୍ ମୃତ୍ୟୁ ଘୋଷଣା ପରେ, ତାଙ୍କ ପରିବାର ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଅତ୍ୟନ୍ତ ସମ୍ବେଦନଶୀଳ ସମୟରେ ଅଙ୍ଗଦାନ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ତିନି ତାରିଖରେ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ୪୬ ବର୍ଷୀୟ ଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତିଜଣଙ୍କ ସୁସ୍ଥ ଅଛନ୍ତି। ଆସନ୍ତାକାଲି ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବା ନେଇ ସୂଚନା ମିଳିଛି। ମୃତ ଦାତାଙ୍କ ଅଙ୍ଗକୁ ଏମ୍ସ ଭୁବନେଶ୍ୱରରେ ହିଁ ପ୍ରତିରୋପଣ କରାଯାଇଥିଲା, ଯାହାକି ଏହି ଜାତୀୟ ପ୍ରତିଷ୍ଠାନ ପାଇଁ ପ୍ରଥମ। ଆଇଏଲ୍‌ବିଏସ୍ ଦିଲ୍ଲୀର ପ୍ରଫେସର ବିନିୟେନ୍ଦ୍ର ପାମେଚାଙ୍କ ପରାମର୍ଶରେ ଏମ୍ସ ଭୁବନେଶ୍ୱର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଦାତାଙ୍କ ପରିବାର ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ସଚେତନତା ଏବଂ ଆବେଗିକ ଭାବନାରେ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ନିଃସ୍ୱାର୍ଥପର ଅବଦାନକୁ ସ୍ୱୀକୃତି ଦେଇ, ଡ. ପାଢ଼ୀଙ୍କୁ ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏମ୍ସ ଭୁବନେଶ୍ୱରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

## କବି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ ଆଧ୍ୟାତ୍ମିକ ଅସ୍ମିତାର ନିଚ୍ଛକ ନିଦର୍ଶନ

**ଭୁବନେଶ୍ୱର,୨୦।୪ /ଏନ୍ଏନ୍ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଆଜି ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ କବି ଶ୍ରୀ ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସମାରୋହରେ ଗୀତ ଗୋବିନ୍ଦ ବିଷାରଦ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବିଶିଷ୍ଟ ଗବେଷକ ପ୍ରଫେସର ରଘୁନାଥ ପଣ୍ଡା, ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ବିରୁପାକ୍ଷ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବି ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ ସହ ଶ୍ରୀ ଜୟଦେବଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପରିଚାଳନା କରିଥିଲେ।

## ଜଗନ୍ନାଥ ମନ୍ଦିରରେ ରାମ କଥା ପ୍ରବଚନ

**କଟକ,୨୦।୪/ଏନ୍ଏନ୍ଏସ୍:** ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଚାନ୍ଦିନୀଚୌକ ଜଗନ୍ନାଥଙ୍କ ପୀଠସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରାମ କଥା-ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ଦିନ ଉଦ୍‌ଯାପନ ହେବ। ପ୍ରବଚକ ଭାବେ ଶିବଶଙ୍କର ଦାସ (ହରିଓଁ) ରାମ କଥା ପାଠ କରିଥିଲେ। ଆଶିଷକାନ୍ତ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା-କର୍ତ୍ତୀ ଭାବେ ପୂଜାରେ ଅଂଶ ଗ୍ରହଣ କରିଛନ୍ତି। ଦୀର୍ଘ ୯ ଦିନ ବ୍ୟାପୀ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହା ଅନୁଷ୍ଠିତ ହେବ। ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଓ ଦଇତାପତି ସେବାୟତ ନିଯୋଗର ସଦସ୍ୟମାନେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ରାମ କଥା-ପ୍ରବଚନ ସ୍ମରଣ କରିବା ପାଇଁ ଶତାଧିକ ମହିଳାଙ୍କ ସମେତ ବହୁ ସଂଖ୍ୟକ ଭକ୍ତ ଜନସାଧାରଣ ଉପସ୍ଥିତ ଥିଲେ।

## ଗୁରୁଶ୍ରୀ ଜଗନ୍ନାଥ ଦାସଙ୍କ ଜନ୍ମବାର୍ଷିକୀ



**ଭୁବନେଶ୍ୱର,୨୦।୪/ଏନ୍ଏନ୍ଏସ୍:** ଖଣ୍ଡଗିରି ଉତ୍ତର ଦ୍ୱାରସ୍ଥିତ ପ୍ଲଟ୍ ନମ୍ବର ୨୧୬, ପତୀତ ପାବନ କଳକୀ ସେବା ଆଶ୍ରମ ପରିସରରେ ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥ ଦାସଙ୍କ ଜନ୍ମବାର୍ଷିକୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଆଶ୍ରମ ପକ୍ଷରୁ ନାମ ସଂକୀର୍ତ୍ତନ ଓ ଭକ୍ତମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାରାହାରି ୧୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ଗୁରୁଜୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉକ୍ତ ଉତ୍ସବରେ ପଟ ଶିଷ୍ୟ ମଳୟ ପଟ୍ଟନାୟକ, ଗୁରୁଜୀ ସୁବାଷ ମାର୍ଥା ଓ ସନାତନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଦୀକ୍ଷିତ, ଆଲୋକ ବାବା, କେନ୍ଦ୍ରାପଡ଼ାର ଯୁବ ସମାଜସେବୀ ଶୁକାନ୍ତ ପ୍ରଧାନ, ସଞ୍ଜୟ କୁମାର ସ୍ୱାଇଁ, ଧୁଶାସନ ଛନପତି, ରଘୁନାଥ ଗୌଡ଼, ଗୋପାଳ ଗୌଡ଼, ସନ୍ତୋଷ ଖୁଣ୍ଟିଆ, ବାଦଲ ଭୁତିଆ, ଅଜୟ ସେନାପତି, କାର୍ତ୍ତିକ ବରଦା, ଅମୟ ବିଶାଳ ଏବଂ ବିଶ୍ୱନାଥ ସାର୍ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ କେଦାର ଭାଇ, ତପନ ସାହୁ, ଜଳନ୍ଧର ନାୟକ ଏବଂ ଅଶୋକ ବାରିକଙ୍କ ସମେତ ଅନେକ ଭକ୍ତ ଓ ସେବାୟତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମଗ୍ର ଅଞ୍ଚଳରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା।

## ମେ' ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର,୨୦।୪/ଏନ୍ଏନ୍ଏସ୍:** ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମେ' ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ସଚିବ ସଲୋମୀ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମାମଲା ଯଥା ରଫାଯୋଗ୍ୟ ଫୌଜଦାରୀ ମାମଲା, ପ୍ଲି ବାରଗେନିଙ୍ଗ, ଚେକ୍ ବାଉନ୍ସ, ଋଣ ଆଦାୟ, ଦୁର୍ଘଟଣାଜନିତ ମାମଲା, ରଫାଯୋଗ୍ୟ ଟ୍ରାଫିକ୍ ଚାଲାଣ, ଶ୍ରମ ବିବାଦ, ଜନଉପଯୋଗୀ ମାମଲା, ବିଦ୍ୟୁତ, ଜଳ, ବୈବାହିକ ବିବାଦ, ପାରିବାରିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ଓ ଅବସର ସମ୍ପର୍କିତ ପେନ୍‌ସନ୍ ମାମଲା, ରାଜସ୍ୱ, ଆଇପିଆର କେସ୍, ଖାଉଟି ମାମଲା, ଅନ୍ୟାନ୍ୟ ଦେୱାନି ମାମଲା ସହିତ ଫୌଜଦାରୀ ମାମଲାଗୁଡ଼ିକ ବିଭିନ୍ନ ଜିଲ୍ଲା ଓ ଉପଖଣ୍ଡ କୋର୍ଟମାନଙ୍କରେ ଆଗତ କରାଯାଇ ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯାଇପାରିବ। ସେହିପରି ପ୍ରାକ୍ ମୋକଦ୍ଦମା ବା କୌଣସି ଅଦାଲତରେ ମାମଲା ନଥାଇ ମଧ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବା ତାଲୁକ୍ ଆଇନ ସେବା କମିଟିଙ୍କ ମାଧ୍ୟମରେ ଜନସାଧାରଣମାନେ ଋଣ ଅନାଦେୟ ମାମଲା, ସକ୍‌ସେସନ୍ କେସ୍, ଟ୍ରାଫିକ୍ ଚାଲାଣ, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ ଓ ଜଳ, ରାଜସ୍ୱ ଓ ଜମି ଅଧିଗ୍ରହଣ, ସ୍ଥାୟୀ ଲୋକ ଅଦାଲତରେ ଜନଉପଯୋଗୀ ମାମଲା, ବୈବାହିକ, ମଧ୍ୟସ୍ଥତା ଜରିଆରେ ବୈବାହିକ ଓ ଘରୋଇ ହିଂସା ମାମଲାର ସମାଧାନ, ବାଣିଜ୍ୟିକ ମାମଲାର ସମାଧାନ, ଆର୍ବିଟ୍ରେସନ୍, ଖାଉଟି ବିବାଦ ଏବଂ ଅନ୍ୟାନ୍ୟ ଜମିବାଡ଼ି ବିବାଦର ଆପୋଷ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାର ଯଥେଷ୍ଟ ପୂର୍ବରୁ ବିଭାଗୀୟ ଅଦାଲତ କିମ୍ବା ଆଇନ ସେବା ବିଭାଗ ପାଖରେ ନିଜ ନିଜର ମାମଲା ଆଗତ କରାଇ ଏହାର ଫଇସଲା କରିବା ପାଇଁ ଯତ୍ନବାନ ହେବାକୁ ଆଇନ୍ ସେବା ପ୍ରାଧିକରଣ, ଭୁବନେଶ୍ୱର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହାର ସୁଫଳ ନେବାକୁ ପରାମର୍ଶ ସେ ପରାମର୍ଶ ଦେଇଛନ୍ତି। ମାମଲାଗୁଡ଼ିକ ଲୋକ ଅଦାଲତରେ ଫଇସଲା କରିବା ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ଏହାର ରାୟ ଚୂଡ଼ାନ୍ତ ଓ ବୈଧ।

## ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

**ଭୁବନେଶ୍ୱର,୨୦।୪/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟରେ 'ପୋଥିନାଥ' ଭାବେ ପରିଚିତ ତଥା ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଓ କୃତବିଦ୍ୟ ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୫ତମ ଶ୍ରାଦ୍ଧୋତ୍ସବ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହରେ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ମୁଖ୍ୟଅତିଥି, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଏବଂ ପ୍ରଫେସର ସୋମା ଚାନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ କେଦାରନାଥଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିବା ସହ ସେ ଉପାଧିର ବହୁ ଊର୍ଦ୍ଧ୍ୱରେ ବୋଲି ମତବ୍ୟକ୍ତ କରିଥିଲେ। ଡାକରା ବିଭୀଷଣ, ଭରତେଶ୍ୱର ଓ




ଶତ୍ରୁଘ୍ନେଶ୍ୱର ଭଳି ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର ସହ 'ରାମ ବିଭା' ଓ 'କଳ୍ପଲତା' କାଳ୍ପନିକ କାବ୍ୟ ସମ୍ପାଦନା ଏବଂ 'ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ', 'ଖୁରୁଧା ଇତିହାସ', 'ଧଉଳିର ଇତିହାସ' ଓ 'ଭୁବନେଶ୍ୱର ଇତିହାସ' ଭଳି ଗବେଷଣା ପୁସ୍ତକ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ ଓ ପ୍ରଫେସର ସୂର୍ଯ୍ୟମଣି ରଥଙ୍କୁ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ଅରୁଣ କୁମାର ନାୟକ ଓ ଜେନାମଣି ସଞ୍ଜୀବ କୁମାର ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ ଅରୋଶିଷ ପାଣି ଓ ଗାୟିତ୍ରୀ ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଡାକ୍ତର ଜୀବନ କୃଷ୍ଣ ମିଶ୍ର ଓ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ କରିଥିଲେ। ସମ୍ପାଦକ ଡକ୍ଟର ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା ଦେଇଥିଲେ ଏବଂ ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଅନ୍ୟତମ ଯୁଗ୍ମ ସମ୍ପାଦିକା ଶ୍ରୀମତୀ ତନୟା ଦାସ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କେଦାରନାଥଙ୍କ ଜୀବନୀ ଓ ପ୍ରତିଷ୍ଠାନ ସମ୍ପର୍କିତ ଏକ କ୍ଷୁଦ୍ର ଇଂରାଜୀ ପୁସ୍ତିକା ଲୋକାର୍ପିତ ହୋଇଥିଲା। ଏହି ସମାରୋହରେ କେଦାରନାଥଙ୍କ ପୁତ୍ର ନିର୍ମଳ କୁମାର ମହାପାତ୍ର, ପ୍ରଫେସର ଅନିରୁଦ୍ଧ ଦାଶ, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ଡକ୍ଟର ମମତା ମିଶ୍ର, ଡକ୍ଟର ଶକୁନ୍ତଳା ବଳିୟାର ସିଂ ଏବଂ କାନନବାଳା ପଟ୍ଟନାୟକଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ

### ଘାଟିରୁ ତଳକୁ ଖସିଲା ...

ଉଧମପୁର ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଛି। ତେବେ ସ୍ଥାନୀୟ ଲୋକ ସର୍ବପ୍ରଥମେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ କରି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଉଦ୍ଧାରକାର୍ଯ୍ୟରେ ସ୍ଥାନୀୟ ଲୋକେ ମଧ୍ୟ ସହଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦୀ, ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ଉଦ୍ଦେଶ୍ୟରେ ୫୦,୦୦୦ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଉଧମପୁର ଡେପୁଟି କମିଶନର ମିଙ୍ଗା ଶେର୍ପାଙ୍କ ସହ ଆଲୋଚନା କରି ଗୁରୁତର ଆହତମାନଙ୍କୁ ଏୟାରଲିଫ୍ଟ ମାଧ୍ୟମରେ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସେ ୨ ଲକ୍ଷ ଲେଖାଏ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ଦିଆଯିବା ନେଇ ଘୋଷଣା କରିଛନ୍ତି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଦୁର୍ଘଟଣା ଯୋଗୁ ସ୍ଥାନୀୟ ଯାତାୟାତ ପ୍ରଭାବିତ ହୋଇଛି। ପୁଲିସ ଯାତାୟାତ ମାର୍ଗକୁ ପରିବର୍ତ୍ତନ କରିଛି। ଏହି ଘଟଣା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ବସ୍ ଦୁର୍ଘଟଣା ରୋକିବା ପାଇଁ ରାସ୍ତାର ଉନ୍ନତିକରଣ ଏବଂ ଉତ୍ତମ ଟ୍ରାଫିକ୍ ପରିଚାଳନା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

### ଭୋଟର୍ ତାଲିକାରୁ ବାଦ୍ ...

୭ରୁ ୮ ଲକ୍ଷ ନାଁ କଟିଥିବାର ନଜୀର ରହିଛି। ଏଥର ଅଧିକ ରହିଛି। ଭୁବନେଶ୍ୱର ଭଳି ସହରରେ ଅଧିକ ନାଁ କଟିଛି। ଯେଉଁ ଭୋଟରଙ୍କ ନାଁ ଭୁଲବଶତଃ କଟିଛି, ସେମାନେ ଫର୍ମ-୬ ଦେଇ ନାମ ଯୋଡ଼ି ପାରିବେ। ଅନ୍ୟପକ୍ଷରେ ଭୋଟର୍ ୧୯୫୦ କଲ୍ ସେଣ୍ଟର ବା ଇମେଲ ଜରିଆରେ ଅଭିଯୋଗ ବି କରିପାରିବେ। ତେଣୁ ଏନେଇ ବିବାଦ କରିବାର କିଛି ମାନେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ମହାପ୍ରଭୁଙ୍କ ରଥ ନିର୍ମାଣର ...

ସେବାୟତ ପ୍ରମୁଖ ଉପସ୍ଥିତ ରହି ରଥ କାଠ ନିକଟରେ ପ୍ରଣିପାତ କରିଥିଲେ। ଭୋଇ ସେବକମାନେ ମହାପ୍ରସାଦ ଓ ନଡ଼ିଆ ଥୋଇ ଶାବଳ ପୂଜା କରିଥିଲେ। ରଥନିର୍ମାଣ ଅନୁକୂଳ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ରଥ ଖଳାରେ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ। ରଥ ନିର୍ମାଣ ଅନୁକୂଳ ପରେ ବାଦ୍ୟ, କାହାଳୀ, ସଙ୍କୀର୍ତ୍ତନ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀକ୍ଷେତ୍ରରେ ପଞ୍ଚ ମହାଦେବ ଭାବେ ପରିଚିତ ଶ୍ରୀ ଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଚନ୍ଦନଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ବିଜେ କରିଥିଲେ। ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଛ ମହାପାତ୍ର ଜଳଲାଗି କରିଥାନ୍ତି। ଠାକୁରଙ୍କୁ ଦୁଇ ଚାପଡଙ୍ଗାରେ ବିଜେ କରାଯାଇ ଚାପ ଖେଳାଯାଏ। ମାଣ୍ଡୁଅ ଭୋଗ ଓ ବିଡ଼ିଆ ମଣୋହୀ ପରେ ଠାକୁରମାନେ ରାତି ଚାପ ଖେଳି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। ରାମକୃଷ୍ଣ ଓ ପଞ୍ଚ ମହାଦେବ ନନ୍ଦା ଚାପରେ ଓ ମଦନମୋହନ ଭଦ୍ରା ଚାପରେ ବିରାଜମାନ କରିଥିଲେ। ଅକ୍ଷୟ ତୃତୀୟା ତିଥିରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ତଥା ଚନ୍ଦନ ଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇପଡ଼ିଥିଲା। ନରେନ୍ଦ୍ର ପୁଷ୍କରିଣୀର ଚତୁଃପାର୍ଶ୍ୱରେ ହଜାର ହଜାର ଲୋକ ମହାପ୍ରଭୁଙ୍କ ନୌକା ବିହାର ଦେଖିବା ପାଇଁ ଏକତ୍ରିତ ହୋଇଥିଲେ।

### ଅକ୍ଷିମୁଠି ଅନୁକୂଳ କଲେ ...

୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ ଜଣ ଛାତ୍ରଛାତ୍ରୀଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି। ରାଜ୍ୟ ସରକାର "ବଳଭଦ୍ର ଜୈବିକ ଚାଷ ମିଶନ" ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ପାଇଁ ଶ୍ରୀ ଅନ୍ନ ଅଭିଯାନକୁ ଆହୁରି ଜୋରଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥୀ। ରାଜ୍ୟ ସରକାର ସଦା ସର୍ବଦା କୃଷକଙ୍କ ସହିତ ରହିବ ଏବଂ ଆଗାମୀ ଦିନରେ କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର କୃଷି କ୍ଷେତ୍ରରେ ଆସୁଥିବା ପରିବର୍ତ୍ତନର ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, 'ବିଜ୍ ସେ ବାଜାର' ପରିକଳ୍ପନା ଅନୁସାରେ ମଞ୍ଜିରୁ ବଜାର ପର୍ଯ୍ୟନ୍ତ ଏକ ସମନ୍ୱିତ ବ୍ୟବସ୍ଥା ଦେଶରେ ଗଢ଼ିଉଠିଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ହେଉଛି ଭାରତୀୟ କୃଷି ଓ କୃଷକଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ କରିବା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସରେ ଓଡ଼ିଶାରେ 'ଡବଲ ଇଞ୍ଜିନ' ବିକାଶ ତ୍ୱରାନ୍ୱିତ ହୋଇଛି। କୃଷକଙ୍କ ଆୟ ବୃଦ୍ଧି ପାଇଁ ଉନ୍ନତ ବିହନ, ସଠିକ୍ ଜଳସେଚନ ଏବଂ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସରକାରଙ୍କ କୃଷି ଭିତ୍ତିଭୂମି ପାଣ୍ଠି ମାଧ୍ୟମରେ ରାଜ୍ୟରେ ଶୀତଳ ଭଣ୍ଡାର ଓ ଗୋଦାମ ଘର ନିର୍ମାଣ କାର୍ଯ୍ୟ ଗତି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗତ ବର୍ଷ ଅକ୍ଟୋବରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ପିଏମ୍ ଧନ-ଧାନ୍ୟ କୃଷି ଯୋଜନା'ରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଭଳି ଚାରିଟି ଆଦିବାସୀ ଜିଲ୍ଲା ସ୍ଥାନ ପାଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଆପଣମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ। ଆପଣମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାର କ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଚାଷୀଙ୍କୁ ଅଧିକୃତ ବିକ୍ରେତାଙ୍କ ଠାରୁ ଆଧାର ଓ ଓଟିପି ମାଧ୍ୟମରେ ନିଜ ଜମି ଓ ଫସଲ ପାଇଁ ଆବଶ୍ୟକ ପରିମାଣର ସାର କିଣନ୍ତୁ। ସାର କିଣିବା ସମୟରେ ବିକ୍ରେତାଙ୍କୁ ପିଓଏସ୍ ମେସିନରୁ ବାହାରୁଥିବା ସ୍ଲିପ୍ ନିଶ୍ଚିତ ଭାବେ ମାଗନ୍ତୁ। ଏଥିରେ ଆପଣ କେଉଁ ସାର କେତେ ପରିମାଣରେ ଓ କେତେ ଦାମ୍‌ରେ କିଣିଲେ ତାର ସ୍ପଷ୍ଟ ସୂଚନା ରହିଥାଏ। ଆବଶ୍ୟକ ପରିମାଣର ସନ୍ତୁଳିତ ସାର ବ୍ୟବହାର କରନ୍ତୁ। ଆମ ମା' ମାଟିକୁ ସୁରକ୍ଷିତ ରଖନ୍ତୁ। ସଚେତନ ଚାଷୀ ଭାବେ ସରକାରଙ୍କ ଏହି ସ୍ୱଚ୍ଛ ଅଭିଯାନରେ ସାମିଲ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ କଟକର ମାନ୍ୟବର ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁରର ମାନ୍ୟବର ସାଂସଦ ବିଭୁପ୍ରସାଦ ତରାଇ, ନିଆଳିର ବିଧାୟକ ଛବି ମଲ୍ଲିକ, ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୌସ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକର ନିର୍ଦ୍ଦେଶକ ଡଃ ଜିଏକେ କୁମାରଙ୍କ ପ୍ରମୁଖ ମଞ୍ଚାସୀନ ଥିଲେ।

### ଛତିଶଗଡ଼ ଜଙ୍ଗଲରେ ବିମାନ ...

କରିଛନ୍ତି। ଜିଲ୍ଲାପାଳ ରୋହିତ ବ୍ୟାସ ସ୍ପଷ୍ଟ କରିଛନ୍ତି ଯେ ଛତିଶଗଡ଼ ଏୟାର ଟ୍ରାଫିକ କଣ୍ଟ୍ରୋଲ ପାଖରେ କୌଣସି ନିଖୋଜ ବିମାନ ସମ୍ପର୍କରେ କୌଣସି ସୂଚନା ନାହିଁ। ତାଙ୍କ କହିବାନୁସାରେ ପ୍ରଶାସନର ତଦନ୍ତରୁ ମଧ୍ୟ ଏହା ସ୍ପଷ୍ଟ ହୋଇଛି ଯେ କୌଣସି ଏଟିସି କିମ୍ବା ଫ୍ଲାଇଂ କ୍ଲବ୍ ବିମାନ ନିଖୋଜ ହୋଇଥିବାର ରିପୋର୍ଟ କରିନାହିଁ। ଏହି ଅଞ୍ଚଳ ଓଡ଼ିଶା ଏବଂ ଝାଡ଼ଖଣ୍ଡ ସୀମାନ୍ତରେ ଅବସ୍ଥିତ, ତେଣୁ ସେଠାକାର ଏଟିସି ଏବଂ ଫ୍ଲାଇଂ କ୍ଲବ ସହିତ ମଧ୍ୟ ଯୋଗାଯୋଗ କରାଯାଇଥିଲା, କିନ୍ତୁ ବିମାନ ଦୁର୍ଘଟଣାର କୌଣସି ନିଶ୍ଚିତତା ମିଳିନାହିଁ।

ତେବେ ଜିଲ୍ଲାପାଳ ଅନୁମାନ ଲଗାଇଛନ୍ତି ଯେ, ଜଙ୍ଗଲରୁ ଧୂଆଁ ଉଠୁଥିବା ଦେଖି ଏପ୍ରକାର ଗୁଜବ ସମ୍ପ୍ରସାରିତ ହୋଇଥାଇପାରେ। ଏହା ସତ୍ତ୍ୱେ, ସତର୍କତା ସ୍ୱରୂପ, ଡ୍ରୋନ ଏବଂ ବନ କର୍ମଚାରୀ ଧୂଆଁ ସୃଷ୍ଟି କରୁଥିବା ଅଞ୍ଚଳ ତଦନ୍ତ କରୁଛନ୍ତି ବୋଲି ସେ କହିଛନ୍ତି।

### ଆଜି ଆସୁଛନ୍ତି ରାଷ୍ଟ୍ରପତି ...

ସହ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୪୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ସୂଚନା ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ କରିବା ପାଇଁ ୬ ଜଣ ଏସ୍‌ପିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ୫୧ଜଣ ଇନ୍ସପେକ୍ଟର ନିୟୋଜିତ ହେବେ। ଏଥିସହ ୯ଜଣ ଅତିରିକ୍ତ ଏସ୍‌ପି, ୮ଶହ ହୋମଗାର୍ଡ ଏବଂ ୨ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପୁଲିସ୍ କର୍ମଚାରୀ ଉପସ୍ଥିତ ରହିବେ। ପୁଲିସ୍ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କଡାକଡି ସାଙ୍ଗକୁ ପାର୍କିଂ ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳନା ପାଇଁ ଡିଆଇଜି ରାୟ ନିର୍ଦ୍ଦେଶ ଦେଇଛନ୍ତି।

# କୃଷକ ଦିବସରେ ୨୦ ସଫଳ ଚାଷୀ ସମ୍ମାନିତ



**ଆଠଗଡ଼,୨୦।୪/ଏନ୍‌ଏନ୍‌ଏସ୍:** ଆଠଗଡ଼ ବ୍ଲକସ୍ତରୀୟ କୃଷକ ଦିବସ ତଥା ଅକ୍ଷୟ ତୃତୀୟାରେ ୨୦ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରିଛି ବିଜୁ କୃଷକ ଜନତା ଦଳ। ସ୍ଥାନୀୟ ଇଚ୍ଛାପୁର ପଞ୍ଚାୟତର ଗୁଦୁପଡା ଗ୍ରାମରେ ବିଜୁ କୃଷକ ଜନତା ଦଳ ସଭାପତି ସୁବାସ ଚନ୍ଦ୍ର ପାଳ ସଭାପତିତ୍ୱ ରେ ଆକ୍ଷିମୁଠିର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକଙ୍କ ପୁତ୍ର ତଥା ଯୁବ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜମିରେ ପୂଜାର୍ଚ୍ଚନା କରି ଅକ୍ଷିମୁଠି ଅନୁକୂଳ କରି କୃଷକ ଦିବସ ଓ ଅକ୍ଷୟ ତୃତୀୟା କେଉଁ ଆବାହମାନ କାଳରୁ ଚଳିଆସୁଛି ଯାହାକୁ ଆମର ଚାଷୀଭାଇମାନେ ତଥା ଆମେମାନେ ପାଳନ କରୁଛେ ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ଆଠଗଡ଼ କୃଷି ସୂଚନା ପରାମର୍ଶ କେନ୍ଦ୍ରର ସଭାପତି ରବୀନ୍ଦ୍ର ନାଥ ରାଉତ ଯୋଗଦେଇ କୃଷି ବିଭାଗ ତରଫରୁ ମିଳୁଥିବା ସରକାରୀ ସାହାଯ୍ୟ ଓ ରିହାତି ଚାଷୀ ଭାଇ ମାନେ ନେବା ଦରକାର ଆଠଗଡ ର ପନିପରିବା ସାରା ଓଡ଼ିଶାରେ ବିକ୍ରି ହେଉଛି ଯାହାକି ପନିପରିବାକୁ ନେଇ ସାରା ଓଡ଼ିଶା ତଥା ଦେଶରେ ଆଠଗଡର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିଛି ବୋଲି ପ୍ରକାଶ କରିଥିଲେ। କୃଷକ ନେତା ନିରାକାର ଲେଙ୍କା, ଅତିଥି ପରିଚୟ କରିଥିଲେ ଅନ୍ୟତମ ଅତିଥି ତିନି ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଏକ ନମ୍ବର ଜିଲ୍ଲାପରିଷଦ ସଭ୍ୟା ଶାନ୍ତିଲତା ବେହେରା ଅନ୍ୟତମ ଅତିଥି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, ପୂର୍ବତନ କଟକ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ଇଛାପୁର ସରପଞ୍ଚ କବିରାଜ ସାହୁ ରାମଚନ୍ଦ୍ର ସାହୁ ମଳୟ ସାହୁ ସନ୍ତୋଷ ଖଟୁଆ ଦେବରାଜ ସାମଲ ପ୍ରମୁଖ ଯୋଗଦେଇଥିଲେ। କୋଡ଼ିଏ ଜଣ ସଫଳ ଚାଷୀ ଭାସ୍କର ସ୍ୱାଇଁ, ପ୍ରତାପ ଘଟୁଆଳ, ସୁଧାକର ରାଉତ, ପ୍ରତାପ ସାହୁ, ତାପସ ଖଟୁଆ, ସୁବାସ ଚନ୍ଦ୍ର ନାୟକ, ଦିଲ୍ଲୀପ ଘଟୁଆଳ, ମଦନ ନାୟକ, ଶମ୍ଭୁନାଥ ସେଠି, ଗୋଲକ ବିହାରି ଗାଁଆନ, ପ୍ରତିରଞ୍ଜନ ଖୁଣ୍ଟିଆ, କେଶବ ସେଠି, ଶରତ ମହାନ୍ତି, ରବୀନ୍ଦ୍ର ରାଉତ, ବିଦ୍ୟାଧର ପ୍ରଧାନ, ଧୈର୍ଯ୍ୟଧର ନାୟକ, ପ୍ରତାପ ପରିଡା, ଚତୁର୍ଭୁଜ ସାହୁଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ।

## ଗୁରୁ ଭକ୍ତ ସମ୍ମିଳନୀରେ ୧୦ହଜାର ଭକ୍ତଙ୍କ ସମାବେଶ



**ନୟାହାଟ,୨୦।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ରାଜ୍ୟସ୍ତରୀୟ ୬୦ତମ ବାର୍ଷିକ ଗୁରୁଭକ୍ତ ସମ୍ମିଳନୀ ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆଶ୍ରମର ମୁଖ୍ୟବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ସମୂହ ବିଶ୍ୱ ଶାନ୍ତି ପ୍ରାର୍ଥନା ପରେ ଆଶ୍ରମରେ ଥିବା ୧୫ ଗୋଟି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ପରେ ସମ୍ମିଳନୀ ପର୍ବରେ ସୁଶ୍ରୀ ଶକୁନ୍ତଳା ଦାଶ, ପ୍ୟାରିମୋହନ ସାହୁ, ସୁଚେତା ଦାସ ଭଜନ ଗାନ କରିଥିଲେ। ୬୦ଜଣ ସଖିଙ୍କ ଗହଣରେ ପ୍ରଜ୍ୱଳିତ ଦୀପ ସମାରୋହରେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ପାଦୁକା ସମ୍ମିଳନୀ ମଣ୍ଡପକୁ ନାମ କୀର୍ତ୍ତନ, ହୁଳହୁଳି, ଶଙ୍ଖ ଧ୍ୱନୀ ସହିତ ହଜାର ହଜାର ଭକ୍ତଙ୍କ ଗହଣରେ ଆସିଥିଲେ। ସେଠାରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ବନ୍ଦାପନା ମାଆମାନେ କରିଥଲେ। ସବିତା ଦାସ ବନ୍ଦାପନା ଗୀତ ଗାନ କରିଥିଲେ। ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ବାବାଜୀ ଅରକ୍ଷିତ ଦାସ ମହାରାଜ, ଉଦୟନାଥ ମହାରାଜ, ସତ୍ୟାନନ୍ଦ ଦାସ, ଦିବାକର ଦାସ, ଚିତ୍ତବିନୋଦ ଦାସ, ଦିବ୍ୟକୃଷ୍ଣ ଦାସ, ପୂର୍ଣ୍ଣାନନ୍ଦ ଦାସ, ସଞ୍ଜୟ ଦାସ, ଆତ୍ମା କୃଷ୍ଣ ଦାସ, ଗଙ୍ଗାଧର ଦାସ, ଠାକୁର ନିଗମାନନ୍ଦଙ୍କ ଶିଷ୍ୟ ଗୁରୁପ୍ରସାଦ ଭାଇ, ପଶ୍ଚିମାଞ୍ଚଳ ପାଳାପତି ସୁରେଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବଜରଙ୍ଗ ଦଳର ସଭ୍ୟ ସ୍ୱାଧୀନ ପାତ୍ର, କିଶୋର ପାତ୍ର, ରାକେଶ ପାତ୍ର, ଅଭିଷେକ ରାୟ, ସୌମ୍ୟରଞ୍ଜନ ମହାନ୍ତି, ଉମେଶ ପାତ୍ର ପ୍ରମୁଖ ହଜାର ହଜାର ଭକ୍ତମାନଙ୍କ ନିମନ୍ତେ ଦହି ପାଣି ସେବା ଆଶ୍ରମରେ କରିଥିଲେ। ନୟାହାଟର ଏଲ୍‌ବି ଫ୍ରେଣ୍ଡସ ଡାନ୍ସ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟା ଆଳତି ପରେ ଶ୍ରୀଗୁରୁଦେବଙ୍କୁ ଆଶ୍ରମ ଭଉଣୀମାନଙ୍କ ଦ୍ୱାରା ଦ୍ୱାଦଶ ସଖୀ ବନ୍ଦାପନା କରାଯାଇଥିଲା। ଏହି ସମ୍ମିଳନୀରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ଡାକ୍ତର ରତ୍ନାକର ମହାନ୍ତି, ନୀଳମଣି ସାହୁ, ଅଭୟ ପାତ୍ର, ସୁରେନ୍ଦ୍ର ପାତ୍ର, ମହେଶ ସାହୁ, ରତିକାନ୍ତ ଲେଙ୍କା, ରମେଶ ବିଟୀ, ଡମ୍ବରୁଧର ସାହୁ, ଅନୁ ମା', ବାସନ୍ତୀ ମା', ଲିଜାରାଣୀ ସାହୁ, ଶାନ୍ତି ମା', ଲିଙ୍ଗା ଭାଇ, ଚରଣ ଭାଇ ପ୍ରମୁଖ ପରିଚାଳନା କରିଥିଲେ।

## ଗୋପାଳପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ବୋଲଗଡ଼,୨୦।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ଉପସ୍ଥିତରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଗୋପାଳପୁର ପଞ୍ଚାୟତ ପଲ୍ଲୀରେ ପ୍ରସାଶନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୃତ ବିଭିନ୍ନ କଲ୍ୟାଣ ଯୋଜନା ସବୁର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗ ଶୁଣାଣୀ ନେଇ ଆୟୋଜନ ହୋଇଥିଲା। ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନସୁଧା କୁଣ୍ଡୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ, କର୍ମଚାରୀ ମାନେ ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟ କାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ।ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୬୭ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବଳକା ୧୧ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା,ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ମୁଖ୍ୟ କିରାଣୀ ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଘୁନାଥଙ୍କ ପୀଠରେ ୪୯ତମ ଶ୍ରୀରାମ ଚରିତ ମାନସ ଶୁଭାରମ୍ଭ

**ଓଡ଼ଗାଁ,୨୦।୪/ଏନ୍‌ଏନ୍‌ଏସ୍:** ସ୍ୱର୍ଣ୍ଣକଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ୪୯ ତମ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପରାୟଣ ନାମଯଜ୍ଞ ସୋମବାର ଆରମ୍ଭ ହୋଇଛି। ପ୍ରତିବର୍ଷ ଅକ୍ଷୟ ତୃତୀୟା ଠାରୁ ଓଡ଼ଗାଁ ରଘୁନାଥ ଚିନ୍ତନଚକ୍ର ଦ୍ୱାରା ବହୁବର୍ଷ ଧରି ଏହି ଆଧ୍ୟାତ୍ମିକ କାର୍ଯ୍ୟ ଆୟୋଜିତ ହୋଇ ଆସୁଅଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ବହୁ ବିଜ୍ଞ ପଣ୍ଡିତଙ୍କଠାରୁ ରାମକଥା ଶ୍ରବଣ ପାଇଁ ଶ୍ରଦ୍ଧାଳୁମାନଙ୍କ ସମାଗମ ଦେଖିବାକୁ ମିଳିଛି। ଏହା ୯ ଦିନଧରି ଚାଲିବା ସହିତ ଆସନ୍ତା ୨୮ ତାରିଖରେ ସମାପ୍ତ ହେବବୋଲି ସଭାପତି ଦିଲ୍ଲୀପ କୁମାର ହୋତା ସୂଚନା ଦେଇଛନ୍ତି। ଆଜି ପ୍ରଥମ ଦିନରେ ସ୍ଥାନୀୟ ଆଇଆଇସି ସତ୍ୟନାରାୟଣ ବାରିକ, ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର ଓ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିବା ଜଣାପଡ଼ିଛି।

### ଏଚ୍‌ପିସିଏଲ୍ ରିଫାଇନାରୀରେ ...

ନିର୍ମିତ ଏହି ବିଶାଳ ରିଫାଇନାରୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଏହି ଦୁର୍ଘଟଣା ପରେ ତାଙ୍କର ଗସ୍ତକୁ ସ୍ଥଗିତ ରଖାଯାଇଛି। ନିଆଁ ଲାଗିବା ମାତ୍ରେ ସମ୍ପୂର୍ଣ୍ଣ ଅଞ୍ଚଳକୁ ଖାଲି କରିଦିଆଯାଇଛି। ତେବେ ଆଜିର ଏହି ଦୁର୍ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ନିଆଁ ସମ୍ପୂର୍ଣ୍ଣ ଭାବେ ଲିଭିବା ପରେ ହିଁ କ୍ଷୟକ୍ଷତିର ଆକଳନ ଏବଂ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ପରିସ୍ଥିତିର କାରଣ ତଦନ୍ତ ପାଇଁ ବୈଷୟିକ ଦଳ ଏବଂ ସୁରକ୍ଷା ଏଜେନ୍ସି ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ଏଚ୍‌ପିସିଏଲ୍‌ର ଏହି ରିଫାଇନାରୀ ରାଜସ୍ଥାନର ନୂତନ ଜିଲ୍ଲା ବାଲୋତରାର ପଚପଦ୍ରାଠାରେ ଅବସ୍ଥିତ। ପ୍ରାୟ ୭୯,୪୫୯ କୋଟି ଟଙ୍କା ବ୍ୟୟରେ ୪୫୦୦ ଏକର ପରିମିତ ଅଞ୍ଚଳରେ ଏହି ବିଶାଳ କମ୍ପ୍ଲେକ୍ସ ନିର୍ମିତ ହୋଇଛି। ଏଠାରେ ବାର୍ଷିକ ୯ ମିଲିଅନ ଟନ୍ ଅଶୋଧିତ ତେଲ ବିଶୋଧନ କରିବାର କ୍ଷମତା ରହିଛି। ଏହି ରିଫାଇନାରୀକୁ ଗୁଜରାଟର ମୁନ୍ଦ୍ରା ପୋର୍ଟରୁ ପାଇପଲାଇନ ମାଧ୍ୟମରେ ଅଶୋଧିତ ତୈଳ ଅଣାଯାଇଥାଏ। ମୁନ୍ଦ୍ରା ଠାରୁ ପଚପଦ୍ରା ରିଫାଇନାରୀର ଦୂରତା ପ୍ରାୟ ୪୮୭ କିଲୋମିଟର।

### ଇରାନ୍ ସହ ଯୁଦ୍ଧ ମୋର ...

ଇରାନ୍ ଉପରେ ଆମେରିକାର ଅବରୋଧ ମଧ୍ୟରେ କୌଣସି ପ୍ରକାର ଚୁକ୍ତି ସ୍ୱାକ୍ଷର କରାଇବା ସମ୍ଭବପର ନୁହେଁ। ଫଳରେ ଟ୍ରମ୍ପ, ମୁନୀରଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ, ସେ ଏହି ପ୍ରସଙ୍ଗ ଉପରେ ବିଚାର କରିବେ।

ହର୍ମୁଜ୍ ପ୍ରଣାଳୀକୁ ନେଇ ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ପାକିସ୍ତାନରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାରୁ ଇରାନ ଓହରି ଯିବା ପରେ ସମଗ୍ର ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଛି। ଇରାନ୍‌ର ସଶସ୍ତ୍ର ସେନା ଏବେ ପୁଣିଥରେ ହର୍ମୁଜ୍‌କୁ ବନ୍ଦ କରିଦେଇଛନ୍ତି। ବିଶ୍ୱର ପ୍ରାୟ ୨୦% ତୈଳ ପରିବହନ ଏହି ପଥ ଦେଇ ହୋଇଥାଏ। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ବା ଅଶୋଧିତ ତୈଳ ଦର ୫.୬% ବୃଦ୍ଧି ପାଇ ୯୬.୨୭ ଡଲାରରେ ପହଞ୍ଚିଛି। ବର୍ତ୍ତମାନର ସ୍ଥିତିରୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଯାହା କିଛି ବି ପରିସ୍ଥିତିରେ ସୁଧାର ଆସିପାରନ୍ତା, ଟ୍ରମ୍ପ ହିଁ ଏଥିରେ ମୁଖ୍ୟ ବାଧକ ସାଜିଛନ୍ତି। ଟ୍ରମ୍ପ ବରାବର ଇରାନ୍‌କୁ ଉତ୍ତେଜିତ କରାଇବା ଭଳି ବୟାନବାଜି ଜାରି ରଖିଛନ୍ତି। ଏହାରି ମଧ୍ୟରେ ଇରାନ୍ ମଧ୍ୟ ନିଜ ଆଭିମୁଖ୍ୟକୁ କଠୋର କରିବା ପୂର୍ବକ ଆମେରିକା ସହ କୌଣସି ଚୁକ୍ତି କରିବାକୁ ମନା କରୁଛି। ତେବେ ଯଦି ଆମେରିକା ଏବଂ ଇରାନ୍ ମଧ୍ୟରେ ୬୦ ଦିନିଆ ଚୁକ୍ତି ସ୍ୱାକ୍ଷରିତ ନହୁଏ, ତେବେ ଏହା ଏକ ପୂର୍ଣ୍ଣକାଳୀନ ଯୁଦ୍ଧର ରୂପ ନେଇପାରେ।

## ବିଦ୍ୟୁତ୍ ଯନ୍ତ୍ରୀଙ୍କୁ ଘେରିଲେ ଗ୍ରାମବାସୀ

**ଓଡ଼ଗାଁ,୨୦।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଅଞ୍ଚଳରେ ଲୋ-ଭୋଲଟେଜ ସାଙ୍ଗକୁ ବିଦ୍ୟୁତ୍ କାଟ ଲୋକଙ୍କୁ ଅତିଷ୍ଠ କରି ପକାଇଥିବାବେଳେ ରାବେରା କଇଥସାହିର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବାନେଇ ଲୋକେ ତାତିଥିଲେ। ଆଜି ରାବେରା ଗ୍ରାମର ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ ମଧ୍ୟ ଜନଶୁଣାଣି ଶିବିର ସରିଯାଇଥିବାରୁ ଲୋକେ ବିଦ୍ୟୁତ୍ ଯନ୍ତ୍ରୀଙ୍କୁ ଘେରିଥିଲେ। ହୋହାଲ୍ଲା କରିବା ସହିତ ତୁରନ୍ତ ବିଦ୍ୟୁତ୍ ଯୋଗାଣ ନକଲେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ।ଗତ ୭ଦିନ ଧରି ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଲୋକମାନେ ନାହିଁନଥିବା ହଇରାଣ ହେଉଛନ୍ତି। ଅସହ୍ୟ ତାତିବଢିବା ଯୋଗୁ ଫ୍ୟାନ ଚଲାଇବା ଓ ଅନ୍ଧାରିଆ ରାତିରେ ଜୀବନ ବିତାଉଥିବା କହିଛନ୍ତି। ୨ ଦିନ ମଧ୍ୟରେ ବିଦ୍ୟୁତ୍ ଯୋଗାଣ ନକଲେ କାର୍ଯ୍ୟାଳୟ ଅଚଳ କରିବାକୁ ଚେତାବନୀ ଦିଆଯାଇଛି।

## ଲଡ୍ଡୁବାବାଙ୍କ ପୀଠରେ ଚନ୍ଦନଯାତ୍ରା ଆରମ୍ଭ



**ଶରଣକୁଳ,୨୦।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡ୍ଡୁବାବାଙ୍କ ପୀଠରେ ସୋମବାର ଠାରୁ ଚନ୍ଦନଜାତ ଆରମ୍ଭ ହୋଇଛି। ପ୍ରତିବର୍ଷ ଅକ୍ଷୟତୃତୀୟା ଠାରୁ ଏହିଜାତ ଆରମ୍ଭ ହୋଇ ୨୧ଦିନ ପର୍ଯ୍ୟନ୍ତ ଚାଲେ। ସୋମବାର ଠାକୁରଙ୍କର ସକାଳର ସମସ୍ତ ନୀତିକାନ୍ତି ସମାପନ ପରେ ଲଡ୍ଡୁବାବାଙ୍କ ବିଜେପ୍ରତିମା ଚନ୍ଦ୍ରଶେଖର ଓ ମା ପାର୍ବତୀଙ୍କର ଯୁଗଳ ମୂର୍ତ୍ତିଙ୍କୁ ଦକ୍ଷିଣଦ୍ୱାରରେ ବନ୍ଦକ୍ଷପନା ସହ ଆଳତି କରାଯିବା ପରେ ବିମାନରେ ବେଢ଼ା ପରିକ୍ରମା ହୋଇ ମନ୍ଦିର ନିକଟରେଥିବା ପୁଷ୍କରିଣୀକୁ ନିଆଯାଇଥିଲା। ସେଠାରେ ମନ୍ଦିର ପରିଚ୍ଛା ତୋଷାବନ୍ତ କର ନୌକା ଶୋଧନ କରିବା ପରେ ଉଭୟ ମୂର୍ତ୍ତିଙ୍କୁ ଏକ ସୁସିତ ବିମାନରେ ଉପବେଶନ କରାଯଇ ସମସ୍ତ ସେବାୟତଙ୍କ ସହଯୋଗରେ ଠାକୁରଙ୍କର ଜଳକ୍ରୀଡା ଆରମ୍ଭ କରାଯାଇଥିଲା। ପରେ ପୁଷ୍କରିଣୀ ମଧ୍ୟରେ ଚନ୍ଦନ ଗୃହକୁ ବିଜେ କରାଯାଇ ସେଠାରେ ଚନ୍ଦନ କର୍ପୁର ମିଶ୍ରିତ ଜଳପୂର୍ଣ୍ଣ ପାତ୍ରରେ ରଖାଯାଇଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ଜଳପାତ୍ରରୁ ବାହାର କରାଯାଇ ସ୍ନାନ, ପାଟବସ୍ତ୍ର ପରିଧାନ କରାଯାଇ ଟେରା ଭୋଗଲାଗି ଓ ମହା ଆଳତି କରାଯାଇଥିଲା। ମନ୍ଦିରରେ ଠାକୁରଙ୍କ ଅନ୍ନ ଭୋଗ ଓ ଚତୁସମ ନୀତି ସମାପନା ପରେ ଚନ୍ଦନ ଗୃହରୁ ଠାକୁରଙ୍କୁ ପୁନର୍ବାର ନୌକା ବିମାନରେ ଉପ୍ରେଶନ କରାଇ ପୁଷ୍କରିଣୀ ମଧ୍ୟରେ ଜଳକ୍ରୀଡା କରାଯାଇଥିଲା। ଏହି ଚନ୍ଦନଜାତ ଦେଖିବାପାଇଁ ପୁଷ୍କରିଣୀ ଚତୁର୍ପାର୍ଶ୍ୱରେ ବହୁ ଜନସମାଗମ ହୋଇଥିଲା। ପରେ ଠାକୁରଙ୍କୁ ଅନ୍ୟଏକ ସୁସଜିତ ବିମାନରେ ଉପବେଶନ କରାଇ ପଟୁଆରରେ ନିକଟସ୍ଥ ଭୋଗ ମଣ୍ଡପକୁ ପାଛୋଟି ନିଆଯାଇ ସେଠାରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା, ଆଳତି ପରେ ଭୋଗଲାଗି ପାଇଁ ଭିକାରିପଡା ହରିହରପୁର ବ୍ରାହ୍ମଣ ଶାସନକୁ ନିଆଯାଇଥିଲା। ଚାଚେରୀ ଭୋଗ ଲାଗି ପରେ ମନ୍ଦିରକୁ ଫେରି ଠାକୁରଙ୍କ ବଡ଼ଶୃଙ୍ଗାର ବେଶ କରାଯିବା ପରେ ପହଡ଼ ପଡିଥିଲା। ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ଙ୍କ ଉପସ୍ଥିତିରେ ମନ୍ଦିର ପରିଚ୍ଛା, ବଡ଼ପଣ୍ଡା, ସୁଆର, କାହାଳିଆ ଏବଂ ସେବାୟତମାନଙ୍କ ସହଯୋଗରେ ଆଜି ଠାକୁରଙ୍କ ନୌକା ବିହାର ଓ ଚନ୍ଦନ ଯାତ୍ରା ପାଳିତ ହୋଇଥିଲା।

## ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ

**ଖୋର୍ଦ୍ଧା,୨୦।୪/ଏନ୍‌ଏନ୍‌ଏସ୍:** ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଗାଥା ଓ ବାଣୀ ପ୍ରଚାର କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଖୋର୍ଦ୍ଧା ଜିଲ୍ଲା ସୁନ୍ଦରପୁର ଗ୍ରାମପଞ୍ଚାୟତବାସୀ। ସୁନ୍ଦରପୁରରେ ଦୀର୍ଘ ୧୦୦ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଆସୁଥିବା ରାମଲୀଳା ପଦିଆରେ ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ କରିଛନ୍ତି ପ୍ରୟାସ। ଚାଷୀ ମାନଙ୍କର ଆଦ୍ୟ ପର୍ବ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୁନ୍ଦରପୁର ଗ୍ରାମର ରାମଲୀଳା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରଭୁ ମୁକ୍ତେଶ୍ୱର ଦେବଙ୍କ ନିକଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ ମାନେ ଏକତ୍ରିତ ହୋଇଥିଲେ। ରାମଲୀଳା ପଡ଼ିଆରେ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କରିବା ପରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ଏହି ସ୍ଥାନରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ହେବ ବୋଲି ପ୍ରକାଶ କରିବା ସହିତ ସେହି ରାମଙ୍କ ମନ୍ଦିରରେ ମାତା ସୀତା ଓ ଭ୍ରାତା ଲକ୍ଷ୍ମଣ ମଧ୍ୟ ଉପବେଷନ କରିବ। ବ୍ୟବସ୍ଥା ରହିଛି। ଯାହାଫଳରେ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଓ ଚେତନା ପ୍ରଚାର ପ୍ରସାର ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁ ସନ୍ଥମାନେ ମତପ୍ରକାଶ କରିଛନ୍ତି।

## ସିବିଏସ୍‌ଇରେ ପ୍ରତିତ୍‌ଙ୍କ କୃତିତ୍ୱ



**ଓଡ଼ଗାଁ,୨୦।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମ ପଞ୍ଚାୟତ ଅଧିନ ଦଣ୍ଡୋର ଗ୍ରାମ ତୋଟାସାହିର ପ୍ରତିତ କୁମାର ପଣ୍ଡା ସିବିଏସ୍‌ଇ ବୋର୍ଡ଼ ପରୀକ୍ଷାରେ ସର୍ବାଧିକ ୯୮.୨ ପ୍ରତିଶତ ନଂ ରଖି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିତ ପିଏମ୍‌ଶ୍ରୀ କେଭି ନଂ ୫ କଳିଙ୍ଗ ନଗର ଭୁବନେଶ୍ୱରରେ ଅଧ୍ୟୟନ କରୁଥିଲେ। ତାଙ୍କର ଏହି ସଫଳତା ଯୋଗୁଁ ବାପା ପ୍ରତାପ କୁମାର ପଣ୍ଡା ଏବଂ ମାଆ ସରିତା ପଣ୍ଡାଙ୍କ ସମେତ ସମଗ୍ର ଗ୍ରାମବାସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ତେବେ କଠୋର ପରିଶ୍ରମ ତାଙ୍କୁ ସଫଳତା ଦେଇପାରିଛି ବୋଲି ପ୍ରତିତ କୁମାର ପଣ୍ଡା କହିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଦଣ୍ଡୋର ସମେତ କୁରାଳ ଓ ଓଡଗାଁରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ଆଗାମୀ ଦିନରେ ପ୍ରତିତ ଜଣେ ଆଇଏଏସ୍ କିମ୍ବା ଆଇପିଏସ୍ ହୋଇ ଗାଁର ନାଁ ରଖିବାକୁ ବୁଦ୍ଧିଜୀବୀମାନେ ଆଶିର୍ବାଦ ଦେଇଛନ୍ତି। ଏହି ସଫଳତା ପାଇଁ ପ୍ରତୀତଙ୍କୁ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ସରପଞ୍ଚ ବିଜନ ପାଇକରାୟ, ସମିତିସଭ୍ୟା କନକ ପାତ୍ର, ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଧିବାସ ପଣ୍ଡା ଓ ସାମ୍ବାଦିକ ଗଣେଶ୍ୱର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଜିର ଇତିହାସ

- ୧୫୨୬-ପାନିପତର ଲଢ଼େଇରେ ଇବ୍ରାହିମ୍ ଲୋଦୀଙ୍କୁ ହତ୍ୟା କରାଯାଇଥିଲା।
- ୧୭୨୦-ବାଜିରାଓ ପ୍ରଥମ, ପେଶୱା ବାଲାଜୀ ବିଶ୍ୱନାଥଙ୍କ ଉତ୍ତରାଧିକାରୀ ହୋଇଥିଲେ।
- ୧୮୯୧-ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରଥମ ଉପ-ଗଭର୍ଣ୍ଣର ଜେମ୍ସ ବ୍ରେଡ୍ ଟେଲର୍ ଜନ୍ମଗ୍ରହଣ କରିଥିଲେ।
- ୧୯୩୮-'ସାରେ ଜହାଁ ସେ ଆଚ୍ଛା ହିନ୍ଦୁସ୍ତାଁ ହମାରା'ର ରଚୟିତା ମହମ୍ମଦ ଇକ୍‌ବାଲ୍‌ଙ୍କ ନିଧନ।
- ୧୯୯୬-ବାୟୁସେନାର ସଞ୍ଜୟ ଥାପର୍ ପାରାସୁଟ୍ ଜରିଆରେ ଉତ୍ତର ଧ୍ରୁବରେ ଓହ୍ଲାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ବ୍ୟକ୍ତିଗତ ଓ ବ୍ୟବସାୟିକ ଲକ୍ଷ୍ୟଗୁଡ଼ିକୁ ପ୍ରାପ୍ତ କରିବେ। ମନ ପ୍ରସନ୍ନ ରହିବ। ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ। ବିଦେଶ ସହିତ ଜଡ଼ିତ ଲାଭଦାୟକ ଡିଲ୍ ମିଳିବ। ମାନସିକ ଶାନ୍ତି ପାଇବେ।

**ବୃଷ** – ଦିନର ପ୍ରାରମ୍ଭରୁ ଲାଭର ଅବସର ପାଇବେ। କାମର ଅଧିକତା ରହିବ। ସ୍ୱାସ୍ଥ୍ୟକୁ ଅଣଦେଖା ନକଲେ ଭଲ। ପାର୍ଟନରକୁ ସୁନ୍ଦର ଉପହାର ଦେଇପାରନ୍ତି। ଦିନଚର୍ଯ୍ୟା ବ୍ୟବସ୍ଥିତ ରହିବ।

**ମିଥୁନ** – ସୁଖଭରା ଓ ଆନନ୍ଦଦାୟକ ଦିନଟିଏ। ଚାରିରି କ୍ଷେତ୍ରରେ ପ୍ରଭାବ ବଢ଼ିବ। ବାଣୀ ଉପରେ ନିୟନ୍ତ୍ରଣ ରହିବା ଜରୁରୀ। ଅନାବଶ୍ୟକ ଖର୍ଚ୍ଚ ଉପରେ ପ୍ରାଥମିକତା ଦେବେ। ସ୍ୱାସ୍ଥ୍ୟ ଭଲ ରହିବ।

**କର୍କଟ** – ସମ୍ପର୍କୀୟଙ୍କ ଠାରୁ ଖାସ୍ ଉପହାର ପାଇବେ। ଦାମ୍ପତ୍ୟ ଜୀବନ ଓ ପ୍ରେମ ଜୀବନରେ ସହଯୋଗ ବଜାୟ ରହିବ। ସରକାରୀ ଚାକିରିରେ ଶୁଭ ସମାଚାର ପାଇବେ। ଅଫିସ୍‌ରେ ପ୍ରଶଂସିତ ହେବେ।

**ସିଂହ** – ଜୀବନର ବିଭିନ୍ନ କ୍ଷେତ୍ରରୁ କିଛି ନୂଆ ଶିଖିବେ। କଠିନ କାର୍ଯ୍ୟକୁ ସାହସର ସହିତ ପୂରା କରିବେ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଅନୁକୂଳ। ସାହସ ଓ ନୂଆ କୌଶଳ କ୍ୟାରିୟରକୁ ନୂଆ ଦିଗ ଦେବେ।

**କନ୍ୟା** – ପୁରୁଣା ନିବେଶରୁ ଶାନ୍‌ଦାର ରିଟର୍ଣ୍ଣ ପାଇବେ। ପଦୋନ୍ନତି ଓ ବେତନ ବୃଦ୍ଧିର ଯୋଗ ରହିଛି। କୋର୍ଟ-କଚେରି ମାମଲାରେ ସଫଳତା ମିଳିପାରେ। ପୁରୁଣା ନିବେଶରୁ ଲାଭର ଯୋଗ ରହିଛି।

**ତୁଳା** – ମନ ଆନନ୍ଦିତ ରହିବ। ସନ୍ଧ୍ୟାବେଳେ କୌଣସି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେଲେ ପ୍ରତିଷ୍ଠା ବୃଦ୍ଧି ହେବ। ପାର୍ଟନର ସହିତ ମତଭେଦ ହୋଇପାରେ।

**ବିଛା** – ପରିଶ୍ରମରୁ ସୁଖଦ ପରିଣାମ ପାଇବେ। କାର୍ଯ୍ୟକୁଶଳତା ଦ୍ୱାରା ଲୋକମାନେ ପ୍ରଭାବିତ ହେବେ। ଟୁର୍ ଆଣ୍ଡ ଟ୍ରାଭେଲ ପାଇଁ ଦିନଟି ଲାଭକାରୀ। ପାର୍ଟନର ସହିତ କ୍ୱାଲିଟି ଟାଇମ୍ ବିତେଇବେ।

**ଧନୁ** – ଆଶା ଠାରୁ ଅଧିକ ସଫଳତା ପାଇବେ। ସକାରାତ୍ମକ ଚିନ୍ତାଧାରା ବଜାୟ ରହିବ। ଅର୍ଥ ମାମଲାରେ ଲାଭ ପାଇପାରନ୍ତି। ସନ୍ତାନ ପକ୍ଷରୁ ସୁଖଦ ସମାଚାର ମିଳିପାରେ। ଖାଦ୍ୟପେୟର ଧ୍ୟାନ ରଖନ୍ତୁ।

**ମକର** – କାର୍ଯ୍ୟକ୍ଷେତ୍ରରେ ପରିଶ୍ରମର ଫଳ ପାଇବେ। ଲୁହା, ଗୃହ ନିର୍ମାଣ ଓ ପ୍ରପର୍ଟି କ୍ଷେତ୍ରରେ ଦିନଟି ଲାଭ ଦେବ। ପିଲାମାନଙ୍କ ଶିକ୍ଷା ଆଡ଼କୁ ଧ୍ୟାନ ଅଧିକ ରହିବ। ପରସ୍ପର ପ୍ରତି ସହଯୋଗାତ୍ମକ ଭାବ ରହିବ।

**କୁମ୍ଭ** – କ୍ୟାରିୟର ପାଇଁ ସୁବର୍ଣ୍ଣ ସୁଯୋଗ। ସମୟର ସଠିକ୍ ଉପଯୋଗ ଜରୁରୀ। ଚାକିରି ଖୋଜୁଥିବା ଲୋକମାନଙ୍କୁ ଖୁସି ଖବର ମିଳିବ। ନୂଆ ଓ ଭଲ ଅବସର ପାଇବେ। ଧନ ଲାଭ ଯୋଗ ରହିଛି।

**ମୀନ** – ଜୀବନସାଥିଙ୍କ ସହିତ ବୁଲିବା ପାଇଁ ଯାଇପାରନ୍ତି। ଅଫିସ୍ କାମରେ ବ୍ୟସ୍ତତା ରହିବ। ସରକାରୀ ଚାକିରି ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ଶୁଭ ଖବର ମିଳିବ। ପ୍ରଶଂସିତ ହେବେ। ବୈବାହିକ ଜୀବନରେ ତାଳମେଳ ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ।
ପ୍ରେତାନ୍‌ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ। (୧୭/୪)

ସାତ୍ତ୍ୱିକ ପ୍ରକୃତିର ଲୋକମାନେ ଦେବତାଙ୍କ ପୂଜା କରନ୍ତି। ରାଜସିକମାନେ ଯକ୍ଷ ରାକ୍ଷସମାନଙ୍କୁ ଏବଂ ତାମସିକମାନେ ଭୂତ ପ୍ରେତଙ୍କୁ ପୂଜା କରନ୍ତି। ଅର୍ଥାତ ଯେଉଁମାନଙ୍କର ଶାସ୍ତ୍ର ଜ୍ଞାନ ନାହିଁ ଅଥଚ ଫଳ ପ୍ରାପ୍ତି ଆଶାରେ ଶ୍ରଦ୍ଧା ସହକାରେ ଦେବତାମାନଙ୍କର ପୂଜା କରନ୍ତି, ସେମାନେ ମିଶ୍ର-ସାତ୍ତ୍ୱିକ। ଶୁଦ୍ଧ ସାତ୍ତ୍ୱିକଙ୍କ ଠାରୁ ଏମାନେ ଭିନ୍ନ। ତେଣୁ ସେମାନେ ସ୍ୱର୍ଗ ଲାଭ କରନ୍ତି ମାତ୍ର ମୋକ୍ଷ ପାଆନ୍ତି ନାହିଁ। ଶୁଦ୍ଧ ସାତ୍ତ୍ୱିକ ଲୋକମାନେ ଶୁଦ୍ଧ ଚିତ୍ତରେ ନିଷ୍କାମ ଭାବରେ ଈଶ୍ୱର ଉପାସନା କରି ମୋକ୍ଷର ଅଧିକାରୀ ହୁଅନ୍ତି। ଦାନ, ଯଜ୍ଞ, ତପସ୍ୟା ପ୍ରଭୃତି ସମସ୍ତ ସତ୍ କର୍ମର ଜୀବନ ହିଁ ଶ୍ରଦ୍ଧା। ଏହି ଶ୍ରଦ୍ଧାରୁ ଅନୁରାଗ ଓ ପ୍ରେମର ଉଦୟ ହୁଏ।

# ନାଗରିକ ସେବା ଦିବସ

**ଏହି ଦିବସ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ପରି ସେବା ଅଧିକାରୀମାନଙ୍କ ଯୋଗଦାନକୁ ମାନ୍ୟତା ଦେଇଥାଏ। ୨୧ ଏପ୍ରିଲ୍, ୧୯୪୭ରେ ଦିଲ୍ଲୀର ମେଟ୍‌କାଫ୍ ହାଉସ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଦେଇଥିବା ଐତିହାସିକ ଭାଷଣର ସ୍ମୃତିରେ ଜାତୀୟ ନାଗରିକ ସେବା ଦିବସ ପାଳନ କରାଯାଏ। ସେ ସିଭିଲ୍ ବା ନାଗରିକ ସେବାକୁ ଦେଶର ଇସ୍ପାତ୍ ଢ଼ାଞ୍ଚା ବୋଲି କହିଥିଲେ। ସଚ୍ଚୋଟତା ଓ ସମର୍ପଣ ଭାବ ସହିତ ଦେଶର ସେବା କରିବା ପାଇଁ ସେ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସେମାନଙ୍କୁ ଶାସନର ସ୍ତମ୍ଭ ବୋଲି ସେ କହିଥିଲେ। ପ୍ରତିବର୍ଷ ପରି ଏ ବର୍ଷର ବିଷୟ ସୁଶାସନ, ପ୍ରଶାସନରେ ନଭାଚାର, ସାର୍ବଜନିକ ସେବା ବିତରଣର ସୁଧାର ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଏହି ଦିବସର ମହତ୍ତ୍ୱଗୁଡ଼ିକ ହେଉଛି....**



**ସିଭିଲ୍ ସେବକମାନଙ୍କୁ ମାନ୍ୟତା ଦେବା-** ଅନର୍ସ ଆଇଏଏସ୍, ଆପିଏସ୍, ଆଇଏଫ୍‌ଏସ୍ ଓ ଅନ୍ୟ ଅଧିକାରୀମାନଙ୍କୁ ମାନ୍ୟତା ଦେବା ସହିତ ସେମାନଙ୍କର ଯୋଗଦାନକୁ ପ୍ରଶଂସା କରିବା।

**ପୁରସ୍କାର-** ଲୋକ ପ୍ରଶାସନରେ ଉତ୍କୃଷ୍ଟତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର, ନବୋନ୍ମେଷୀ ଓ ପ୍ରଭାବଶାଳୀ କାର୍ଯ୍ୟଗୁଡ଼ିକୁ ମାନ୍ୟତା ଦେବା। ସାର୍ବଜନିକ ସେବାକୁ ପ୍ରୋତ୍ସାହନ ଦେବା-ସଚ୍ଚୋଟତା, ଦକ୍ଷତାକୁ ପ୍ରୋତ୍ସାହନ ଦେବା ସହିତ ଭବିଷ୍ୟତର ସିଭିଲ୍ ସେବକମାନଙ୍କୁ ଏ ଦିଗରେ ପ୍ରେରିତ କରିବା ଏହି ଦିବସର ଲକ୍ଷ୍ୟ।

**ସରକାରୀ କର୍ମଚାରୀଙ୍କ ଦାୟିତ୍ୱ-**ନୀତିଗୁଡ଼ିକର କାର୍ଯ୍ୟାନ୍ୱୟନ, କାନୁନ ବ୍ୟବସ୍ଥାକୁ ବଜାୟ ରଖିବା, ସାମାଜିକ ମୁଦ୍ଦାଗୁଡ଼ିକର ସମାଧାନ କରିବା ଓ ସାର୍ବଜନିକ ସେବାଗୁଡ଼ିକର ବିତରଣ କରିବା। ତେବେ ପ୍ରଥମ ଥର ଏହି ଦିବସ ୨୦୦୬ରେ ପାଳନ କରାଯାଇଥିଲା।

# କିପରି ହୁଏ ପୁନର୍ଜନ୍ମ

ଗରୁଡ଼ ପୁରାଣରେ ଜୀବନ, ମୃତ୍ୟୁ ଓ ପୁନର୍ଜନ୍ମ ସହିତ ଜଡ଼ିତ ଅନେକ ରହସ୍ୟର ବର୍ଣ୍ଣନା ରହିଛି। ହିନ୍ଦୁ ଧର୍ମରେ ଜନ୍ମ ଓ ମୃତ୍ୟୁକୁ ଏକ ନିରନ୍ତର ଚକ୍ର ବୋଲି କୁହାଯାଇଛି। ଏହି ଗୂଢ଼ ବିଷୟକୁ ବୁଝିବା ପାଇଁ ଗରୁଡ଼ ପୁରାଣକୁ ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ ଭାବରେ ବିବେଚନା କରାଯାଏ। ଏଥିରେ କୁହାଯାଇଛି ଯେ ମଣିଷର କର୍ମ ହିଁ ତା'ର ପରବର୍ତ୍ତୀ ଜନ୍ମ ଓ ଦଣ୍ଡକୁ ସ୍ଥିର କରିଥାଏ। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ ମଣିଷକୁ ପରବର୍ତ୍ତୀ ଜନ୍ମ ତୁରନ୍ତ ମିଳେ ନାହିଁ। ମୃତ୍ୟୁ ପରେ ଆତ୍ମାକୁ ତା'ର କର୍ମ ଅନୁସାରେ ଫଳ ମିଳେ। ଗରୁଡ଼ ପୁରାଣରେ ଭଗବାନ ବିଷ୍ଣୁ ଓ ଗରୁଡ଼ଙ୍କ ମଧ୍ୟରେ ହୋଇଥିବା ସମ୍ବାଦରୁ ଜଣାପଡ଼େ ଯେ ମଣିଷର ଜୀବନସାରାର କର୍ମ ଓ ଅନ୍ତିମ ସମୟର ଚିନ୍ତାକୁ ମିଶାଇ ଏହା ସ୍ଥିର ହୁଏ ଯେ ସେ କେଉଁ ଯୋନିରେ ଜନ୍ମ ନେବ ଓ କେଉଁ ପ୍ରକାରର ଜୀବନ ପ୍ରାପ୍ତ କରିବ। ଅନେକ ଲୋକ ଯେଉଁମାନେ ଧର୍ମ, ବେଦ ଓ ଭଗବାନଙ୍କୁ ଥଟ୍ଟା ପରିହାସ କରନ୍ତି କିମ୍ବା ଯେଉଁମାନେ ଭୋଗ ବିଳାସରେ ବୁଡ଼ି ରହନ୍ତି ସେମାନଙ୍କୁ ମୃତ୍ୟୁ ପରେ କଠିନ ଦଣ୍ଡ ମିଳେ। ଏପରି ଲୋକଙ୍କୁ ପରବର୍ତ୍ତୀ ଜନ୍ମରେ କୁକୁର ଯୋନିରେ ଜନ୍ମ ନେବାକୁ ପଡ଼େ ଯେଉଁଥିରେ ସେମାନଙ୍କୁ ଅପମାନ ଓ ଅଭାବଭରା ଜୀବନ ଜିଇଁବାକୁ ପଡ଼ିଥାଏ। ମିତ୍ରଙ୍କ ସହିତ ବିଶ୍ୱାସଘାତ କରିଲେ ଶାଗୁଣା ଯୋନି ମିଳେ। ଅନ୍ୟକୁ ମିଛ କହି ଚାଲାକି କରି କ୍ଷତି କଲେ କର୍ମଫଳ ଅନୁସାରେ ପେଚା ଯୋନି ମିଳେ ଯାହାକୁ ଅଜ୍ଞାନ ଓ ଭ୍ରମର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଯେଉଁ ଲୋକମାନେ ଶେଷ ସମୟରେ ଶାନ୍ତ ରହି ଈଶ୍ୱରଙ୍କ ଠାରେ ମନ ଲଗାଇ ଥାଆନ୍ତି ସେମାନଙ୍କୁ ଉଚ୍ଚ ଯୋନିରେ ଜନ୍ମ ମିଳେ। ସେହିପରି ଲୋଭ, କ୍ରୋଧ ଓ ନକାରାତ୍ମକ ଚିନ୍ତାଧାରା ସହିତ ମୃତ୍ୟୁ ହେଲେ ଆତ୍ମାକୁ ନୀଚ ଯୋନି ମିଳିଥାଏ। ଗରୁଡ଼ ପୁରାଣରେ ୮୪ ଲକ୍ଷ ଯୋନିର ବର୍ଣ୍ଣନା ରହିଛି ଯେଉଁଥିରେ ମନୁଷ୍ୟ ଜୀବନକୁ ଶ୍ରେଷ୍ଠ ବୋଲି କୁହାଯାଇଛି। ଭଲ କର୍ମ କରିବା ଦ୍ୱାରା ପରବର୍ତ୍ତୀ ଜନ୍ମରେ ଉଚ୍ଚ ଯୋନି ଓ ଖରାପ କର୍ମ ଦ୍ୱାରା ନୀଚ ଯୋନି ପ୍ରାପ୍ତ କରିବାକୁ ପଡ଼େ।





# ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ



ସନାତନ ଧର୍ମରେ ଜଣେ ମହାନ ଦାର୍ଶନିକ, ସନ୍ଥ ଓ ଧର୍ମ ସୁଧାରକ ଭାବରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରସିଦ୍ଧି ରହିଛି। ଆଜି ପୂରା ଦେଶ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରୁଛି। ସେ ସମୟରେ ହିନ୍ଦୁ ସଂସ୍କୃତିକୁ ସେ ପୁନର୍ଜୀବିତ କରିଥିଲେ ଯେଉଁ ସମୟରେ ଏହା ପତନ ଆଡ଼କୁ ଅଗ୍ରସର ହେଉଥିଲା। ସେ ଅଦ୍ୱୈତ ବେଦାନ୍ତର ପ୍ରଚାର-ପ୍ରସାର କରିଥିଲେ। ଅଷ୍ଟମ ଶତାବ୍ଦୀର ଏହି ମହାନ ଦାର୍ଶନିକଙ୍କ ଜନ୍ମ କେରଳର କାଲଡ଼ି ଗ୍ରାମରେ ହୋଇଥିଲା। ତାଙ୍କର ପୂରା ନାମ ଥିଲା ଶଙ୍କର ଓ ସେ ଶଙ୍କରାଚାର୍ଯ୍ୟ ପରମ୍ପରାର ଆରମ୍ଭ କରିଥିବାରୁ ପରବର୍ତ୍ତୀ ସମୟରେ ସେ ଆଦି (ପ୍ରଥମ) ଶଙ୍କରାଚାର୍ଯ୍ୟ ନାମରେ ପରିଚିତ ହେଲେ। ପିଲାଦିନରୁ ଅସାଧାରଣ ବୁଦ୍ଧିମତ୍ତାର ଧନୀ ଥିଲେ ଆଦି ଶଙ୍କରାଚାର୍ଯ୍ୟ। ମାତ୍ର ଆଠ ବର୍ଷ ବୟସରେ ସେ ବେଦଗୁଡ଼ିକର ଜ୍ଞାନ ପ୍ରାପ୍ତ କରିଥିଲେ। ତେବେ ବହୁତ କମ୍ ବୟସରେ ସେ ସନ୍ନ୍ୟାସ ଗ୍ରହଣ କରି ଜ୍ଞାନର ଅନ୍ୱେଷଣରେ ଘରୁ ବାହାରି ଯାଇଥିଲେ।

**ମଠର ସ୍ଥାପନା-**ସମାଜରେ ଧାର୍ମିକ ମତ, ଅଲଗା ଅଲଗା ମତଗୁଡ଼ିକ ମଧ୍ୟରେ ଥିବା ଦ୍ୱନ୍ଦ୍ୱ, ବେଦଗୁଡ଼ିକର ସଠିକ୍ ଶିକ୍ଷାର ଅଭାବ ଓ ଏହି ଆହ୍ୱାନଗୁଡ଼ିକୁ ଦୂର କରିବା ପାଇଁ ସେ ମଠଗୁଡ଼ିକର ସ୍ଥାପନା କରିଥିଲେ ଯାହା ତାଙ୍କ ଦୂରଦର୍ଶିତାର ପରିଚୟ ଦିଏ। ଦେଶର ଚାରି ଦିଗରେ ମଠ ବା ପୀଠଗୁଡ଼ିକର ସ୍ଥାପନା କରିବା ପଛରେ କେବଳ ଯେ ଧାର୍ମିକ କେନ୍ଦ୍ରର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟ ନିହିତ ଥିଲା ତାହା ନୁହେଁ, ସନାତନ ଧର୍ମର ରକ୍ଷା, ସଂଗଠନ ଓ ଜ୍ଞାନର ପ୍ରସାର ପାଇଁ ସେ ସେଗୁଡ଼ିକୁ ସ୍ଥାପନା କରିଥିଲେ। ଏହି ମଠଗୁଡ଼ିକ ଯଥାକ୍ରମେ ଶୃଙ୍ଗେରୀ ମଠ (ଦକ୍ଷିଣ-କର୍ଣ୍ଣାଟକ), ଦ୍ୱାରକା ମଠ (ପଶ୍ଚିମ-ଗୁଜରାଟ), ପୁରୀ ମଠ-(ଓଡ଼ିଶା), ଜ୍ୟୋତିର୍ମଠ (ବଦ୍ରୀନାଥ-ଉତ୍ତରାଖଣ୍ଡ)।

**ଆଦି ଶଙ୍କରାଚାର୍ଯ୍ୟଙ୍କ ବିଚାର-**କେବଳ ବ୍ରହ୍ମ (ଈଶ୍ୱର) ହିଁ ସତ୍ୟ। ଏହି ସଂସାର ବା ଜଗତ ମିଥ୍ୟା (ଅସ୍ଥାୟୀ)। ଜୀବ (ଆତ୍ମା) ଓ ବ୍ରହ୍ମ ଅଲଗା ନୁହନ୍ତି। ତେଣୁ ହେ ମନୁଷ୍ୟ! ଭଗବାନ ଗୋବିନ୍ଦଙ୍କ ଭଜନ କର। କେବଳ ବ୍ୟାକରଣ ବା ବିଦ୍ୟା (ଜ୍ଞାନର ଅହଂକାର) ତୁମ୍ଭମାନଙ୍କୁ ମୃତ୍ୟୁ ସମୟରେ ରକ୍ଷା କରିପାରିବ ନାହିଁ। ଜୀବନରେ କେବଳ ଜ୍ଞାନ ନୁହେଁ, ଭକ୍ତି ଓ ଈଶ୍ୱରଙ୍କ ସହିତ ଯୋଡ଼ିହୋଇ ରହିବାର ଆବଶ୍ୟକତା ରହିଛି।

# ଡକ୍ଟର ସଦାଶିବ ତ୍ରିପାଠୀ



୧୯୧୦ ମସିହାର ଆଜିର ଦିନରେ ନବରଙ୍ଗପୁର ସହରର ଏକ ଅଭିଜାତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ସଦାଶିବ ତ୍ରିପାଠୀ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପଞ୍ଚମ ମୁଖ୍ୟମନ୍ତ୍ରୀ ଡକ୍ଟର ତ୍ରିପାଠୀ ହେଉଛନ୍ତି ରାଜନୀତି କ୍ଷେତ୍ରର ଏକ ବିରଳ ଦୃଷ୍ଟାନ୍ତ। ନିଜର ନିଃସ୍ୱାର୍ଥପର ସମାଜସେବା ଓ ଦେଶଭକ୍ତିର ମନୋବୃତ୍ତିକୁ ନେଇ ଉତ୍ସର୍ଗୀକୃତ ଭାବେ ଓଡ଼ିଶାର ରାଜନୈତିକ ଇତିହାସକୁ ସେ ଗୌରବାନ୍ୱିତ କରିଛନ୍ତି। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ ଅନେକ ବାର କାରାବରଣ ମଧ୍ୟ କରିଥିଲେ। ୧୯୫୧-୬୭ ପର୍ଯ୍ୟନ୍ତ ଲଗାତର ଚାରିଥର ଓଡ଼ିଶା ବିଧାନସଭା ପାଇଁ ମନୋନୀତ ହୋଇଥିଲେ ଡକ୍ଟର ତ୍ରିପାଠୀ। ଦୀର୍ଘକାଳ ପର୍ଯ୍ୟନ୍ତ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଭାବରେ ମଧ୍ୟ ସେ କାର୍ଯ୍ୟ ତୁଲାଇଛନ୍ତି। ତାଙ୍କର ମୁଖ୍ୟମନ୍ତ୍ରିତ୍ୱ କାର୍ଯ୍ୟକାଳ ସମୟରେ ଭୂମି ସୁଧାର ଅଧିନିୟମ ଓଡ଼ିଶାରେ ପେଶ୍ କରାଯାଇଥିଲା। ସେ ତାଙ୍କ ତିନି ପୁଅଙ୍କୁ କିଛି ଭୂମି ବିତରଣ କରି ବାକି ଭୂମିକୁ ସରକାରଙ୍କୁ ଦାନ କରିଦେଇଥିଲେ। ୧୯୬୭ରେ ତାଙ୍କ ନେତୃତ୍ୱରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ବିଧାନସଭା ନିର୍ବାଚନ ହାରିଗଲା ପରେ ସେ ଓଡ଼ିଶା ବିଧାନସଭାରେ ବିପକ୍ଷ ନେତା ଭାବେ କାର୍ଯ୍ୟ କରିଥିଲେ। ଜୀବନର ଶେଷ ସମୟରେ ଗମ୍ଭୀର ଭାବରେ ରୋଗଗ୍ରସ୍ତ ହୋଇ ୯ ସେପ୍ଟେମ୍ବର, ୧୯୮୦ରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କର ମାନବୀୟ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକଳାପ ପାଇଁ ସେ ଚିରଦିନ ସ୍ମରଣୀୟ ହୋଇ ରହିବେ।

# ଆଟ୍‌ଲାଣ୍ଟିକ ତଳେ ପ୍ରାଚୀନ ଜଳ ଭଣ୍ଡାର



ବ୍ରିଟେନ୍‌ର ଭୂ-ବୈଜ୍ଞାନିକମାନେ ଏକ ଉଲ୍ଲେଖନୀୟ ଅନ୍ୱେଷଣ କରିଥିବା ବିଷୟରେ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁସାରେ ଆଟ୍‌ଲାଣ୍ଟିକ ମହାସାଗରର ଗଭୀରତାରେ ରହିଛି ଏକ ପ୍ରାଚୀନ ମିଠା ପାଣିର ସୋର୍ସ। ତେବେ ଏହା ହେଉଛି ପ୍ରଥମ ଘଟଣା ଯେଉଁଟି କ୍ଷେତ୍ର ସର୍ବେକ୍ଷଣଗୁଡ଼ିକ ମାଧ୍ୟମରେ ସମ୍ଭବ ହୋଇପାରିଛି। ନ୍ୟୁ ଇଂଲଣ୍ଡ କୂଳରେ ହୋଇଥିବା ଏକ ଅଭିଯାନ ସମୟରେ ଏହି ଜଳ ଭଣ୍ଡାର ମିଳିଛି। ବୈଜ୍ଞାନିକମାନେ ପାଖାପାଖି ୧୦,୦୦୦ ଲିଟର ପାଣି ସେଠାରୁ ସଂଗ୍ରହ କରିଛନ୍ତି। ତେବେ ଏହା ହଜାର ହଜାର ବର୍ଷର ପୁରୁଣା ଏକ ଜଳ ସୋର୍ସ ବୋଲି ଜଣାପଡ଼ିଛି। ଅଧ୍ୟୟନକାରୀଙ୍କ ଅନୁସାରେ ଏହା ଶୁଦ୍ଧ ମିଠା ପାଣିର ସୋର୍ସ ନୁହେଁ, କିନ୍ତୁ ସମୁଦ୍ର ପାଣି ତୁଳନାରେ ଏହା ହେଉଛି କମ୍ କ୍ଷାରୀୟ ପାଣି। ପୃଥିବୀରେ ମିଠା ପାଣିର ସୀମିତ ମାତ୍ରାକୁ ଦେଖିଲେ ଜଣାପଡ଼େ ଯେ ଏହା ବିଶ୍ୱର ସମୁଦାୟ ଜଳ ସଂସାଧନଗୁଡ଼ିକର ତିନି ପ୍ରତିଶତରୁ କମ୍ ହେବ। ଏହି ଜଳ ପ୍ରଣାଳୀ ଅତୀତର ହିମଯୁଗ ସହିତ ସମ୍ବନ୍ଧିତ ବୋଲି ଅଧ୍ୟୟନକାରୀମାନେ କହିଛନ୍ତି। ଯେତେବେଳେ ସମୁଦ୍ରର ସ୍ତର ବର୍ତ୍ତମାନ ସ୍ତର ଠାରୁ କମ୍ ଥିଲା ବର୍ଷାର ଜଳ ଓ ତରଳିଥିବା ଜଳ ପୃଥିବୀର ଗଭୀରତା ପର୍ଯ୍ୟନ୍ତ ଲିକ୍ ହୋଇ ପହଞ୍ଚିଥିଲା। ପୁଣି ଜଳସ୍ତର ଯେତେବେଳେ ବୃଦ୍ଧି ପାଇଲା ସେତେବେଳେ ଏହି ଜଳ ଭଣ୍ଡାର ସମୁଦ୍ର ତଳେ ଫସି ରହିଗଲା। ତେବେ ମହତ୍ତ୍ୱପୂର୍ଣ୍ଣ ଘଟଣା ହେଉଛି ପାଣି କେଉଁଠୁ ଆସୁଛି, ଏହାର ଆୟୁ କେତେ, ଏହାର ରାସାୟନିକ ସଂରଚନା କ'ଣ ଓ ଏପରିକି ଏହାର ଆଭ୍ୟନ୍ତରୀଣ ଜୈବିକ ତନ୍ତ୍ର କ'ଣ ଏହି ଡାଟା ନା କେବଳ ଜଳବାୟୁ ଇତିହାସର ପୁନନିର୍ମାଣରେ ସାହାଯ୍ୟ କରିବ ତାହା ନୁହେଁ, ଭବିଷ୍ୟତରେ ସଂସାଧନଗୁଡ଼ିକର ଦହନରେ ମାର୍ଗଦର୍ଶନ ମଧ୍ୟ କରେଇବ।

# ଟାଇଗରଙ୍କ ଖାତାରେ ବଡ଼ ପ୍ରୋଜେକ୍ଟସ୍



ଏ ବର୍ଷ କେତେଗୁଡ଼ିଏ ବଡ଼ ବଡ଼ ପ୍ରୋଜେକ୍ଟ ସହିତ ଟାଇଗର୍ ଶ୍ରଫ୍ ଫେରିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ତାଙ୍କ ଖାତାରେ ଏ ସମୟରେ ରହିଛି ଅନେକ ଫିଲ୍ମ ଯେଉଁଗୁଡ଼ିକ ମଧ୍ୟରୁ ଅନ୍ୟତମ ରାମ ମାଧଓ୍ୱାନୀଙ୍କ ସହିତ ବଜ୍ର, ମିଲନ ଜାଭେରୀଙ୍କ ସହିତ ଏକ ଆକ୍ସନ୍-ଲଭ୍ ଷ୍ଟୋରୀ ଓ ଲଗ୍ ଯା ଗଲେ ପରି ଫିଲ୍ମ। ଏସବୁ ବ୍ୟତୀତ ନିକଟରେ ଖବର ଆସିଥିଲା ଯେ 'ଧୂମ୍-୩'ର ନିର୍ଦ୍ଦେଶକଙ୍କ ସହିତ ଆଗାମୀ ପ୍ରୋଜେକ୍ଟରେ ଟାଇଗର୍ ହାତ ମିଳାଇଛନ୍ତି। କିନ୍ତୁ ନିଜେ ନିର୍ଦ୍ଦେଶକ ବିଜୟ କ୍ରିଷ୍ଣ ଆଚାର୍ଯ୍ୟ ଏହି ଖବରକୁ ଗୁଜବ ବୋଲି କହିଛନ୍ତି। ତେବେ ନିର୍ଦ୍ଦେଶକଙ୍କ କଥାରୁ ସ୍ପଷ୍ଟ ହୋଇଯାଇଛି ଯେ ସେ ଟାଇଗର୍‌ଙ୍କ ସହିତ କୌଣସି ପ୍ରୋଜେକ୍ଟ ଉପରେ କାମ କରୁନାହାନ୍ତି। ତେବେ ୱର୍କଫ୍ରଣ୍ଟ ଦୃଷ୍ଟିରୁ ଟାଇଗର୍ ଏ ସମୟରେ ନିର୍ମାତା ସଚିନ୍ ରବିଙ୍କ ଆଗାମୀ ଫିଲ୍ମର ସୁଟିଂ କରୁଛନ୍ତି। ମୁରାଦ ଖେତାନୀଙ୍କ ଦ୍ୱାରା ନିର୍ମିତ ଏହା ଏକ ଶୀର୍ଷକବିହୀନ ଫିଲ୍ମ ଯେଉଁ ଫିଲ୍ମ ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ସଚିନ୍ ରବି ପାଦ ପକେଇବାକୁ ଯାଉଛନ୍ତି। ତେବେ ଶେଷ ଥର ପାଇଁ ଟାଇଗର୍ ଫିଲ୍ମ 'ବାଗୀ-୪'ରେ ନଜର ଆସିଥିଲେ ଯେଉଁଟି ବକ୍ସ ଅଫିସ୍‌ରେ ସଫଳ ହୋଇଥିଲା। ବହୁତ ଶୀଘ୍ର ଜାହ୍ନବୀ କପୁର ଓ ଲକ୍ଷ୍ୟ ଲାଲ୍‌ୱାନୀଙ୍କ ସହିତ 'ଲଗ୍ ଯା ଗଲେ' ଫିଲ୍ମରେ ନଜର ଆସିବେ ଟାଇଗର୍ ଯାହାର ପ୍ରସ୍ତୁତିରେ ସେ ବ୍ୟସ୍ତ ଅଛନ୍ତି।



# ଜଣେ ଧୂରୀଣ ରାଜନେତା



ଓଡ଼ିଶାର ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ ଇତିହାସରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ରହିଛି ସ୍ୱତନ୍ତ୍ର ସ୍ଥାନ। ଖୋର୍ଦ୍ଧାର ରାମେଶ୍ୱର ଠାରେ ୩ ଜାନୁଆରୀ, ୧୯୨୭ରେ ଜନ୍ମଗ୍ରହଣ କରିଥିବା ଏହି ମହାନ ଜନନାୟକ ନିଜର ଦୂରଦର୍ଶୀ ଚିନ୍ତାଧାରା ଓ କର୍ମନିପୁଣତା ଜରିଆରେ ଓଡ଼ିଶାକୁ ଦେଇଥିଲେ ନୂଆ ପରିଚୟ। ଏସବୁ ପରେ ସେ ଥିଲେ ଜଣେ ସୁ-ସାହିତ୍ୟିକ। ସଂସ୍କୃତ ଓ ଓଡ଼ିଆ ଭାଷାରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ଗୋଟିଏ ପାର୍ଶ୍ୱରେ ଥିଲା ସାହିତ୍ୟ ଓ ସାମ୍ବାଦିକତା, ଅନ୍ୟ ପାର୍ଶ୍ୱରେ ଥିଲା ରାଜନୀତି। ପ୍ରତିଟି କ୍ଷେତ୍ରକୁ ସଫଳତାର ସହିତ ସ୍ପର୍ଶ କରିପାରିଥିଲେ ଜାନକୀବାବୁ। ହାଇସ୍କୁଲ ଶିକ୍ଷା ଶେଷ କରିବା ପରେ ୧୯୪୭ରେ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ୍ କରିବା ପରେ ଯୁବ କଂଗ୍ରେସ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ତାଙ୍କର ରାଜନୀତି କ୍ୟାରିୟର୍। ତିନି ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଜାନକୀ ବଲ୍ଲଭ ପଟ୍ଟନାୟକ ଆସାମର ରାଜ୍ୟପାଳ ଭାବରେ ଅବସର ନେଇଥିଲେ। ୨୦୦୪-୦୯ ପର୍ଯ୍ୟନ୍ତ ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ମଧ୍ୟ ସେ ତୁଲାଇଥିଲେ ନିଜର ଦାୟିତ୍ୱ। ଏହା ମଧ୍ୟରେ ସମ୍ମାନଜନକ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ସେ ନିଯୁକ୍ତ ହୋଇଥିଲେ ଓ ୨୦୦୯ରେ ସେ ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଦୂରଦୃଷ୍ଟିସମ୍ପନ୍ନ ଓ ବିଚକ୍ଷଣ ଜନନେତା ୨୦୧୫ର ଆଜିର ଦିନରେ ତିରୁପତି ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରାଜ୍ୟର କଳା, ସଂସ୍କୃତି ଠାରୁ ଆରମ୍ଭ କରି କ୍ରୀଡ଼ା କ୍ଷେତ୍ରର ବିକାଶ ପର୍ଯ୍ୟନ୍ତ ସବୁଠି ରହିଛି ତାଙ୍କର ଅଭୁଲା ସ୍ୱାକ୍ଷର।

ନିତିଦିନ NITIDIN

**ଆଜିର ମ୍ୟାଚ୍**

ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ହାଇଦ୍ରାବାଦ

## ମୁମ୍ବାଇ ମ୍ୟାଚ୍ ପୂର୍ବରୁ ଏଲ୍ଏସ୍‌ଜିରେ ଯୋଗଦେବେ ଜୋଶ୍ ଇଙ୍ଗ୍‌ଲିସ୍



**ଲକ୍ଷ୍ନୌ,୨୦।୪/ଏଜେନ୍ସି:** ଅଷ୍ଟ୍ରେଲୀୟ ବ୍ୟାଟର୍ ଜୋଶ୍ ଇଙ୍ଗ୍‌ଲିସ୍ ମେ’ ୪ ତାରିଖରେ ହେବାକୁ ଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସରେ ଯୋଗ ଦେବାର ଆଶା କରାଯାଉଛି। ଏପ୍ରିଲ୍‌ରେ ବିବାହ କାର୍ଯ୍ୟକ୍ରମ କାରଣରୁ ଇଙ୍ଗ୍‌ଲିସ୍ ଆଇପିଏଲ୍ ୨୦୨୬ର ପ୍ରଥମ ଚରଣରେ ନଖେଳିବାର ନିଷ୍ପତ୍ତି ନେଇଥିଲେ। ଏପ୍ରିଲ୍ ୧୮ରେ ତାଙ୍କ ବିବାହ ସମ୍ପନ୍ନ ହୋଇଛି ଏବଂ ଭାରତ ଯାତ୍ରା କରିବା ପୂର୍ବରୁ ସେ କିଛି ସମୟ ବିତାଇବେ। ତେବେ ଲକ୍ଷ୍ନୌର ବ୍ୟାଟିଂ ଲାଇନ୍‌ରେ ତାଙ୍କ ସ୍ଥାନ ପୂରଣକୁ ନେଇ ପ୍ରଶ୍ନବାଚୀ ଛିଡ଼ା ହୋଇଛି। କାରଣ ବର୍ତ୍ତମାନ ମିଚେଲ୍ ମାର୍ଶ, ଏଡେନ୍ ମାର୍କରମ୍ ଏବଂ ନିକୋଲାସ୍ ପୂରନ୍ ଟିମ୍‌ର ବ୍ୟାଟିଂ ଲାଇନ୍‌ର ଅଂଶବିଶେଷ ଅଛନ୍ତି। ଯଦି ଇଙ୍ଗ୍‌ଲିସ୍‌ଙ୍କୁ ସିଧା ବ୍ୟାଟିଂ କ୍ରମରେ ସ୍ଥାନ ମିଳେ, ତେବେ ସେ ଗ୍ରୁପ୍ ପର୍ଯ୍ୟାୟର ୬ଟି ମ୍ୟାଚ୍ ପାଇଁ ଲକ୍ଷ୍ନୌ ପାଇଁ ଉପଲବ୍ଧ ହେବେ। ଉଲ୍ଲେଖଯୋଗ୍ୟ, ଗତ ସିଜନ୍‌ରେ ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ଇଙ୍ଗ୍‌ଲିସ୍‌ଙ୍କୁ ଟିମ୍ ଚଳିତ ସିଜନ୍ ପୂର୍ବରୁ ରିଲିଜ୍ କରିଦେଇଥିଲା। ଅକ୍ସନ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ତାଙ୍କୁ ୮.୬୦ କୋଟି ଟଙ୍କାରେ କିଣିଥିଲେ। ଲକ୍ଷ୍ନୌ ଏବେ ପଏଣ୍ଟ ଟେବଲ୍‌ର ୮ମ ସ୍ଥାନରେ ରହିଛି। ୬ ମ୍ୟାଚ୍‌ରୁ ଟିମ୍ ଦୁଇଟି ଜିତିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଟିମ୍ ଏପ୍ରିଲ୍ ୨୨ରେ ରାଜସ୍ଥାନ ରୟାଲ୍ସଙ୍କୁ ଭେଟିବ।

## ତିଳକ ବର୍ମାଙ୍କ ଶତକ, ଅଶ୍ୱିନୀ କୁମାରଙ୍କୁ ୪ ୱିକେଟ୍

# ବିଜୟ ଟ୍ରାକ୍‌କୁ ଫେରିଲା ମୁମ୍ବାଇ

**ଅହମଦାବାଦ,୨୦।୪/ଏଜେନ୍ସି:** ଚଳିତ ଆଇପିଏଲ୍‌ରେ ଲଗାତାର ଚାରି ମ୍ୟାଚ୍ ପରାଜୟ ପରେ ବିଜୟ ଟ୍ରାକ୍‌କୁ ଫେରିଛି ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ। ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ନିଜର ଷଷ୍ଠ ମ୍ୟାଚ୍‌ରେ ଟିମ୍ ଗୁଜରାଟ

**ଗୁଜରାଟ ୯୯ ରନ୍‌ରେ ପରାଜିତ**



ଟାଇଟନ୍ସକୁ ୯୯ ରନ୍‌ରେ ହରାଇଛି। ପ୍ରଥମେ ବ୍ୟାଟିଂ ନେଇ ମୁମ୍ବାଇ ତିଳକ ବର୍ମାଙ୍କ ଶତକୀୟ ଇନିଂସ୍ ବଳରେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୧୯୯ ରନ୍ କରିଥିଲା। ଜବାବରେ ଗୁଜରାଟ ୧୫.୫ ଓଭର୍‌ରେ ୧୦୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଖରାପ ଫର୍ମ ଏବଂ ଆହତ ସମସ୍ୟା ସହ ସଂଘର୍ଷ କରୁଥିବା ମୁମ୍ବାଇ ଏହି ମ୍ୟାଚ୍ ପାଇଁ ଏକ ବଡ଼ ପରିବର୍ତ୍ତନ କରିଥିଲା। ଦୁଇଜଣ ନୂଆ ଖେଳାଳି କ୍ରିସ୍ ଭଗତ ଏବଂ ଦାନିସ୍ ମାଲେୱାର୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଥିଲା। ଅନ୍ୟପଟ୍ଟରେ ବିଦେଶୀ ଓପନ୍‌ର୍ ରିୟାନ୍ ରିକେଲ୍‌ଟନ୍‌ଙ୍କୁ ବାଦ୍ ଦେଇଥିଲା।

୨୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗୁଜରାଟକୁ ଜସପ୍ରୀତ୍ ବୁମ୍‌ରା ପ୍ରଥମ ବଲ୍‌ରେ ହିଁ ଝଟ୍‌କା ଦେଇଥିଲେ। ଖାତା ଖୋଲିବା ପୂର୍ବରୁ ସାଇ ସୁଦର୍ଶନଙ୍କୁ ଡେବ୍ୟୁଟାଣ୍ଟ କ୍ରିସ୍ ଭଗତଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଏହା ଚଳିତ ସିଜନ୍‌ରେ ବୁମ୍‌ରାଙ୍କ ପ୍ରଥମ ୱିକେଟ୍ ଥିଲା। ଦ୍ୱିତୀୟ ଓଭର୍‌ରେ ଜୋସ୍ ବଟ୍‌ଲର୍ (୫)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ପ୍ୟାଭିଲିୟନ୍ ଫେରାଇଥିଲେ। କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ୧୪ ରନ୍‌ରେ ଆଉଟ୍ ହୋଇଥିଲେ। ୪୦ ରନ୍‌ରେ ୩ ୱିକେଟ୍‌ର ପତନ ପରେ ୱାଶିଂଟନ୍ ସୁନ୍ଦର (୨୬ ରନ୍) ଇନିଂସ୍ ସମ୍ଭାଳିବାକୁ ଉଦ୍ୟମ କରିଥିଲେ ମଧ୍ୟ ମିଚେଲ୍ ସାଣ୍ଟନର୍ ତାଙ୍କ ୱିକେଟ୍ ନେଇଥିଲେ। ଏହାପରେ ଗୁଜରାଟ ଇନିଂସ୍ ଭୁଶୁଡ଼ି ପଡ଼ିବା ସହିତ ଟିମ୍ ୧୫.୫ ଓଭର୍‌ରେ ୧୦୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଶାହରୁଖ୍ ଖାନ୍ (୧୭) ଓ କାଗିସୋ ରବାଡା (୧୨ ରନ୍)ଙ୍କୁ ଛାଡ଼ିଦେଲେ ବାକି ଖେଳାଳି ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନୀ କୁମାର ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଏଏମ୍ ଗଜନଫର୍ ଏବଂ ମିଚେଲ୍ ସାଣ୍ଟନର୍‌ଙ୍କୁ ୨-୨ ସଫଳତା ମିଳିଥିଲା। ବୁମ୍‌ରା ଓ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇର ଆରମ୍ଭ ଫ୍ଲପ୍ ହୋଇଥିଲା। ଗତ ମ୍ୟାଚ୍‌ର ଶତକବୀର କ୍ୱିଣ୍ଟନ୍ ଡି କକ୍ ମାତ୍ର ୧୩ ରନ୍ କରି ଆଉଟ୍ ହୋଇଥିଲେ। ଡେବ୍ୟୁଟାଣ୍ଟ ଡାନିସ୍ ମାଲେୱାର୍ ମଧ୍ୟ ୨ ରନ୍ କରିପାରିଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ପୁଣିଥରେ ବଡ଼ ଇନିଂସ୍ ଖେଳିବାରେ ବିଫଳ ହେବା ସହ ୧୫ ରନ୍ କରିଥିଲେ। ୪୪ ରନ୍‌ରେ ୩ ୱିକେଟ୍‌ର ପତନ ପରେ ତିଳକ ବର୍ମା ଓ ନମନ ଧୀର ଇନିଂସ୍ ସମ୍ଭାଳି ଅର୍ଦ୍ଧଶତକୀୟ ପାର୍ଟନରଶିପ୍ କରିଥିଲେ। ମାତ୍ର ୧୩ତମ ଓଭର୍‌ରେ ନମନ ଧୀର ୪୫ ରନ୍ କରି ବିଦାୟ ଦେଇଥିଲେ। ନମନଙ୍କ ୩୨ ବଲ୍‌ର ଇନିଂସ୍‌ରେ ୬ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଏହାପରେ ତିଳକ ଦ୍ରୁତ ରନ୍ ସଂଗ୍ରହ ଆରମ୍ଭ ସହ ୩୩ ବଲ୍‌ରେ ଅର୍ଦ୍ଧଶତକ କରିଥିଲେ। ଅର୍ଦ୍ଧଶତକ ପରେ ତିଳକ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଏହି ଅବସରରେ ତାଙ୍କର ଆଘାତ ହୋଇଥିଲେ ମଧ୍ୟ ଖେଳ ଜାରି ରଖିଥିଲେ ଏବଂ ୪୫ ବଲ୍‌ରେ ଶତକ ପୂରଣ କରିଥିଲେ। ଇନିଂସ୍‌ର ଶେଷ ବଲ୍‌ରେ ଚୌକା ଲଗାଇ ଶତକ ହାସଲ କରିଥିଲେ। ୪୫ ବଲ୍‌ରେ ସେ ୮ ଚୌକା ଓ ୭ ଛକା ସହାୟତାରେ ୧୦୧ ରନ୍ କରି ଅପରାଜିତ ଫେରିଥିଲେ। ଏହା ମୁମ୍ବାଇ ପାଇଁ ଆଇପିଏଲ୍‌ରେ ତିଳକଙ୍କ ପ୍ରଥମ ଶତକ। ଇତିମଧ୍ୟରେ ସେ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା (୧୫)ଙ୍କ ସହ ୫ମ ୱିକେଟ୍ ପାଇଁ ୮୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ଗୁଜରାଟ ପକ୍ଷରୁ କାଗିସୋ ରବାଡା ୩ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୧-୧ ସଫଳତା ମିଳିଥିଲା।

## ଶନାକା ପିଏସ୍ଏଲ୍‌ରୁ ବର୍ଷେ ବ୍ୟାନ୍

**ଲାହୋର,୨୦।୪/ଏଜେନ୍ସି:** ପୂର୍ବତନ ଶ୍ରୀଲଙ୍କା କ୍ୟାପ୍‌ଟେନ୍ ଦାସୁନ୍ ଶନାକାଙ୍କୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ବର୍ଷେ ପାଇଁ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍ଏଲ୍)ର ବ୍ୟାନ୍ କରିଛି। ଚୁକ୍ତି ଉଲ୍ଲଂଘନ କାରଣରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଳିତ ପିଏସ୍ଏଲ୍ ସିଜନ୍ ପାଇଁ ଶ୍ରୀଲଙ୍କା ଅଲ୍‌ରାଉଣ୍ଡର୍‌ଙ୍କୁ ଲାହୋର କଲନ୍ଦର୍ସ ଫ୍ରାଞ୍ଚାଇଜି ୭୫ ଲକ୍ଷ ପାକିସ୍ତାନୀ ଟଙ୍କାରେ ଚୁକ୍ତି କରିଥିଲା। ତେବେ ୩୪ ବର୍ଷୀୟ ଶନାକା ମାର୍ଚ୍ଚ ୨୧ ତାରିଖରେ ଟୁର୍ଣ୍ଣାମେଣ୍ଟରୁ ନାମ ପ୍ରତ୍ୟାହାର କରିନେବା ସହିତ ପରଦିନ (ମାର୍ଚ୍ଚ ୨୨) ଆଇପିଏଲ୍ ଫ୍ରାଞ୍ଚାଇଜି ରାଜସ୍ଥାନ ରୟାଲ୍ସ ସହ ସାମ୍ କରନ୍‌ଙ୍କ ବଦଳ ଖେଳାଳି ଭାବେ ଚୁକ୍ତି କରିଥିଲେ।



ଗତ ଦୁଇ ସିଜନ୍ ଧରି ସମାନ ଆଇପିଏଲ୍ ୱିଣ୍ଡୋରେ ପିଏସ୍ଏଲ୍ ଆୟୋଜିତ ହୋଇଆସୁଥିବାରୁ ବହୁ ଖେଳାଳି ସୁଯୋଗ ମିଳିବା ମାତ୍ରେ ହିଁ ପିଏସ୍ଏଲ୍ ଚାଡ଼ି ଭାରତୀୟ ଲିଗ୍‌ରେ ଯୋଗ ଦେଉଛନ୍ତି। ଚଳିତ ବର୍ଷ ବ୍ଲେସିଂ ମୁଜରବାନୀ ଏବଂ ସ୍ପେନ୍‌ସର୍ ଜନ୍‌ସନ୍ ମଧ୍ୟ ପିଏସ୍ଏଲ୍ ଛାଡ଼ି ଆଇପିଏଲ୍‌ରେ ଯୋଗ ଦେଇଛନ୍ତି।

## ଦୁଇଟି ଜାତୀୟ ଟିମ୍ ଗଠନ କରିବ ଭାରତ !

**୩୦-୩୫ ଖେଳାଳିଙ୍କ ବଡ଼ ଗୋଷ୍ଠୀ ପ୍ରସ୍ତୁତ କରୁଛି ବିସିସିଆଇ**

**ମୁମ୍ବାଇ, ୨୦।୪/ଏଜେନ୍ସି:** ଚଳିତ ଆଇପିଏଲ୍ ପରେ ଭାରତୀୟ କ୍ରିକେଟ୍ ଟିମ୍‌ର ଆଗକୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ରହିଛି। ଏପରିକି କେତେକ ଟୁର୍ଣ୍ଣାମେଣ୍ଟ ଏକ ସମୟରେ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଭାରତୀୟ ଖେଳାଳିଙ୍କ ଏକ ୩୦-୩୫ ଜଣିଆ ଗୋଷ୍ଠୀ ପ୍ରସ୍ତୁତ କରିବ, ଯାହା ଦ୍ୱାରା ସେଥିରୁ ଦୁଇଟି ଟିମ୍ ଗଠନ ହୋଇପାରିବ ଓ ଭାରତ ଏକ ସମୟରେ ଭିନ୍ନ ଭିନ୍ନ ଟୁର୍ଣ୍ଣାମେଣ୍ଟ ଖେଳିପାରିବ। ଚଳିତ ବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁ ଥିବା ଏସିଆନ୍ ଗେମ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଛି। ଠିକ୍ ସେହି ସମୟରେ ଟିମ୍ ଇଣ୍ଡିଆର ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି-୨୦ ସିରିଜ୍ ଚାଲିଥିବ। ତେଣୁ ବିସିସିଆଇର ଯୋଜନା ଅନୁସାରେ ଗୋଟିଏ ଟିମ୍ ଏସିଆନ୍ସ ଗେମ୍ସ ପାଇଁ ଜାପାନ ଗସ୍ତ କରିବ ଏବଂ ଅନ୍ୟ ଟିମ୍ ୱେଷ୍ଟଇଣ୍ଡିଜ୍ ଯିବ। ସେହିପରି ୨୦୨୮ ଲସ୍ ଆଞ୍ଜେଲ୍‌ସ ଅଲମ୍ପିକ୍ସରେ ମଧ୍ୟ କ୍ରିକେଟ୍‌କୁ ସାମିଲ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି।

ଏହି ଯୋଜନା ଅନୁସାରେ ଆସନ୍ତା ଜୁନ୍ ମାସରେ ହେବାକୁ ଥିବା ଆୟର୍ଲାଣ୍ଡ ଗସ୍ତ ପାଇଁ ଭାରତ ଏକ ବଡ଼ ଟିମ୍ ପଠାଇବ ଭାରତ। ଏହି ଟିମ୍‌ରେ ନିୟମିତ ଖେଳାଳିଙ୍କ ଛଡ଼ା ଆଇପିଏଲ୍‌ରେ ଉନ୍ନତ ପ୍ରଦର୍ଶନ କରିଥିବା କେତେକ ନୂଆ ମୁହଁ ବି ରହିବେ। ଏହି ସିରିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସେମାନଙ୍କ ଦକ୍ଷତା ପରଖାଯିବ। ଏସବୁ ପ୍ରସ୍ତାବିତ ନୂଆ ମୁହଁଙ୍କ ମଧ୍ୟରେ ଅଛନ୍ତି ବୈଭବ ସୂର୍ଯ୍ୟବଂଶୀ, ଯଶସ୍ୱୀ ଜୟସ୍ୱାଲ, ପ୍ରିୟାଂଶ ଆର୍ଯ୍ୟ, ଅଙ୍ଗକ୍ରିଶ ରଘୁବଂଶୀ ଅନ୍ୟତମ। ସେହିପରି ବୋଲିଂ ବିଭାଗ ଲାଗି ଯେଉଁ ଯୁବ କ୍ରିକେଟର୍‌ଙ୍କୁ ନଜରରେ ରଖାଯାଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରସିଦ୍ଧ କ୍ରିଷ୍ଣା, କାର୍ତ୍ତିକ ତ୍ୟାଗୀ, ରବି ବିଷ୍ଣୋଇ, ଖଲିଲ ଅହମ୍ମଦ। ଶ୍ରେୟସ୍ ଆୟରଙ୍କୁ ଏହି ଦୁଇଟି ଟିମ୍ ମଧ୍ୟରୁ ଗୋଟିକର ନେତୃତ୍ୱ ମିଳିବା ସମ୍ଭାବନା ରହିଛି।

## ଆଇସିୟୁରେ ଆଫଗାନ୍ ପେସର୍ ଶାପୁର୍ ଜାଦରାନ୍

**ନୂଆଦିଲ୍ଲୀ,୨୦।୪/ଏଜେନ୍ସି:** ଆଫଗାନିସ୍ତାନର ପୂର୍ବତନ ପେସର୍ ଶାପୁର ଦାରାନ୍ ଦିଲ୍ଲୀର ଏକ ହସ୍ପିଟାଲ୍‌ର ଆଇସିୟୁ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କୁ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିୟୋସାଇଟେସିସ୍ (ଏଚ୍ଏଲ୍ଏଚ୍) ନାମକ ଏକ ଦୁର୍ଲଭ ଏବଂ ପ୍ରାଣଘାତକ ରୋଗ ହୋଇଛି। ରିପୋର୍ଟ ଅନୁସାରେ ରୋଗ ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିସାରିଛି। ୩୯ ବର୍ଷୀୟ ଶାପୁର୍ ଜାନୁଆରୀରେ ଚିକିତ୍ସା ପାଇଁ ଭାରତ ଆସିଥିଲେ। ପ୍ରଥମେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କିଛିଟା ସୁଧାର ହୋଇଥିଲା। କିନ୍ତୁ ପରେ ସଂକ୍ରମଣ ପୁଣିଥରେ ବୃଦ୍ଧି ପାଇଥିଲା। ଏବେ ସେ କମ୍ କଥା କହୁଥିବା ବେଳେ ବେଶୀ ସମୟ ଶୋଇ ରହୁଛନ୍ତି।



ଶାପୁର ଜାନୁଆରୀ ୧୮ରେ ଚିକିତ୍ସା ପାଇଁ ଦିଲ୍ଲୀ ଆସିବା ସହିତ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ତାଙ୍କ ସହିତ ପତ୍ନୀ ଏବଂ ପୂର୍ବତନ ସାଥୀ ଖେଳାଳି ଅସଗର ଆଫଗାନ୍ ମଧ୍ୟ ଥିଲେ। ପରେ କାନାଡାରେ ରହୁଥିବା ତାଙ୍କ ଭାଇ ଗମାଇ ଜାଦରାନ୍ ଜାନୁଆରୀ ୨୬ରେ ପହଞ୍ଚିଥିଲେ। ଗମାଇ ଜାଦରାନ୍‌ଙ୍କ ଅନୁସାରେ ପ୍ରଥମେ ଶାପୁରଙ୍କ ପୂରା ଶରୀରରେ ଗୁରୁତର ସଂକ୍ରମଣ ଥିଲା, ଯେଉଁଥିରେ ଟିବି ମଧ୍ୟ ସାମିଲ। ଏମ୍ଆର୍ଆଇ ଏବଂ ସିଟି ସ୍କାନ୍ ପରେ ମସ୍ତିଷ୍କକୁ ସଂକ୍ରମଣ ବ୍ୟାପିଥିବା ଜଣାପଡ଼ିଥିଲା। ଚିକିତ୍ସା ପରେ ତାଙ୍କୁ କିଛି ସମୟ ଛୁଟି ମିଳିଥିଲା ଏବଂ ସେ ହୋଟେଲ୍‌ରେ ରହୁଥିଲେ। ତେବେ ପ୍ରାୟ ୨୦ ଦିନ ପରେ ସଂକ୍ରମଣ ପୁଣିଥରେ ବୃଦ୍ଧି ପାଇବା ସହିତ ତାଙ୍କୁ ଆଉଥରେ ହସ୍ପିଟାଲ୍‌ରେ ଭର୍ତ୍ତି ହେବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଡେଙ୍ଗୁ ହେବାରୁ ସ୍ଥିତି ଆହୁରି ବିଗିଡ଼ି ଯାଇଥିଲା। ମାର୍ଚ୍ଚ ୨୬ରେ ବୋନ୍ ମାରୋ ଟେଷ୍ଟରୁ ସେ ଏଚ୍ଏଲ୍ଏଚ୍‌ର ଚତୁର୍ଥ ପର୍ଯ୍ୟାୟରେ ଥିବା ଜଣାପଡ଼ିଥିଲା। ଏହି ଅବସରରେ ଆଫଗାନିସ୍ତାନ କ୍ରିକେଟ୍ ଜଗତ ତାଙ୍କୁ ପୂରା ସମର୍ଥନ ଦେଇଥିଲା। ଅସଗର ଆଫଗାନ୍ ଦୁବାଇ ଏବଂ ଦିଲ୍ଲୀ ଯିବାଆସିବା କରିବା ସହିତ ହସ୍ପିଟାଲ୍‌ରେ ତାଙ୍କ ସହ ସମୟ ବିତାଉଛନ୍ତି। ରଶିଦ୍ ଖାନ୍ ମଧ୍ୟ ଡାକ୍ତରଙ୍କ ସମ୍ପର୍କରେ ଅଛନ୍ତି ଏବଂ ତାଙ୍କୁ ଭେଟିଥିଲେ।

ଇତିମଧ୍ୟରେ ଶାପୁର୍‌ଙ୍କ ଓଜନ ୧୪ କିଲୋଗ୍ରାମ ହ୍ରାସ ପାଇଛି। ତାଙ୍କ ଭାଇଙ୍କ ଅନୁସାରେ ନିକଟରେ ତାଙ୍କୁ ଦିଆଯାଇଥିବା ଷ୍ଟେରଏଡ୍ କାମ କରୁଛି ଏବଂ ଏଥିରୁ ଆଶା କରାଯାଉଛି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହୋଇପାରେ।

## ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରେ ବିରୁଷ୍କା



**ନୂଆଦିଲ୍ଲୀ,୨୦।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ର ରୋମାଞ୍ଚ ମଧ୍ୟରେ ସମୟ ବାହାର କରି ଷ୍ଟାର୍ କ୍ରିକେଟର୍ ବିରାଟ କୋହଲି ପତ୍ନୀ ଅନୁଷ୍କା ଶର୍ମାଙ୍କ ସହିତ ଅକ୍ଷୟ ତୃତୀୟାର ପାବନ ମୁହୂର୍ତ୍ତରେ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପରିଦର୍ଶନ କରିଛନ୍ତି। ଉଭୟ ରାଧାକେଳି କୁଞ୍ଜ ଆଶ୍ରମ ପରିଦର୍ଶନ କରି ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ସହିତ ଆଧ୍ୟାତ୍ମିକ ମାର୍ଗଦର୍ଶନ ଲାଭ କରିଥିଲେ। ସୋସିଆଲ୍ ମିଡିଆରେ ଭାଇରାଲ୍ ଏକ ଭିଡିଓରେ ଉଭୟ ଭକ୍ତଙ୍କ ଗହଣରେ ବସି ଗୁରୁଙ୍କ ପ୍ରବଚନ ଶୁଣୁଥିବା ଦେଖିବାକୁ ମିଳିଛି। ବିରାଟ ଓ ଅନୁଷ୍କା ଅକ୍ଷୟ ତୃତୀୟାର ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ବେକରେ ତୁଳସୀ ମାଳ ପିନ୍ଧିଥିଲେ। ଗତ ପାଞ୍ଚମାସରେ ଏହା ବିରାଟ ଓ ଅନୁଷ୍କାର ତୃତୀୟ ଥର ବୃନ୍ଦାବନ ପରିଦର୍ଶନ। ପୂର୍ବରୁ ସେମାନେ ପୁତ୍ର ଅକାୟଙ୍କ ଜନ୍ମଦିନ ପରେ ଆଶୀର୍ବାନ ଗ୍ରହଣ ପାଇଁ ବୃନ୍ଦାପନ ଯାଇଥିଲେ।

## ହକି ଇଣ୍ଡିଆ ସିନିୟର୍ ପୁରୁଷ ଜାତୀୟ କ୍ୟାମ୍ପ ପାଇଁ ୩୬ ନାମ ଘୋଷଣା

**ନୂଆଦିଲ୍ଲୀ,୨୦।୪/ଏଜେନ୍ସି:** ହକି ଇଣ୍ଡିଆ ବେଙ୍ଗାଲୁରୁର ଭାରତୀୟ ଖେଳ ପ୍ରାଧିକରଣ (ସାଇ) ସେଣ୍ଟର୍‌ରେ ଏପ୍ରିଲ୍ ୨୦ରୁ ମେ’ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ସିନିୟର ପୁରୁଷ ଜାତୀୟ କୋଚିଂ କ୍ୟାମ୍ପ ପାଇଁ ସୋମବାର ୩୬ ଜଣ ସମ୍ଭାବ୍ୟ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି କୋଚିଂ କ୍ୟାମ୍ପ୍‌ରେ ଟିମ୍ ସଂଯୋଜନ, ଫିଟ୍‌ନେସ୍ ଏବଂ ମ୍ୟାଚ୍ ପରିସ୍ଥିତି ପରି ଅଭ୍ୟାସ ସେସନ୍ ଆୟୋଜିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ। ଭାରତ ଚଳିତ ବର୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬ର ୟୁରୋପୀୟ ଚରଣ, ବିଶ୍ୱକପ୍ ଏବଂ ଏସିଆନ୍ ଗେମ୍ସରେ ଭାଗ ନେବାକୁ ଥିବାରୁ ଏହି କ୍ୟାମ୍ପ୍ ବହୁ ଗୁରୁତ୍ୱ ବହନ କରୁଛି। କ୍ୟାମ୍ପ୍‌ରେ ସେହି ବିଭାଗଗୁଡ଼ିକ ଚିହ୍ନଟ କରାଯିବ, ଯେଉଁଥିରେ ଟିମ୍‌କୁ ଆହୁରି ଉନ୍ନତ ହେବାର ଆବଶ୍ୟକତା ରହିଛି। ଏହି କ୍ୟାମ୍ପ୍ ପାଇଁ ପାଞ୍ଚଜଣ ଓଡ଼ିଆ ଖେଳାଳି ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ୍ ଲାକ୍ରା, ରୋସନ୍ କୁଜୁର ଏବଂ ଶିଳାନନ୍ଦ ଲାକ୍ରାଙ୍କୁ ସୁଯୋଗ ମିଳିଛି।

## ନ୍ୟୁଜିଲାଣ୍ଡକୁ ୬ ୱିକେଟ୍‌ରେ ହରାଇଲା ବାଂଲାଦେଶ

**ଢାକା,୨୦।୪/ଏଜେନ୍ସି:** ଢାକାର ଶେର୍-ଏ-ବାଂଲା ନାସ୍‌ନାଲ୍ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ବାଙ୍ଲାଦେଶ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୬ ୱିକେଟ୍‌ରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୮.୪ ଓଭର୍‌ରେ ୧୯୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ ୩୫.୩ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ନ୍ୟୁଜିଲାଣ୍ଡ ଲଗାତାର ୱିକେଟ୍ ହରାଇ ଚାଲିଥିଲା। ତେବେ ଗୋଟିଏ ପଟେ ନିକ୍ କେଲୀ ଇନିଂସ୍ ସମ୍ଭାଳି ୧୦୨ ବଲ୍‌ରେ ୧୪ ଚୌକା ସହାୟତାରେ ୮୩ ରନ୍ କରିଥିଲେ। ତାଙ୍କ ବ୍ୟତୀତ କୌଣସି ବ୍ୟାଟର୍ ବଡ଼ ଇନିଂସ୍ ଖେଳିପାରି ନଥିଲେ। ହେନରୀ ନିକୋଲାସ (୧୩), ୱିଲ୍ ୟଙ୍ଗ୍ (୨) ଏବଂ କ୍ୟାପ୍‌ଟେନ୍ ଟମ୍ ଲାଥମ୍ (୧୪) ଶୀଘ୍ର ଆଉଟ୍ ହୋଇଥିଲେ। ମଧ୍ୟକ୍ରମରେ ମହମ୍ମଦ ଆବ୍ବାସ୍ (୧୯) ଏବଂ ଡିନ୍ ଫକ୍ସକ୍ରଫ୍ଟ (୧୫) ମଧ୍ୟ ବେଶୀ ସମୟ ତିଷ୍ଠିପାରି ନଥିଲେ। ନିମ୍ନକ୍ରମରେ ନାଥନ୍ ସ୍ମିଥ୍ ୧୮ ରନ୍ କରି ଆଉଟ୍ ହୋଇଥିଲେ। ବାଂଲାଦେଶ ପକ୍ଷରୁ ନାହିଦ୍ ରାଣା ୫ ୱିକେଟ୍ ହାସଲ କରିଥିବା ବେଳେ ଶୋରିଫୁଲ୍ ଇସ୍‌ଲାମ୍ ୨ଟି ୱିକେଟ୍ ନେଇଥିଲେ। ୧୯୯ ରନ୍‌ର ପିଛା କରୁଥିବା ବାଂଲାଦେଶ ଶୀଘ୍ର ସେଫ୍ ହସନ୍ (୮) ଏବଂ ସୌମ୍ୟ ସରକାର (୮)ଙ୍କୁ ୱିକେଟ୍ ହରାଇଥିଲା। ଏହାପରେ ତଞ୍ଜିଦ୍ ହସନ୍ ତମିମ୍ ଏବଂ ନଜମୁଲ୍ ହୁସେନ୍ ଶାନ୍ତୋ ଇନିଂସ୍ ସମ୍ଭାଳି ୩ୟ ୱିକେଟ୍ ପାଇଁ ୧୨୦ ରନ୍‌ର ପାର୍ଟନର୍‌ଶିପ୍ କରିଥିଲେ। ତମିମ୍ ୫୮ ବଲ୍‌ରେ ୧୦ ଚୌକା ଓ ୪ ଛକା ସହାୟତାରେ ୭୬ ରନ୍ ଏବଂ ଶାନ୍ତୋ ୭୧ ବଲ୍‌ରେ ୫୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଲିଟନ୍ ଦାସ (୭) ଶସ୍ତାରେ ଆଉଟ୍ ହୋଇଥିଲେ।



## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ



**ବେଙ୍ଗାଲୁରୁ, ୨୦।୪/ଏଜେନ୍ସି:** କର୍ଣ୍ଣାଟକର ହାଭେରୀ ସହରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାଟି ମହାତ୍ମା ଗାନ୍ଧୀ ରୋଡ୍‌ରେ ଘଟିଛି। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ପ୍ରତିମୂର୍ତ୍ତିକୁ କ୍ଷତି ପହଞ୍ଚାଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ହାଭେରୀ ପୁଲିସ୍ ଅଧୀକ୍ଷକ ଏବଂ ଏକ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଯାଞ୍ଚ କରିଛନ୍ତି। ଏବଂ ୨ ଫୁଟ ଉଚ୍ଚତା ବିଶିଷ୍ଟ କ୍ଷତିଗ୍ରସ୍ତ ପ୍ରତିମାକୁ ଜବତ କରି ଅଧିକ ତଦନ୍ତ ପାଇଁ ଥାନାକୁ ନେଇଛି। ପୁଲିସ୍ ଏହି ଘଟଣାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛି। ତଦନ୍ତ ପାଇଁ ସହରର ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଘଟଣା ଘଟିଥିବା ସ୍ଥାନରେ କ୍ୟାମେରା ବନ୍ଦ ଥିବା ଜଣାପଡିଛି।

**ଆଗକୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ: ସାମ୍ନାକୁ ଆସିଲା ଏଡିଆର୍ ରିପୋର୍ଟ**

## ୨୩% ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା

**କୋଲକାତା, ୨୦।୪/ଏଜେନ୍ସି:** ଆଗକୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ। ସବୁ ରାଜନୈତିକ ଦଳ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଛିଡା କରାଇଛନ୍ତି। ତେବେ ପ୍ରାର୍ଥୀମାନଙ୍କ ଦ୍ୱାରା ଦାଖଲ ସତ୍ୟପାଠ ଆଧାରରେ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ଏକ ରିପୋର୍ଟ ପ୍ରସ୍ତୁତ କରିଛି। ତେବେ ଏବେ ଯେତେବେଳେ ଏହି ରିପୋର୍ଟ ସାମ୍ନାକୁ ଆସିଛି ଏଥିରୁ ଅନେକ ଚାଞ୍ଚଲ୍ୟକର ତଥ୍ୟ ଉଜାଗର ହୋଇଛି।



ରିପୋର୍ଟ ଅନୁସାରେ ଏଥର ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ୍ ୨୯୨୦ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ୨୩% ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେଥିମଧ୍ୟରୁ ବିଜେପିର ସର୍ବାଧିକ ୨୦୮ ଜଣ ପ୍ରାର୍ଥୀ ଅଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ୧୯୨ ଜଣ ପ୍ରାର୍ଥୀଙ୍କ ନାମରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ସେହିପରି ଏମାନଙ୍କ ମଧ୍ୟରୁ ୬୩୦ ଜଣ କୋଟିପତି ପ୍ରାର୍ଥୀ ସାଜିଛନ୍ତି। ହାରାହାରି ଜଣେ ପ୍ରାର୍ଥୀଙ୍କ ସମ୍ପତ୍ତି ୧.୨୮ କୋଟି ଟଙ୍କା। କ୍ଷମତାସୀନ ଟିଏମ୍‌ସିର ସବୁଠାରୁ ଅଧିକ ୭୨% ପ୍ରାର୍ଥୀ କୋଟିପତି ଥିବାବେଳେ ବିଜେପିର ୪୯% ପ୍ରାର୍ଥୀ ଏହି ବର୍ଗରେ ଅଛନ୍ତି। ସେହିପରି ୫୩% ପ୍ରାର୍ଥୀ ଗ୍ରାଜୁଏଟ୍ ନୁହନ୍ତି (୪୮% ପ୍ରାର୍ଥୀ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି)। ନିର୍ବାଚନରେ ମାତ୍ର ୧୩% ମହିଳାଙ୍କୁ ଟିକେଟ୍ ମିଳିଛି। ସୂଚନାଯୋଗ୍ୟ ଆସନ୍ତା ୨୩ ତାରିଖ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ଏବଂ ମେ ୪’ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ।

ପ୍ରଚାର ମୈଦାନରେ ଟିଏମ୍‌ସି ଏବଂ କଂଗ୍ରେସ ଜୋରଦାର ପ୍ରଚାର କରୁଥିବା ବେଳେ ବିଜେପି ମଧ୍ୟ ଏଠାରେ ବିଭିନ୍ନ ମୁଦ୍ଦା ଉଠାଇ ମମତା ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଠାରୁ ଆରମ୍ଭ କରି ବିଜେପିର ଅନେକ ହାଇଭୋଲ୍‌ଟେଜ୍ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି। ମୋଟାମୋଟି ଚଳିତ ନିର୍ବାଚନରେ ବିଜେପି ଏବଂ ଟିଏମ୍‌ସି ମଧ୍ୟ ଲଢ଼େଇ ଜୋରଦାର ହେବାକୁ ଯାଉଛି। କଂଗ୍ରେସ ପକ୍ଷରୁ ଅଧକ୍ଷ ମଲ୍ଲିକାର୍ଜୁନ ଖର୍ଗେ ଆଜି ପଶ୍ଚିମବଙ୍ଗର ବିଭିନ୍ନ ପ୍ରାନ୍ତରେ ପ୍ରଚାର କରିଛନ୍ତି। ତେବେ ସେ ଶାସକ ଦଳ ଟିଏମ୍‌ସି ବିରୋଧରେ ପଦୁଟିଏ କହିନାହାନ୍ତି।

## ଜାପାନ୍‌ରେ ୭.୪ ତୀବ୍ରତାର ଭୂକମ୍ପ, ସୁନାମି ଚେତାବନୀ

**ଟୋକିଓ,୨୦।୪/ଏଜେନ୍ସି:** ସୋମବାର ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଯାଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୪ ରେକର୍ଡ କରାଯାଇଛି। ରିପୋର୍ଟ ଅନୁଯାୟୀ, ଉତ୍ତର ଜାପାନର ଉପକୂଳରେ ଏହି ଭୂମିକମ୍ପ ଘଟିଛି। ଏହାକୁ ସାମ୍ପ୍ରତିକ ସମୟରେ ଏହି ଅଞ୍ଚଳରେ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି। ଭୂମିକମ୍ପ ପରେ ସୁନାମି ଚେତାବନୀ ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ, ଉତ୍ତର ଜାପାନର ସାନରିକୁ ଉପକୂଳ ନିକଟରେ ସ୍ଥାନୀୟ ସମୟ ପ୍ରାୟ ଅପରାହ୍ନ ୪:୫୩ ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ରତଟ ତଳେ ପ୍ରାୟ ୧୦ କିଲୋମିଟର (୬ ମାଇଲ) ଗଭୀରତାରେ ଅବସ୍ଥିତ ରହିଥିବା କୁହାଯାଉଛି। ଜାପାନର ସାର୍ବଜନୀନ ପ୍ରସାରକ, ଏନ୍ଏଚ୍‌କେ ରିପୋର୍ଟ



କରିଛି ଯେ ଏହି ଅଞ୍ଚଳରେ ୩ ମିଟର (୧୦ ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ସୁନାମି ଆସିବାର ଆଶଙ୍କା ରହିଛି ଏବଂ ଏହା ଖୁବ୍ ଶୀଘ୍ର ଏହି ଅଞ୍ଚଳକୁ ପ୍ରଭାବିତ କରିପାରେ। ସୁନାମି ସତର୍କତା ଜାରି କରାଯାଇଛି ଏବଂ କର୍ତ୍ତୃପକ୍ଷ ସ୍ଥାନୀୟ ବାସିନ୍ଦାଙ୍କୁ ସତର୍କ ରହିବାକୁ ଏବଂ ଉଚ୍ଚ ଭୂମିକୁ ଯିବାକୁ ପରାମର୍ଶ ଦେଇଛନ୍ତି। ଏହି ସମୟରେ, ଜରୁରୀକାଳୀନ ସେବା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଧିକାରୀମାନେ ସମ୍ଭାବ୍ୟ କ୍ଷୟକ୍ଷତିର ଆକଳନ କରିବା ସହିତ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra